


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୨୨ ଜୁଲାଇ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 22 JULY 2021
Vol.No. 32 ■ No. 186 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# କେନ୍ଦ୍ର ବିରୋଧରେ ମମତାଙ୍କ ଅଭିଯୋଗ

## କରାଯାଉଛି କେନ୍ଦ୍ରୀୟ ଏଜେନ୍ସିର ଅପବ୍ୟବହାର



ନୂଆଦିଲ୍ଲୀ,୨୧/୦୭: ତୃଣମୂଳ ଶହିଦ ଦିବସରେ ଆଜି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି । ଏହି ଅବସରରେ ଏକ ଭର୍ଚୁଆଲ ସଭାରେ ମମତା କହିଛନ୍ତି କି ଦେଶବାସୀଙ୍କ ଆର୍ଶୀବାଦ ଓ ପଶ୍ଚିମବଙ୍ଗବାସୀଙ୍କ ଭୋଟ ମୋତେ ପୁଣିଥରେ ଲୋକଙ୍କ ସେବା କରିବାକୁ ନିର୍ବାଚିତ କରିଛନ୍ତି । ସଭାରେ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ଟାର୍ଗେଟ କରିଛନ୍ତି ମମତା ବାନାର୍ଜୀ । କେନ୍ଦ୍ର ସରକାର କେନ୍ଦ୍ରୀୟ ଏଜେନ୍ସିଙ୍କୁ ବ୍ୟବହାର କରି ବିରୋଧୀଙ୍କ ସ୍ୱରକୁ ଚାପିଦେବାକୁ ପ୍ରୟାସ କରୁଛନ୍ତି । ଏହାସହ ଦେଶର ବିକାଶ ପାଇଁ କୃଷକ, ଶିକ୍ଷ, ମହିଳା, ଛୋଟ ପିଲା, ଦଳିତ ମାନଙ୍କର ବିକାଶର ଆବଶ୍ୟକ ଥିବା ବେଳେ କେନ୍ଦ୍ର ସରକାର ତାହା କରିବାରେ ବିଫଳ ହୋଇଛନ୍ତି ବୋଲି ମମତା ଅଭିଯୋଗ କରିଛନ୍ତି । ଅନ୍ୟପଟେ ଯେଉଁ ମାନେ ଦେଶର ସବୁ ବର୍ଗର ଲୋକଙ୍କ ବିକାଶ ପାଇଁ କାମ କରୁଛନ୍ତି , ସେମାନଙ୍କ ବିରୋଧରେ କେନ୍ଦ୍ରୀୟ ଏଜେନ୍ସିର ଅପ ବ୍ୟବହାର କରି ସେମାନଙ୍କୁ ହଇରାଣ କରୁଛନ୍ତି ବୋଲି ମମତା ଅଭିଯୋଗ କରିଛନ୍ତି । ଅନ୍ୟପଟେ ପେଗାସସ୍ ମାମଲାକୁ ନେଇ ମମତା କହିଛନ୍ତି କି ଆମ ମାନଙ୍କର ଫୋନ ଟ୍ୟାପିଂ ହେଉଛି । ତେଣୁ ମୁଁ ମୋ ଫୋନ ଫ୍ଲାଇଟ ମୋଡ କରିଦେଇଛି ବୋଲି ସେ କହିଛନ୍ତି । ସେ କେନ୍ଦ୍ର ବିରୋଧରେ ଏକ ସଂଗୀନ ଅଭିଯୋଗ ଆଣି କହିଛନ୍ତି କି ପେଗାସସ୍ ମାଧମରେ ସରକାର ନିଜ ସରକାରର ମନ୍ତ୍ରୀ , ଗଣମାଧମ ଓ ନିର୍ବାଚନ ପ୍ରକ୍ରିୟା ଉପରେ ନଜର ରଖି ଗଣତନ୍ତ୍ରର ହତ୍ୟା କରିଛନ୍ତି । ଏହାସହ ଏହି ସଭାରେ ମମତା କେନ୍ଦ୍ର ରାଜନୀତିରେ ପାଦ ଥାପୁଥିବା ନେଇ ସୂଚନା ଦେଇଛନ୍ତି । ସେ କହିଛନ୍ତି କି ସାଧାରଣ ନିର୍ବାଚନକୁ ୩ ବର୍ଷ ବାକିଥିବା ବେଳେ ସେ ଏବେ ଠାରୁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି । କରୋନା କଟକଣା କୋହଳ ହେବା ପରେ ସେ କୋଲକତାର ବ୍ରିଗେଡ ଗ୍ରାଉଣ୍ଡରେ ଅନେକ ରାଜନୈତିକ ଦଳର ନେତାଙ୍କୁ ନେଇ ଏକ ବିଶାଳ ସଭାର ଆୟୋଜନ କରିବେ ବୋଲି କହିଛନ୍ତି । ଏହାସହ ସେ କହିଛନ୍ତି କି ବିଜେପିକୁ ଶାସନ ଗାଦିରୁ ନ ହଟାଇବା ଯାଏଁ ଶାନ୍ତିରେ ନିଶ୍ୱାସ ମାରିବେ ନାହିଁ ।

# ପଞ୍ଜାବ କଂଗ୍ରେସ ଦୁଇଫାଳ

## ଆଜି ଦୁଇ ନେତାଙ୍କ ଶକ୍ତି ପ୍ରଦର୍ଶନ, ସିଦ୍ଧୁଙ୍କ ବାସଭବନରେ ପହଂଚିଲେ ୬୨



ନୂଆଦିଲ୍ଲୀ,୨୧/୦୭ (ନି.ପ୍ର): ଆସନ୍ତା ବର୍ଷ ପଞ୍ଜାବରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ବେଳେ ଏବେ ବି କଂଗ୍ରେସ କନ୍ଦଳ ମେଣ୍ଟିବାର ନା ନେଉନି । ପଞ୍ଜାବ କଂଗ୍ରେସର ଅଧ୍ୟକ୍ଷ ଭାବେ ସିଦ୍ଧୁ ମନୋନୀତ ହେବା ପରେ ସେ ନିଜର ସମର୍ଥକଙ୍କୁ ଭେଟିବାରେ ଲାଗିଛନ୍ତି । ସେପଟେ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ତାଙ୍କ ଦୁର୍ଗ ମଜବୁତ କରିବାକୁ ପ୍ରୟାସ ଜାରି ରଖିଛନ୍ତି । ଏହି କ୍ରମରେ ଆଜି ଦୁଇ ନେତା ନିଜର ଶକ୍ତି ପ୍ରଦର୍ଶନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହି କ୍ରମରେ ଆଜି ସିଦ୍ଧୁ ଅମୃତସର ବାସଭବନରେ କଂଗ୍ରେସ ବିଧାୟକ ମାନଙ୍କ ପାଇଁ ଏକ ଭୋଜିର ବ୍ୟବସ୍ଥା କରିଥିବା ବେଳେ ତାଙ୍କ ପାଖରେ ୬୨ ଜଣ ବିଧାୟକଙ୍କ ସମର୍ଥନ ଥିବା ଦାବି କରିଛନ୍ତି । ଗତକାଲି ସିଦ୍ଧୁ ଅମୃତସରରେ ପହଂଚିବା ପରେ ତାଙ୍କୁ ଜୋରଦାର ସ୍ୱାଗତ କରାଯାଇଥିବା ଦେଖିବାକୁ ମିଳିଥିଲା । ଅନ୍ୟପଟେ ମୁଖ୍ୟମନ୍ତ୍ରୀ କ୍ୟାପଟେନ୍ ଅମରିନ୍ଦର ସିଂ ଆଜି ଦଳୀୟ ବିଧାୟକ ଓ ସାଂସଦଙ୍କ ପାଇଁ ଏକ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମର ଆୟୋଜିତ କରିଛନ୍ତି । ହେଲେ ଏହି କାର୍ଯ୍ୟକ୍ରମକୁ ସିଦ୍ଧୁଙ୍କୁ ଆମନ୍ତ୍ରଣ କରାଯାଇ ନାହିଁ । ଏହି ଭୋଜି କାର୍ଯ୍ୟକ୍ରମ ମାଧମରେ କ୍ୟାପଟେନ୍ କେନ୍ଦ୍ରୀୟ ନେତୃତ୍ୱଙ୍କୁ କିଛି ସନ୍ଦେଶ ଦେବେ ବୋଲି ଅନୁମାନ କରାଯାଉଛି । କହିରଖୁ କି ସିଦ୍ଧୁ ରାଜ୍ୟ କଂଗ୍ରେସର ଅଧ୍ୟକ୍ଷ ଭାବେ ନିର୍ବାଚିତ ହେବା ପରେ ବି କ୍ୟାପଟେନ୍ ତାଙ୍କୁ ଶୁଭେଚ୍ଛା ଜଣାଇ ନଥିବାରୁ କେନ୍ଦ୍ରୀୟ ନେତୃତ୍ୱଙ୍କ ନିଷ୍ପତ୍ତିକୁ ନେଇ ଅମରିନ୍ଦର ସିଂ ଖୁସି ନଥିବା ସ୍ପଷ୍ଟ ହୋଇଛି । ଅନ୍ୟପଟେ କ୍ୟାପଟେନ୍ ସ୍ପଷ୍ଟ କରିଛନ୍ତି କି, ଯେତେବେଳେ ପର୍ଯ୍ୟନ୍ତ ସାର୍ବଜନୀକ ଭାବେ ସିଦ୍ଧୁ ତାଙ୍କୁ କ୍ଷମା ମାଗି ନାହାନ୍ତି ସେତେବେଳ ପର୍ଯ୍ୟନ୍ତ ସେ ସିଦ୍ଧୁଙ୍କୁ ଭେଟିବେ ନାହିଁ ।

## ପ୍ରିୟଙ୍କା ମୃତ୍ୟୁ ମାମଲାରେ ପୁଲିସ ପାଇଲା ପ୍ରମାଣ : ଅଭିଯୁକ୍ତ ଜଗନ୍ନାଥ କରିଛି ହତ୍ୟା

ଭୁବନେଶ୍ୱର,୨୧/୦୭(ନି.ପ୍ର): ଭୁବନେଶ୍ୱର ଭୀମଟାଙ୍ଗୀର ପ୍ରିୟଙ୍କା ହତ୍ୟା ମାମଲା ଉପରୁ ପରଦା ହଟିଛି । ଅଭିଯୁକ୍ତ ଜଗନ୍ନାଥ ପ୍ରଧାନ ହସ୍ପିଟାଲରୁ ଡିସଚାର୍ଜ ହେବା ପରେ ପୁଲିସ ତାକୁ ଏୟାରଫିଲ୍ଡ ଥାନାକୁ ଆଣି ଜେରା କରିଛି ଆଉ ପୁଲିସ ଆଗରେ ଜଗନ୍ନାଥ ପ୍ରିୟଙ୍କାଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଛି । ପ୍ରିୟଙ୍କାଙ୍କୁ କାହିଁକି ହତ୍ୟା କଲା, କିପରି ହତ୍ୟା କଲା ପୁଲିସ ଆଗରେ ଜେରା ବେଳେ ଗୋଟି ଗୋଟି କରି କହିଛି ଜଗନ୍ନାଥ । ପ୍ରେମରେ ବିଫଳତା ପରେ ପ୍ରିୟଙ୍କା ଓ ତା କୁନି ପିଲାକୁ ହତ୍ୟା ଯୋଜନା କରିଥିଲା ଅଭିଯୁକ୍ତ । ଭୁବନେଶ୍ୱର ▶▶ପୃଷ୍ଠା ୭

# ପ୍ରଥମେ ପ୍ରାଇମେରୀ ସ୍କୁଲ ଖୋଲିବା ପାଇଁ ପରାମର୍ଶ ଦେଲା ଆଇସିଏମଆର

## ଡିଜି କହିଲେ, ଭୂତାଣୁ ସହ ଠିକ୍ ମୁକାବିଲା କରିପାରିବେ ଛୋଟ ପିଲା



ଭୁବନେଶ୍ୱର,୨୧/୦୭(ନି.ପ୍ର): ଦେଶରେ ସିରୋ ସର୍ଭେ ପରେ ଆଇସିଏମଆର ଡିଜିଙ୍କ ବଡ ସୂଚନା । ସେ କହିଛନ୍ତି, ଯଦି ସ୍କୁଲ ଖୋଲିବା ଉପରେ ବିଚାର କରାଯିବ, ତେବେ ପ୍ରଥମେ ଦେଶରେ ପ୍ରାଇମେରି ସ୍କୁଲ ଖୋଲିବା ଉଚିତ୍ । ସ୍ୱାସ୍ଥ୍ୟମନ୍ତ୍ରାଳୟର ସାମ୍ବାଦିକ ସମ୍ମିଳନୀରେ ଆଇସିଏମଆର ଡିଜି ଡାକ୍ତର ବଳରାମ ଭାର୍ଗବ କହିଛନ୍ତି ବୟସ୍କଙ୍କ ତୁଳନାରେ ପିଲାଙ୍କ ଠାରେ ସଂକ୍ରମଣକୁ ସହିବାର ଶକ୍ତି ଅଧିକ ରହିଛି । ସିରୋ ସର୍ଭେରୁ ଜଣାପଡିଛି ପିଲାଙ୍କ ପାଖରେ ରୋଗ ପ୍ରତିରୋଧକ ଶକ୍ତି ବେଶ ଭଲ ରହିଛି । ଯଦି ସବୁ ପ୍ରକାର ବ୍ୟବସ୍ଥା କରାଯାଏ, ତାହାଲେ ସ୍କୁଲ ଖୋଲିବାରେ କୌଣସି ଅସୁବିଧା ନାହିଁ । ତୃତୀୟ ଲହରରେ ଛୋଟ ପିଲାଙ୍କୁ ନେଇ ଅଧିକ ଆଶଙ୍କା ରହିଛି ବୋଲି କୁହାଯାଉଥିଲା । ଏବେ କିନ୍ତୁ ଆଇସିଏମଆରର ଡିଜି ଠିକ ଓଲଟା କଥା କହିଛନ୍ତି । ଏବେ ସେ କହିଛନ୍ତି, ଛୋଟ ପିଲାମାନେ କରୋନା ସଂକ୍ରମଣକୁ ଉଚିତ ମୁକାବିଲା କରିପାରିବେ । ଅର୍ଥାତ, ଆଇସିଏମଆର କହିବାକୁ ଚାହୁଁଛି ଯେ ଏବେ ଛୋଟ ପିଲାଙ୍କୁ ନେଇ ଆଶଙ୍କା କରିବାର ବିଶେଷ କିଛି କାରଣ ନାହିଁ । ତେବେ ଡିଜି ବଳରାମ ଭାର୍ଗବ କହିଛନ୍ତି, ସ୍କୁଲର ସମସ୍ତ କର୍ମଚାରୀଙ୍କୁ ଟିକା ଦେବା ପରେ ହିଁ ଏ କଥା ବିଚାର କରିବା ଦରକାର ।

# ‘ଆକାଶ’ କ୍ଷେପଣାସ୍ତ୍ର ପରୀକ୍ଷା



ବାଲେଶ୍ୱର,୨୧/୦୭ (ନି.ପ୍ର): ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା ଉନ୍ନୟନ ସଂସ୍ଥାନ ‘ଡିଆରଡିଓ’ ପକ୍ଷରୁ ନ୍ୟୁ ଜେନେରେସନ ମଧ୍ୟମ ଦୂରଗାମୀ ‘ଆକାଶ-ଏନଜ’ କ୍ଷେପଣାସ୍ତ୍ର ଆଜି ସଫଳ ପରୀକ୍ଷଣ ହୋଇଯାଇଛି । ମଧ୍ୟାହ୍ନ ୧୨ଟା ୪୫ ସମୟରେ ‘ଆଇଟିଆର’ର ୩ ନମ୍ବର ଲଞ୍ଚ କମ୍ପ୍ଲେକ୍ସରୁ ଏହାକୁ ଉତକ୍ଷେପଣ କରାଯାଇଥିଲା । ଭୂପୃଷ୍ଠରୁ ଶୂନ୍ୟକୁ ଉତକ୍ଷେପଣ କରାଯାଉଥିବା ଏହି ‘ଆକାଶ’ କ୍ଷେପଣାସ୍ତ୍ରର ଲମ୍ବ୫୭୮ ସେମି, ମୋଟେଇ ୩୫ ସେମି ଓ ଓଜନ ୭୨୦ କିଲୋଗ୍ରାମ । ଏହା ୬୦ କିଲୋଗ୍ରାମ ଓଜନର ଯୁଦ୍ଧାସ୍ତ୍ର ବହନ ସହ ୭୦ କିମି ଦୂର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିଥାଏ । ତେବେ ଆଜିର ଏହି ସଫଳ ଉତକ୍ଷେପଣକୁ ନେଇ ଡିଆରଡିଓ ଏବଂ ଆଇଟିଆରର ବୈଜ୍ଞାନିକ, କ୍ଷେପଣାସ୍ତ୍ର ବିଶେଷଜ୍ଞଙ୍କ ମଧ୍ୟରେ ଖୁସୀର ଲହରି ଖେଳିଯାଇଛି ।

# ୨୬ରୁ ଖୋଲିବ ହଷ୍ଟେଲ୍



ଭୁବନେଶ୍ୱର,୨୧/୦୭ (ନି.ପ୍ର): ଆସନ୍ତା ୨୬ ତାରିଖ ଠାରୁ ଉଭୟ ଦଶମ ଓ ଦ୍ୱାଦଶ ଶ୍ରେଣୀର ପିଲାଙ୍କ ପାଇଁ ହଷ୍ଟେଲ ଗୁଡ଼ିକ ଖୋଲିବ । ଏନେଇ ରାଜ୍ୟ ସରକାରଙ୍କ ଅତିରିକ୍ତ ସଚିବ ଡା. ପ୍ରତାପ କୁମାର ମିଶ୍ର ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା ପରିଷଦର ଅଧ୍ୟକ୍ଷ ଏବଂ ମାଧ୍ୟମିକ ଶିକ୍ଷା ବୋର୍ଡର ସଭାପତିଙ୍କୁ ଚିଠି ଲେଖିଛନ୍ତି । ରାଜ୍ୟ ସରକାରଙ୍କ ଘୋଷଣା ଅନୁସାରେ ଘରୋଇ ସଂସ୍ଥା ପରିଚାଳିତ ଇଂଲିଶ ମିଡିୟମ ସ୍କୁଲ, ଗଣଶିକ୍ଷା, ଏସ୍/ଏସ୍‌ଟି ଓ ପଛୁଆ ବର୍ଗ ପରିଚାଳିତ ହଷ୍ଟେଲ ଖୋଲିବ । ହଷ୍ଟେଲ ଖୋଲିବା ନେଇ ଗଣଶିକ୍ଷା ବିଭାଗ ପକ୍ଷରୁ ଏସ୍ଓପି ଜାରି ହୋଇଛି । ନିର୍ଦ୍ଦିଷ୍ଟ ବ୍ୟବଧାନରେ ▶▶ପୃଷ୍ଠା ୭

## ପୋଲିସ କର୍ମୀଙ୍କ ଘରେ ପଶି ଗୁଳି ଚଳାଇଲେ ଆତଙ୍କବାଦୀ

ଭୁବନେଶ୍ୱର,୨୧/୦୭(ନି.ପ୍ର): ଅନନ୍ତନାଗ ଜିଲ୍ଲାର କୋକାଗୁଣ୍ଡ ବେରୀନାଗ ଅଂଚଳରେ ମଙ୍ଗଳବାର ବିଳମ୍ବିତ ରାତିରେ ଆତଙ୍କବାଦୀ ମାନେ ସଜ୍ଜାଦ ଅହମ୍ମଦ ନାମକ ଜଣେ ପୋଲିସ କର୍ମୀଙ୍କ ଘରେ ପଶି ତାଙ୍କ ପତ୍ନୀ ନାହିଦା (୩୮) ଓ ଝିଅ ମଝିୟା (୧୬)ଙ୍କ ଉପରକୁ ଗୁଳି ଚଳାଇଥିଲେ । ଘଟଣାରେ ଉଭୟ ଗୁରୁତର ଭାବେ ଆହତ ହୋଇଛନ୍ତି । ଉଭୟଙ୍କୁ ଚିକିତ୍ସା ନିମନ୍ତେ ଅନନ୍ତନାଗ ଜିଲ୍ଲା ହସ୍ପିଟାଲରେ ଭର୍ତି କରାଯାଇଛି । ଦୁହିଁଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି । ଘଟଣା ପରେ ଆତଙ୍କବାଦୀ ମାନେ ସେଠାରୁ ଫେରାର୍ ହୋଇଯାଇଛନ୍ତି । ସୂଚନା ଅନୁସାରେ, ଜମ୍ମୁ କଶ୍ମୀର ପୋଲିସର ଯବାନ ସଜ୍ଜାଦ ଅହମ୍ମଦ ମଲିକ ଛୁଟୀରେ ଘରକୁ ଆସିଥିଲେ । ସେ ଜମ୍ମୁର ଗାନ୍ଧୀନଗର ଥାନାରେ ମୁତୟନ ଅଛନ୍ତି । ତେବେ ଆତଙ୍କବାଦୀଙ୍କ ଏହି ଆକ୍ରମଣ ସମୟରେ ଯବାନ ଜଣକ ଘରେ ନଥିଲେ । ତେଣୁ ସେ ଏହି ଗୁଳିକାଣ୍ଡରୁ ଅଳ୍ପକେ ବର୍ତି ଯାଇଛନ୍ତି । ଘଟଣା ପଛରେ ଆତଙ୍କବାଦୀ ସଂଗଠନ ଜୈଶ-ଏ -ମହମ୍ମଦର ହାତଥିବା କୁହାଯାଉଛି ।

# ଐଶ୍ୱର୍ଯ୍ୟ ଓ ଦିବ୍ୟ ସୁନାବେଶ ଦେଖି ଭକ୍ତ ବିଭୋର ମହଣ ମହଣ ସୁନାରେ ଝଲସିଲେ ମହାବାହୁ



ପୁରୀ,୨୧/୦୭ (ନି.ପ୍ର): ରଥଯାତ୍ରା ର ଅନ୍ତିମ ପର୍ଯ୍ୟାୟରେ ସିଂହଦ୍ୱାର ଠାରେ ତିନି ରଥ ଉପରେ ଆଜି ରାଜାଧିରାଜ , ବଡଚଢଉ ଓ ସୁନାବେଶ ଅନୁଷ୍ଠିତ ହୋଇଛି । ମହଣ ମହଣ ସୁନାରେ ଦାରୁବ୍ରହ୍ମ ସଜ୍ଜିତ ହେଲା ପରେ ଐଶ୍ୱର୍ଯ୍ୟ ଓ ଦିବ୍ୟ ବେଶ ଦେଖି ଭକ୍ତ ବିଭୋର ହୋଇଛନ୍ତି । ଶ୍ରୀମନ୍ଦିର ଭିତରେ ଶ୍ରୀଜିଉ ମାନେ ଚାରିଥର ସୁନାବେଶ ହେଉଥିବା ବେଳେ ରଥ ଉପରେ ଆଷଢ ଶୁକ୍ଳ ଏକାଦଶୀ ରେ ସୁନାବେଶ ଅନୁଷ୍ଠିତ ହେଉଛି । ରନ୍ନସିଂହାସନ ରେ ଦଶହରା, କାର୍ତିକ ପୂର୍ଣ୍ଣମୀ, ପୌଷ ପୂର୍ଣ୍ଣମୀ ଓ ଦୋଳ ପୂର୍ଣ୍ଣମୀ ରେ ସୁନାବେଶ ହୋଇଥାଏ । ରହସ୍ୟମୟ ଠାକୁର ଙ୍କ ରହାସ୍ୟମୟ ଲୀଳା ଭକ୍ତମାନଙ୍କୁ ଆଶ୍ଚର୍ଯ୍ୟ କରିଥାଏ । ରଥଉପରେ ସମସ୍ତ ଅଳଙ୍କାର ସୁବର୍ଣ୍ଣ ହୋଇଥିବା ବେଳେ କେବଳ ଆୟୁଧ ଶଙ୍ଖ ରୂପା ରେ ନିର୍ମିତ । ଏହାସହ ଫୁଲରେ ନିର୍ମିତ ହୋଇଥାଏ ଅଧରମାଳ ମାକୁଆସି ଓ ଝୁମ୍ପା । ରଥ ଉପରେ ଆଜି ବିଭିନ୍ନ ନୀତି ଅନୁଷ୍ଠିତ ହୋଇଛି । ସକାଳ ୭ଟା୧୦ ରେ ମଙ୍ଗଳଆଳତୀ, ମଇଲମ, ତଡପଲାଗି, ଅବକାଶ ପୂଜା, ଓ ବେଶ ସକାଳ ୯ଟା୩୦ ରେ ଶେଷ ହୋଇଥିଲା । ୯ଟା୫୫ ରେ ଗୋପାଳ ▶▶ପୃଷ୍ଠା ୭

# ପୁଣି ଦୁଇ ହଜାର ତଳକୁ ଖସିଲା ଦୈନିକ ସଂକ୍ରମଣ




ଭୁବନେଶ୍ୱର,୨୧/୦୭ (ନି.ପ୍ର): ପୁଣି ଦୁଇ ହଜାର ତଳକୁ ଖସିଲା ଦୈନିକ ସଂକ୍ରମଣ । ରାଜ୍ୟରେ ୨୪ଘଂଟା ଭିତରେ ୧୯୨୭ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୧୧୧୫ ଜଣ ସଂଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୮୧୨ ଜଣ ସ୍ଥାନୀୟ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ୨୪ଘଂଟା ଭିତରେ ୭୨ହଜାର ୬୧ଟି ନମୁନା ପରୀକ୍ଷା ହୋଇଥିବା ବେଳେ ପଜିଟିଭ ରେଟ ରହିଛି ୨ଦଶମିକ ୬୭ ପ୍ରତିଶତ । ଖୋର୍ଦ୍ଧାରେ ସର୍ବାଧିକ ୪୯୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଅନୁଗୁଳରୁ ୫୫ ଜଣ, ବାଲେଶ୍ୱରରୁ ୧୧୧ ଜଣ, ବରଗଡ଼ରୁ ୨୭ ଜଣ, ଭଦ୍ରକରୁ ୧୯ ଜଣ, ବଲାଙ୍ଗୀରରୁ ୧୧ ଜଣ, ବୌଦ୍ଧରୁ ୭ ଜଣ, କଟକରୁ ୨୪୮ ଜଣ, ଦେବଗଡ଼ରୁ ୬ ଜଣ, ଢେଙ୍କାନାଳରୁ ୭୫ ଜଣ, ଗଜପତିରୁ ୪ ଜଣ, ଗଞ୍ଜାମରୁ ୧୦ ଜଣ, ଜଗତସିଂହପୁରରୁ ୯୧ ଜଣ, ଯାଜପୁରରୁ ୧୨୩ ଜଣ, ଝାରସୁଗୁଡ଼ାରୁ ୮ ଜଣ, କଳାହାଣ୍ଡିରୁ ୭ ଜଣ, କନ୍ଧମାଳରୁ ୧୮ ଜଣ, କେନ୍ଦ୍ରାପଡ଼ାରୁ ୭୩ ଜଣ, କେନ୍ଦୁଝରରୁ ୩୨ ଜଣ, କୋରାପୁଟରୁ ୮ ଜଣ, ମାଲକାନଗିରିରୁ ୧୮ ଜଣ, ମୟୁରଭଞ୍ଜରୁ ୯୦ ଜଣ, ନବରଙ୍ଗପୁରରୁ୧୫ ଜଣ, ନୟାଗଡ଼ରୁ ୬୪ ଜଣ, ନୂଆପଡ଼ାରୁ ୫ ଜଣ, ପୁରୀରୁ ୧୦୩ ଜଣ, ରାୟଗଡ଼ାରୁ ୨୨ ଜଣ, ସମ୍ବଲପୁରରୁ ୩୩ଜଣ, ସୋନପୁରରୁ ୮, ସୁନ୍ଦରଗଡ଼ରୁ ୩୮ ଓ ଷ୍ଟେଟ ପୁଲରୁ ୧୦୦ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ୬୯ ମୃତ୍ୟୁର ହିସାବ ଦେଇଛନ୍ତି ସରକାର । ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୯୫୯୯୮୬ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ୯୩୫୦୦୭ ଜଣ ସୁସ୍ଥ ହୋଇଛନ୍ତି । ଏବେ ବି ୧୯୬୮୫ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି । ଗତ ୨୪ ଘଣ୍ଟାରେ ୨୩୪୧ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ।

# ୨୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର,୨୧/୦୭(ନି.ପ୍ର): ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ଅନେକ ଜିଲ୍ଲାରେ ପ୍ରବଳ ବର୍ଷା ସହ ବଜ୍ରପାତ ସମ୍ଭାବନା ରହିଛି । ଏଥିପାଇଁ ୨୩ ଟି ଜିଲ୍ଲାକୁ ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣ ଜାରି କରାଯାଇଛି । ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ କଟକ, ଭଦ୍ରକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଖୋର୍ଦ୍ଧା, ପୁରୀ, କୋରାପୁଟ, ମାଲକାନଗିରି, ବାଲେଶ୍ୱର, କନ୍ଧମାଳ, ଯାଜପୁର, ମୟୁରଭଞ୍ଜ ଓ ସୁନ୍ଦରଗଡ଼ ଆଦି ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଏହି ସମୟ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦୁଝର, ମୟୁରଭଞ୍ଜ, ସୁନ୍ଦରଗଡ଼, ଢେଙ୍କାନାଳ, ରାୟଗଡ଼ା, ▶▶ପୃଷ୍ଠା ୭

# ଭିନ୍ନକ୍ଷମ ଶିଶୁ ଚିହ୍ନଟୀକରଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ବାଲେଶ୍ୱର,୨୧/୭ (ନି.ପ୍ର): ରାଜ୍ୟ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ଆସନ୍ତା ୨୫ ତାରିଖରୁ ରାଜରେ ହେବାକୁ ଯାଉଥିବା ୦ ରୁ ୬ ବର୍ଷ ଭିନ୍ନକ୍ଷମ ଶିଶୁଙ୍କ ଚିହ୍ନଟିକରଣ ପରିପ୍ରେକ୍ଷୀରେ ବାଲେଶ୍ୱରରେ ଏକ ପ୍ରଶିକ୍ଷଣ କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ସଦଭାବନା ସମ୍ମିଳନୀ ଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଅଧ୍ୟକ୍ଷତା କରିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସନ୍ତୋଷ କୁମାର ସାବତଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ର ଏବଂ ଭୁବନେଶ୍ୱରରୁ ଆସିଥିବା ପ୍ରଶିକ୍ଷକ ବିପିନ ବିହାରୀ ବେହେରା, ଚନ୍ଦ୍ରଶେଖର ନାୟକ ଓ ମାନସ ରଞ୍ଜନ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲାର ସମସ୍ତ ବ୍ଲକର ସୁପରଭାଇଜର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅଦି ପ୍ରଶିକ୍ଷାର୍ଥୀ ଭାବେ ଏଥିରେ ଉପସ୍ଥିତ ଥିଲେ। ଏହି ଚିହ୍ନଟିକରଣ କାର୍ଯ୍ୟକ୍ରମ ସଫଳତା ଅଙ୍ଗନବାଡ଼ି କର୍ମୀଙ୍କ ଗୁରୁଦାୟିତ୍ୱ ବୋଲି ଅଧିକାରୀମାନେ କହିଥିଲେ। ଏଠାରେ ପ୍ରଶିକ୍ଷଣ ନେଉଥିବା ପ୍ରତ୍ୟେକ ଅଧିକାରୀ ବ୍ଲକ ସ୍ତରରେ ସମସ୍ତ ଅଙ୍ଗନବାଡ଼ି କର୍ମୀମାନଙ୍କୁ ସଠିକ ଭାବରେ ପ୍ରଶିକ୍ଷଣ ପ୍ରଦାନ ପାଇଁ ଜିଲାପାଳ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ଭିନ୍ନକ୍ଷମ ଶିଶୁଙ୍କ ଚିହ୍ନଟିକରଣ ପାଇଁ ନିରୀକ୍ଷଣ ତାଲିକା ପ୍ରସ୍ତୁତିରେ ଜଣେ ବି ଯେପରି ବାଦ ନ ପଡ଼ନ୍ତି ଏବଂ ସମସ୍ତ ତଥ୍ୟ ନିର୍ଭୁଲ ଭାବେ ପୂରଣ କରାଯିବା ନେଇ ଅତିରିକ୍ତ ଜିଲାପାଳ କହିଥିଲେ। ପରେ ମାଷ୍ଟର ଟ୍ରେନରମାନେ ଭିନ୍ନକ୍ଷମର ପ୍ରକାର ଭେଦ, ଚିହ୍ନଟ ପ୍ରକ୍ରିୟା ସମ୍ପର୍କରେ ଦୃଶ୍ୟଶ୍ରାବ୍ୟ ଫଳକ ଜରିଆରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ପୂର୍ବରୁ ଥିବା ୭ ପ୍ରକାର ବଦଳରେ ଏବେ ନିର୍ଣ୍ଣୟ କରାଯାଇଥିବା ୨୧ ପ୍ରକାର ଭିନ୍ନକ୍ଷମତା ଗୁଡିକୁ ଅଙ୍ଗନବାଡି କର୍ମୀମାନେ ଚିହ୍ନଟ କରି ନିରୀକ୍ଷଣ ତାଲିକାକୁ ସୁପରଭାଇଜରମାନଙ୍କୁ ଦାଖଲ କରିବା ପାଇଁ କୁହାଯାଇଥିଲା । ଶାରୀରିକ ଅକ୍ଷମତା, ମସ୍ତିଷ୍କ ପକ୍ଷାଘାତ, ବାମନ, ଏସିଡ୍ ଆକ୍ରମଣର ଶିକାର, ମାଂସପେଶୀ ଜନିତ ଦୁର୍ବଳତା, ବୌଦ୍ଧିକ ଅସାମର୍ଥ୍ୟତା, ରକ୍ତ ଜନିତ ଭିନ୍ନକ୍ଷମତା ଥାଲାସେମିଆ, ହେମୋଫିଲିଆ, ସିକିଲସେଲ୍, ସ୍ନାୟୁଗତ ଅସୁସ୍ଥତା ବହୁବିଧ ଅକ୍ଷମତା ଆଦି ସମସ୍ତ ପ୍ରକାର ଭିନ୍ନକ୍ଷମ ବିଷୟରେ ଲକ୍ଷଣ,କାରଣ ଓ ଚିହ୍ନଟ କାର୍ଯ୍ୟ ଆଦି ସମସ୍ତ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଶୀଘ୍ର ଚିହ୍ନଟ ଓ ଚିକିତ୍ସା ମାଧ୍ୟମରେ ଅକ୍ଷମତା ଦୂର ହୋଇପାରିବ, କେହି କେହି ପୁରା ସୁସ୍ଥ ବି ହୋଇପାରନ୍ତି ବୋଲି ପ୍ରଶିକ୍ଷକମାନେ ମତ ପ୍ରକାଶ କରିଥିଲେ।

# ସ୍ମାର୍ଟ ଶ୍ରେଣୀଗୃହ ପାଇଁ ୫-ଟି ସଚିବଙ୍କ ସହ ଭିଡିଓ କନଫରେନ୍ସିଂରେ ଆଲୋଚନା

ଖୋର୍ଦ୍ଧା,୨୧/୭ (ନି.ପ୍ର): ୫ ଟି ସଚିବ ଭି.କେ ପାଣ୍ଡିଆନ୍ ମଙ୍ଗଳବାର ଭିଡିଓ କନଫରେନ୍ସିଂ ଜରିଆରେ ଖୋର୍ଦ୍ଧା ଜିଲ୍ଲାର ହାଇସ୍କୁଲ୍ ଟ୍ରାନ୍ସଫର୍ମେସନ୍ ( ବିଦ୍ୟାଳୟ ରୂପାନ୍ତରଣ ) କାର୍ଯ୍ୟକ୍ରମରେ ବିଦ୍ୟାଳୟର ବିଭିନ୍ନ ଅଂଶୀଦାର ମାନଙ୍କ ସହ ସିଧାସଳଖ କଥା ହୋଇଛନ୍ତି । ଅତ୍ୟାଧୁନିକ ଭିତିଭୂମି ସୁବିଧା ସହିତ ବିଦ୍ୟାଳୟ ପରିବେଶରେ ସାମଗ୍ରିକ ବିକାଶ ଆଣିବା ଲକ୍ଷ୍ୟରେ ଜିଲ୍ଲାର ୩୮ଟି ବିଦ୍ୟାଳୟରେ ଏହି ଉଚ୍ଚାଭିଳାଷୀ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବ। ଏହି ପରିପ୍ରେକ୍ଷୀରେ ଗତ ଏପ୍ରିଲ ୨୩ ଏପ୍ରିଲ ୨୦୨୧ରେ ୩୨ଟି ବିଦ୍ୟାଳୟ ସହ ଆଲୋଚନା କରିଥିଲେ । ଆଜି ଭୁବନେଶ୍ୱର ମହାନଗର ନିଗମର ଅନ୍ୟ ୬ଟି ସ୍କୁଲ ସହ ଭିଡିଓ କନଫରେନସିଂ ଜରିଆରେ ଆଲୋଚନା କରିଛନ୍ତି । ଏହି ଅବସରରେ, ୫ଟି ସଚିବ, ଖୋର୍ଦ୍ଧାର କଲେକ୍ଟର ସନତ କୁମାର ମହାନ୍ତି, ଡି. ଆର. ଡି. ଏ. ର ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ, ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ଅଧିକାରୀ ବନ୍ଦନା ମହାପାତ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସ୍ନିଗ୍ଧା ମିଶ୍ର, ସମସ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ,ଭୁବନେଶ୍ୱରର ଗୋଷ୍ଠୀ ଶିକ୍ଷା ଅଧିକାରୀ ଏବଂ ୬ ଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଆଲୁମିନି, ଏସଏମସି ସଦସ୍ୟ ଏବଂ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ କଥାବାର୍ତ୍ତା କରିଥିଲେ। ହାଇସ୍କୁଲ ଟ୍ରାନ୍ସଫର୍ମେସନ୍ ପଦକ୍ଷେପର ଏକ ଅଂଶ ଭାବରେ, ବିଦ୍ୟାଳୟଗୁଡ଼ିକ ସ୍ମାର୍ଟ ଶ୍ରେଣୀଗୃହ, ଇ-ଲାଇବ୍ରେରୀ , ସାଇନ୍ସ ଲାବୋରେଟୋରୀ, କ୍ରୀଡା ତଥା କ୍ରୀଡା ଉପକରଣ , ବିଶୁଦ୍ଧ ପାନୀୟ ଜଳ ଆଦି ଅନ୍ୟାନ୍ୟ ଆଧୁନିକ ସୁବିଧା ସହିତ ସଜ୍ଜିତ ହେବ । ବିଦ୍ୟାଳୟ ରୂପାନ୍ତରଣ ଶିକ୍ଷଣ ପରିବେଶରେ ଉନ୍ନତି ତଥା ଶିକ୍ଷାର ମାନ ବିକାଶରେ ସହାୟକ ହେବ ବୋଲି ସମସ୍ତ ଅଂଶୀଦାର ମତବ୍ୟକ୍ତ କରିଥିଲେ । ଖୋର୍ଦ୍ଧା ଜିଲ୍ଲାର ସମସ୍ତ ଅଂଶୀଦାର ସ୍ୱତନ୍ତ୍ର ସ୍ଲୋଗାନ' ବିଦ୍ୟାଳୟ ରୂପାନ୍ତରଣ - ଆମ ସ୍ୱପ୍ନ ପୂରଣ ' ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ୫ଟି ସଚିବ ପ୍ରଯନ୍, ପ୍ରକ୍ରିୟା, ପରିବର୍ତ୍ତନ ଓ ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ଆଣି ପକ୍ଷରିବା ବୋଲି କହିଥିଲେ । ଛାତ୍ରଛାତ୍ରୀମାନେ ଭଲ ମଣିଷ ହୋଇ ଆଗକୁ ବଢ଼ିବା ପାଇଁ ଇଚ୍ଛା ପ୍ରକଟ ସହ ମେଡିକାଲ୍, ଇଞ୍ଜିନିୟରିଂରେ ୧୫ପ୍ରତିଶତ ସଂରକ୍ଷଣ ପାଇଁ ନିଜ ନିଜର ଖୁସି ବ୍ୟକ୍ତ କରିଥିଲେ ଓ ସରକାରଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ ।

## କୌଶଲ୍ୟ ଯୋଜନାରେ ପୌରସଂସ୍ଥାର ସାନିଟାଇଜେସନ୍ କର୍ମୀଙ୍କୁ ବୀମା ପ୍ରଦାନ

କେନ୍ଦ୍ରାପଡ଼ା,୨୧/୭ (ନି.ପ୍ର): ପ୍ରଧାନମନ୍ତ୍ରୀ କୌଶଲ୍ୟ ବିକାଶ ଯୋଜନା ମାଧ୍ୟମରେ ପୌରାଂଚଳରେ କାମ କରୁଥିବା ପ୍ରାୟ ୭୦ ଜଣ ସାନିଟାଇଜେସନ୍ ୱାର୍କର ମାନଙ୍କୁ ବୀମା ପ୍ରଦାନ କରାଯାଇଛି। ଏହି ୭୦ ଜଣ ୱାର୍କର ମାନଙ୍କୁ ଗତ ୩ ମାସ ତଳେ ଅଳିଆ, ଆବର୍ଜନା ସଂଗ୍ରହ କରି କିଭଳି ଏମାନଙ୍କୁ ପୃଥିକରଣ କରାଯିବ ସେନେଇ ସ୍କିଲ୍ ଇଣ୍ଡିଆ ତରଫରୁ ତାଲିମ ପ୍ରଦାନ କରାଯାଇ ଥିଲା । ମଙ୍ଗଳବାର ଏହି ୱାର୍କର ମାନଙ୍କୁ ପୌରସଂସ୍ଥା ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ, ସଂଜୀବ କୁମାର ମହାନ୍ତି ଓ ପୌରସଂସ୍ଥାର ଅନ୍ୟ କର୍ମଚାରୀ ଏହି ୭୦ ଜଣ ୱାର୍କର ମାନଙ୍କୁ ବୀମା ପ୍ରଦାନ କରିଛନ୍ତି । ଏହି ବୀମାରେ ଆକସ୍ମିକ ମୃତ୍ୟୁ ଘଟିଲେ କିମ୍ବା ଦୁର୍ଘଟଣାରେ ସମ୍ମୁଖୀନ ହେଲେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପ୍ରଦାନ କରାଯିବ ବୋଲି ଜଣାପଡିଛି ।

## କଂଗ୍ରେସ ମିଡିଆ ଓ ଯୋଗାଯୋଗରେ ସ୍ଥାନ ପାଇଲେ ଖଡିଆଳ ବିଧାୟକ

ନୂଆପଡା,୨୧/୭ (ନି.ପ୍ର): ଓଡିଶା କଂଗ୍ରେସ କମିଟି ମିଡିଆ ଓ ଯୋଗାଯୋଗ ବିଭାଗରେ ବିଭିନ୍ନ ପଦପଦବୀ ସକାଶେ ବରିଷ୍ଠ କଂଗ୍ରେସ ସଦସ୍ୟଙ୍କ ନାମ ସୁପାରିସ କରିଥିବା ବେଳେ ଅଖିଳ ଭାରତୀୟ କଂଗ୍ରେସ କମିଟିର ଆନ୍ତରିଣ ସଭାନେତ୍ରୀ ସୋନିଆ ଗାନ୍ଧୀ ଏହାକୁ ଅନୁମୋଦନ କରିଛନ୍ତି । ଏହି ତାଲିକାରେ ଗଣେଶ୍ୱର ବେହେରା ସଭାପତି ରହିଥିବା ବେଳେ ଆବାହକ ଭାବରେ ରହିଛନ୍ତି ସତ୍ୟ ପ୍ରକାଶ ନାଏକ। ଏଥିରେ ସଭ୍ୟ ଭାବରେ ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀଙ୍କୁ ମନୋନୀତ କରାଯାଇଛି । ଶ୍ରୀ ପାଣିଗ୍ରାହୀ ସଭାନେତ୍ରୀ ସୋନିଆ ଗାନ୍ଧୀଙ୍କୁ ଧନ୍ୟବାଦ ପୂର୍ବକ ଦେଇଥିବା ଦାୟିତ୍ୱ ନିଷ୍ଠାପର ପାଳନ କରିବେ ବୋଲି କହିଛନ୍ତି ।

## ମିଡିଆ ଓ ଯୋଗାଯୋଗରେ ସ୍ଥାନ ପାଇଲେ ଖଡିଆଳ ବିଧାୟକ

ଖଡିଆଳ, ୨୦୧୭(ନି.ପ୍ର): ଓଡିଶା କଂଗ୍ରେସ କମିଟି ମିଡିଆ ଓ ଯୋଗାଯୋଗ ବିଭାଗରେ ବିଭିନ୍ନ ପଦପଦବୀ ସକାଶେ ବରିଷ୍ଠ କଂଗ୍ରେସ ସଦସ୍ୟଙ୍କ ନାମ ସୁପାରିସ କରିଥିବା ବେଳେ ଅଖିଳ ଭାରତୀୟ କଂଗ୍ରେସ କମିଟିର ଆନ୍ତରିଣ ସଭାନେତ୍ରୀ ସୋନିଆ ଗାନ୍ଧୀ ଏହାକୁ ଅନୁମୋଦନ କରିଛନ୍ତି । ଏହି ତାଲିକାରେ ଗଣେଶ୍ୱର ବେହେରା ସଭାପତି ରହିଥିବା ବେଳେ ଆବାହକ ଭାବରେ ରହିଛନ୍ତି ସତ୍ୟ ପ୍ରକାଶ ନାଏକ। ଏଥିରେ ସଭ୍ୟ ଭାବରେ ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀଙ୍କୁ ମନୋନୀତ କରାଯାଇଛି । ଶ୍ରୀ ପାଣିଗ୍ରାହୀ ସଭାନେତ୍ରୀ ସୋନିଆ ଗାନ୍ଧୀଙ୍କୁ ଧନ୍ୟବାଦ ଦେଇଥିବା ଦାୟିତ୍ୱ ନିଷ୍ଠାପର ପାଳନ କରିବେ ବୋଲି କହିଛନ୍ତି ।

## ଅବକାରୀ ଚଢ଼ଉ

ଖୋର୍ଦ୍ଧା,୨୧/୭ (ନି.ପ୍ର): ଅବକାରୀ ବିଭାଗ ପକ୍ଷରୁ ଆଜି ସକାଳେ ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ସହରରେ ଚଢ଼ଉ କରାଯାଇ ଜଣେ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରାଯାଇଛି । ତା ନିକଟରୁ ୧୦ ଗ୍ରାମ୍ ବ୍ରାଉନସୁଗାର ଜବତ ହୋଇଛି। ସୂଚନା ମୁତାବକ, ଆଜି ସକାଳ ପ୍ରାୟ ୭ଟା ସମୟରେ ଟାଙ୍ଗୀ ଅବକାରୀ ଇନ୍ସପେକ୍ଟର ଆଲୋକ ପ୍ରଧାନ ଏବଂ ବାଲୁଗାଁ ଅବକାରୀ ବିଭାଗ ଏସଆଇ ମନୋଜ ବାରିକ, ବାଲୁଗାଁ ଚକ୍ରଧରପୁର ସାହି ନିକଟରେ ଚଢ଼ଉ କରି ଅଭିଯୁକ୍ତ ଜଣଙ୍କୁ ଗିରଫ କରିଛନ୍ତି । ତା ନିକଟରୁ ୧୦ ଗ୍ରାମ୍ ବ୍ରାଉନସୁଗାର ଜବତ କରିଛି ଅବକାରୀ ବିଭାଗ ।

# ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ଆନୁକୂଲ୍ୟରେ ଭଦ୍ରକ ରେଲୱେ କ୍ରୀଡ଼ାଙ୍ଗନରେ ପିଚ୍ ନିର୍ମାଣ ଓ ଏକାଡ଼େମୀର ଭିତ୍ତି ସ୍ଥାପନ



ଭଦ୍ରକ ,୨୧/୭ (ନି.ପ୍ର): ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ଆନୁକୂଲ୍ୟରେ ଓ ଭଦ୍ରକ ଜିଲ୍ଲା କ୍ରିକେଟ୍ ଆସୋସିଏସନ୍ ସହଯୋଗରେ ପୂର୍ବତଟ ରେଳପଥ କ୍ରୀଡ଼ାଙ୍ଗନରେ ଏକ ଆନ୍ତର୍ଜାତୀୟ ମାନର କ୍ରିକେଟ୍ ପିଚ୍ ନିର୍ମାଣ ଓ ଭଦ୍ରକ ଜିଲ୍ଲା କ୍ରିକେଟ୍ ଏକାଡ଼େମୀର ପ୍ରତିଷ୍ଠା ନିମନ୍ତେ ଏକ ଉଦ୍‌ଘାଟନ ଉତ୍ସବ ଚରମ୍ପାସ୍ଥିତ ଅଗ୍ରୱାଲ୍ ପ୍ୟାଲେସ୍‌ଠାରେ ୧୯ ଜୁଲାଇ ସୋମବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଭଦ୍ରକର ବିଧାୟକ ଶ୍ରୀ ସଂଜୀବ ମଲ୍ଲିକ ଓ ଭଦ୍ରକ ଜିଲ୍ଲା ପ୍ରଶାସନ ମୁଖ୍ୟ ଡ଼ଃ ଜ୍ଞାନ ଦାସ, ଆଇ.ଏ.ଏସ୍. ଅତିଥି ରୂପେ ଯୋଗଦେଇ ଶିଳାନ୍ୟାସ କରିଥିଲେ । ଭଦ୍ରକ ଜିଲ୍ଲା କ୍ରିକେଟ୍ ଆସୋସିଏସନ୍‌ର ସଭାପତି ଉପେନ୍ଦ୍ର କୁମାର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସାଧାରଣ ସମ୍ପାଦକ ଧୀରେନ ପଲାଇ ଜିଲ୍ଲା କ୍ରିକେଟ୍‌ର ସମୃଦ୍ଧି ନିମନ୍ତେ ଏ ପ୍ରକାର ପଦକ୍ଷେପ ନିଆଯାଇଥିବାରୁ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍‌ର ସଂପାଦକ ସଂଜୟ ବେହେରାଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଥିଲେ । ଏହା ସହ ଭଦ୍ରକ ଜିଲ୍ଲାର ଓ.ସି.ଏ. ଅନୁଗୃହିତ 'ଭିଜନ୍-୨୦୨୪'ର ସଫଳ ରୂପାୟନ ନିମନ୍ତେ ଭଦ୍ରକ ଜିଲ୍ଲା କ୍ରିକେଟ୍ ଆସୋସିଏସନ୍ ପୂର୍ଣ୍ଣ ଉଦ୍ୟମ କରିବ ବୋଲି ପ୍ରତିଶୃତି ରଖିଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ୍ରୀଡ଼ାର ପ୍ରସାର ପାଇଁ ପ୍ରାଥମିକତା ଦେଉଥିବାରୁ ବିଧାୟକ ହିସାବରେ ଭଦ୍ରକ ଜିଲ୍ଲାର କ୍ରିକେଟ୍ ସମେତ ସବୁ କ୍ରୀଡ଼ାର ଉନ୍ନତି ପାଇଁ ସମସ୍ତ ପ୍ରକାର ସହଯୋଗ କରିବାକୁ ସେ ପ୍ରସ୍ତୁତ ବୋଲି ବିଧାୟକ ଶ୍ରୀ ମଲ୍ଲିକ ସୂଚନା ଦେଇଥିଲେ । ଭଦ୍ରକରେ କ୍ରୀଡ଼ାର ଅଭିବୃଦ୍ଧି ନିମନ୍ତେ ଜିଲ୍ଲା ପ୍ରଶାସନ ସବୁବେଳେ ଅଗ୍ରାଧିକାର ଦେବ ବୋଲି ଜିଲ୍ଲାପାଳ ଡଃ ଦାସ ପ୍ରତିଶୃତି ଦେଇଥିଲେ । ଭର୍ଚ୍ୟୁଆଲ୍ ମୋଡ୍‌ରେ ଅନୁଷ୍ଠିତ ଏହି ଉତ୍ସବ ବାରବାଟୀ ଷ୍ଟାଡ଼ିୟମ୍‌ରୁ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ଦ୍ୱାରା ସଂଯୋଜିତ ହୋଇଥିଲା । ଓଡ଼ିଶାର କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ପ୍ରମୁଖ କ୍ରୀଡ଼ା ସଚିବ ବିଶାଳ କୁମାର ଦେବ ଆଇ.ଏ.ଏସ୍., ଫୁଟବଲ୍ ଆସୋସିଏନ୍ ଅଫ୍ ଓଡ଼ିଶାର ସମ୍ପାଦକ ଆଶୀର୍ବାଦ ବେହେରା ଅତିଥି ରୂପେ ଯୋଗ ଦେଇ ତୃଣମୂଳ ସ୍ତରରେ କ୍ରିକେଟ୍‌ର ଉନ୍ନତି ପାଇଁ ନିଆଯାଇଥିବା ପଦକ୍ଷେପକୁ ପ୍ରଶଂସା କରିଥିଲେ । ଏହା ସହିତ ଓଡ଼ିଶା କ୍ରିକେଟ୍ କୋଚ୍ ୱାସିମ୍ ଜାଫର୍, ଭାରତୀୟ କ୍ରିକେଟ୍‌ର ପ୍ରଜ୍ଞାନ ଓଝା, ଦେବାଶିଷ ମହାନ୍ତି, ଶିବସୁନ୍ଦର ଦାସ ଓ ସଂଜୟ ରାଉଳ 'ଭିଜନ୍-୨୦୨୪' ପରିକଳ୍ପନା ଓଡ଼ିଶା କ୍ରିକେଟ୍‌ର କାୟା ପରିବର୍ତ୍ତନ କରିବ ବୋଲି ବିଶ୍ୱାସ ପ୍ରକଟ କରିଥିଲେ । କରୋନା କଟକଣା ମଧ୍ୟରେ ଆୟୋଜିତ ଏହି ଉତ୍ସବରେ ଭଦ୍ରକ ଜିଲ୍ଲା କ୍ରିକେଟ୍ ଆସୋସିଏସନ୍‌ର ୧୫ ଜଣ ସଦସ୍ୟ ଯୋଗ ଦେଇଥିଲେ ଓ ଏହି ଆନୁଷ୍ଠାନିକ ଉତ୍ସବଟି ଏକ ଘରୋଇ ପରିବେଶରେ ଅନୁଷ୍ଠିତ

## ବାଇକ୍‌ରେ ଚାଲିଥିଲା ନକଲି ଜର୍ଦ୍ଦା କାରବାର: ଲକ୍ଷାଧିକ ଟଙ୍କାର ନକଲି ଜର୍ଦ୍ଦା ସହ ୩ ଗିରଫ

ଧର୍ମଶାଳା,୨୧/୭ (ନି.ପ୍ର): ବାଇକ୍‌ରେ ଚାଲିଥିଲା ନକଲି ଜର୍ଦ୍ଦା ବ୍ୟବସାୟ । ନୀର୍ଘ ଦିନ ଧରି ଏଭଳି ବ୍ୟବସାୟ ଉପରେ ଲାଗିଛି ବ୍ରେକ୍ । ଯାଜପୁର ଜିଲା ଚଣ୍ଡିଖୋଲ ପୁଲିସ ବିପୁଳ ପରିମାଣର ଜର୍ଦ୍ଦା , ୨ଟି ବାଇକ୍ ଓ ଏହି ବ୍ୟବସାୟରେ ଲିପ୍ତ ଥିବା ୩ ଜଣ ଯୁବକଙ୍କୁ ଗିରଫ କରିଛି । ତେବେ ଅଧିକ ତଦନ୍ତ ଜାରି ରହିଛି । ସୂଚନା ମୁତାବକ ଆଜି ସକାଳୁ ଭଦ୍ରକ ଧାମନଗର ଅଂଚଳରୁ କଟକ ଅଭିମୁଖେ ୨ଟି ବାଇକ୍ ଯୋଗେ ୩ ଜଣ ଯୁବକ ନକଲି ଜର୍ଦ୍ଦାକୁ ବସ୍ତାରେ ଭର୍ତି କରି ନେଇଯାଉଥିଲେ । କୌଣସି ସୂତ୍ରରୁ ପୁଲିସ ଖବର ପାଇ ଯାଜପୁର ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଚଣ୍ଡିଖୋଲ ଛକ ନିକଟରେ ପୁଲିସ ସଜାଗ ରହିଥିଲା । ଚଣ୍ଡିଖୋଲ ଫାଣ୍ଡି ପୁଲିସ ଗାଡିକୁ ଚେକିଂ କରିବା ସମୟରେ ଗାଡିରେ ଜର୍ଦ୍ଦା ଥିବା ଜାଣିବାକୁ ପାଇଥିଲେ । ସେମାନଙ୍କୁ ଅଟକାଇ ଫାଣ୍ଡିକୁ ଅଣାଯାଇଥିଲା । ମୋଟ ୭୯ କେଜିର ନକଲି ଜର୍ଦ୍ଦା ଥିବା ଜାଣିବାକୁ ପାଇଥିଲେ । ବିଭିନ୍ନ ନାମୀଦାମୀ କମ୍ପାନୀର ଡବା ଓ ଷ୍ଟିକର ଲଗାଇ ନକଲି ଜର୍ଦ୍ଦା ଭର୍ତି କରି ବିଭିନ୍ନ ସ୍ଥାନକୁ ନେଇ କରାବାର କରୁଥିଲେ । ଗୋପାଳ ୬୦, ଶବିଦାତା,କନକ ଓ ଗୋପାଳ ପାଉଚ ଜର୍ଦ୍ଦା ଥିବା ଜଣାପଡିଛି । ତେବେ ଏହାର ଆନୁମାନିକ ମୂଲ୍ୟ ୨ଲକ୍ଷ ଟଙ୍କାରରୁ ଉର୍ଦ୍ଧ ହେବ ବୋଲି ଜଣାପଡିଛି । ଏନେଇ ଅଧିକ ତଦନ୍ତ ଜାରି ରହିଛି ଓ ଏ ବ୍ୟବସାୟରେ ଆଉ କିଏ ଲିପ୍ତ ଅଛନ୍ତି ତାହା ତଦନ୍ତ ଚାଲିଛି ବୋଲି ଯାଜପୁର ଏସ୍‌ଡିପିଓ ଚିନ୍ମୟ ନାୟକ ପ୍ରକାଶ କରିଛନ୍ତି ।

# କ୍ୟାନସର ପୀଡିତ ବେସାହାରା ଶିଶୁଙ୍କୁ ସହାୟତା

ଧର୍ମଶାଳା,୨୧/୭ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜାରକାର ଅଂଶୁମାନ ମେମୋରିଆଲ୍ ଟ୍ରଷ୍ଟ ପକ୍ଷରୁ କୋତପୁର ପଂଚାୟତ ସାନରାଏପଡା ଗ୍ରାମର କ୍ୟାନସର ପୀଡିତ ଦୀନବନ୍ଧୁ ଦାସଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଦୀନବନ୍ଧୁଙ୍କ ଚିକିତ୍ସା ସହିତ ତାଙ୍କ ଛୋଟ ଦୁଇ ପୁଅ ଓ ଜଣେ ଝିଅ କିପରି ପାଠ ପଢ଼ିବେ ଏବଂ ଏହି ପରିବାରକୁ ଯେପରି ସମସ୍ତ ସରକାରୀ ସହାୟତା ମିଳିପାରିବ ଏଥିନେଇ ପଦକ୍ଷେପ ଗ୍ରହଣ କରିବାକୁ ଟ୍ରଷ୍ଟ ପକ୍ଷରୁ ପ୍ରତିଶୃତି ଦିଆଯାଇଛି । ସେହିପରି ସ୍ଥାନୀୟ ଓଡଙ୍ଗ ଗ୍ରାମର ଚନ୍ଦ୍ରଶେଖର ମଳିକଙ୍କ ପତ୍ନୀ ସଂଧ୍ୟାରାଣୀଙ୍କ ଦେଢ଼ବର୍ଷ ପୂର୍ବେ ମୃତ୍ୟୁ ହୋଇଥିବା ବେଳେ ୩ଦିନ ପୂର୍ବେ ଚନ୍ଦ୍ରଶେଖରଙ୍କ ଅକାଳ ବିୟୋଗ ଘଟିଛି । ଫଳରେ ଚନ୍ଦ୍ରଶେଖରଙ୍କ ବୃଦ୍ଧା ମା', ଅବିବାହିତା ଭଉଣୀ, ଦୁଇ ଛୋଟ ପୁଅ ଓ ଜଣେ ସାନ ଝିଅ ବେସାହାରା ହୋଇଯାଇଛନ୍ତି । ଖବର ପାଇ ଟ୍ରଷ୍ଟର ସଂପାଦକ ହିମାଂଶୁ ଶେଖର ସାହୁ ଆଜି ଓଡଙ୍ଗ ଗ୍ରାମରେ ପହଁଚି ଏହି ପରିବାରକୁ ଦଶ ହଜାର ଟଙ୍କା ସହିତ ରାସନ ସାମଗ୍ରୀ ପ୍ରଦାନ କରିଛନ୍ତି । ଉକ୍ତ ପରିବାରକୁ କିପରି ସରକାରୀ ଏବଂ ବଦାନ୍ୟ ବ୍ୟକ୍ତିଙ୍କ ସହାୟତା ମିଳିପାରିବ ଏନେଇ ଶ୍ରୀ ସାହୁ ସ୍ଥାନୀୟ ଲୋକ ପ୍ରତିନିଧି ଓ ଗ୍ରାମର ଯୁବକମାନଙ୍କ ସହିତ ଆଲୋଚନା କରିଥିଲେ ।

## ପ୍ରକୃତ ହିତାଧିକାରୀଙ୍କୁ ମିଳୁନି ରାସନକାର୍ଡ

କେନ୍ଦ୍ରାପଡ଼ା,୨୧/୭ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ ପ୍ରକୃତ ଗରିବ ହିତାଧିକାରୀ ମାନଙ୍କୁ ରାସନକାର୍ଡ ମିଳୁନଥିବା ଦୈନିକ ଅଭିଯୋଗ ହେଉଛି । ଜିଲ୍ଲାରେ ଅନେକ କୋଠାବାଲା, ଚାରି ଚକିଆ ଗାଡି ଥିଲାବାଲା ଲୋକ ରାସନ ସାମଗ୍ରୀ ନେଉଥିବା ବେଳେ ଗରିବ ଲୋକ ଏଥିରୁ ବଂଚିତ ହେଉଛନ୍ତି । ମଙ୍ଗଳବାର ମାର୍ଶାଘାଇ ବ୍ଲକ ଅନ୍ତର୍ଗତ କୁହୁଡି ପଂଚାୟତର ଅନେକ ଗରିବ ହିତାଧିକାରୀ ରାସନକାର୍ଡ ପାଇବା ପାଇଁ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ଭେଟି ଅଭିଯୋଗ କରିଛନ୍ତି । କୁହୁଡି ଗ୍ରାମର ଗିତାଞ୍ଜଳୀ ମହାରଣା, ନମିତା ଦାସ, ବାସନ୍ତୀ ମହାରଣା, ଗୁଲୁରୀ ଦାସ, କଳ୍ପନା ଦାସ ପ୍ରଭୃତି ଗରିବ ମହିଳା ମାନେ ରାସନଡାର୍କ ରୁ ବଂଚିତ ଥିବା ନେଇ ଅଭିଯୋଗ କରିଛନ୍ତି । ବରାମ୍ବାର ତଦନ୍ତ ହେଉଥିଲେ ମଧ୍ୟ ଏମାନଙ୍କୁ ରାସନ କାର୍ଡ ଦେଉନଥିବା ଅଭିଯୋଗ ହୋଇଛି ।

## ଅସହାୟ ପରିବାରକୁ କେବେ ମିଳିବ ସରକାରୀ ସହାୟତା ?

ମାଲକାନଗିରି ,୨୧/୭ (ନି.ପ୍ର): ସରକାର ଲୋକଙ୍କ ସୁବିଧା ପାଇଁ ବିଭିନ୍ନ ପ୍ରକାରର ଉନ୍ନତିମୂଳକ ପଦକ୍ଷେପ ନେଉଥିଲେ ମଧ ଏଥିରୁ ବଂଚିତ ରହିଯାଉଛନ୍ତି କିଛି ଅସହାୟ ବର୍ଗର ଲୋକେ । ଏପରି ଦୁଃଖଦ ଘଟଣା ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ କୁନାନପଲ୍ଲୀ (ଏମ୍ପିଭି- ୭୩) ଗ୍ରାମରେ ।
ମିଳିଥିବା ସୂଚନା ଅନୁସାରେ, ଗତବର୍ଷ ଲକଡାଉନ ସମୟରେ ବିସକାଙ୍କ ସ୍ୱାମୀ ଆନ୍ଧ୍ରରୁ ଘରକୁ ଫେରିବା ବେଳେ ରାସ୍ତାରେ ହୃଦଘାତରେ ତାଙ୍କର ଦେହାନ୍ତ ହେଇଥିଲା । ସେହି ସମୟରେ ତାଙ୍କ ସରକାରୀ ସହାୟତା ବାବଦକୁ - ୨୦୦୦୦/-ଟଙ୍କା ପ୍ରଦାନ କରିବା ସହ ତାଙ୍କ ପରିବାର ଲୋକଙ୍କୁ ଅନ୍ୟାନ୍ୟ ସରକାରୀ ସୁବିଧା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇ ଆସିଥିଲେ । କିନ୍ତୁ ସେହି ପ୍ରତିଶୃତି ତା ରାସ୍ତାରେ। ସ୍ୱାମୀଙ୍କ ଦେହାନ୍ତ ପରେ ସମ୍ପୂର୍ଣ୍ଣ ପରିବାର ଅସହାୟ ହେଇଯାଇଥିବା ଦେଖିବାକୁ ମିଳିଛି । କୁନି କୁନି ତିନି ପିଲାଙ୍କୁ ଭଲ ଶିକ୍ଷା ଦେବା ଦୂରର କଥା, ଦିନକୁ ଦୁଇ ମୁଠା ଖାଇବାକୁ ଦେବା ଏକ ପ୍ରକାର କଷ୍ଟସାଧ ହେଇପଡୁଛି । ଏକ ଭଙ୍ଗା କୁଡ଼ିଆ ଘରେ ଚାରି ପ୍ରାଣୀ ରହିବା ମଧ କଷ୍ଟକର ବିଷୟ ହେଇପଡିଛି । ବର୍ଷା ସମୟରେ ଘର ଭିତରେ ବର୍ଷା ପାଣି ପଡୁଛି ଏହା ସହ ବାହାରର ଅଳିଆ ଆବର୍ଜନା ପାଣି ମଧ ଘର ଭିତରେ ପଶି ଯାଉଥିବା ଦେଖିବାକୁ ମିଳିଛି । ସରକାରୀ ସହାୟତା କହିଲେ ପିଡ଼ିଏସ ଚାଉଳ ଓ ବିଧବା ଭତା ଏଥିରେ ପରିବାର ଭରଣ ପୋଷଣ କରିବା ବହୁତ କଷ୍ଟକର ହୋଇପଡୁଛି । ବିଧବା ବିସକାକୁ ଆବାସ ଯୋଜନା ମାଧମରେ ଏକ ଘର ସହ ଅନ୍ୟାନ୍ୟ ସରକାରୀ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଦାବି ରଖିଥିବା ସୂଚନା ମିଳିଛି ।

# ବିଜୁ ମହିଳା ଦଳ ପକ୍ଷରୁ ଅଭିନବ ବୃକ୍ଷ ରୋପଣର ଦାୟିତ୍ୱ ନେଲେ ସୁବାସିନୀ



ବାଲେଶ୍ୱର,୨୧/୭ (ନି.ପ୍ର): ସହରଠାରୁ ଗ୍ରାମାଞ୍ଚଳର ଗରିବ ଲୋକଙ୍କ ପାଇଁ ଅଭିନବ ଉପାୟରେ ବୃକ୍ଷ ରୋପଣ ଓ ଆର୍ଥିକ ଉନ୍ନତି ପାଇଁ ପଦକ୍ଷେପ ନେଇଛନ୍ତି ରାଜ୍ୟ ବିଜୁ ମହିଳା ଜନତା ଦଳର କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା। ତାଙ୍କ ନେତୃତ୍ୱରେ ସାରା ଜିଲାରେ ୧ଲକ୍ଷ ଫଳ ଚାରା ବଣ୍ଟନ ତଥା ରୋପଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ଭାରତର ନାମକରା ନର୍ସରୀରୁ ଉତ୍ତମ ଗୁଣବତ୍ତା ସମ୍ପନ୍ନ ପିଜୁଳି ଚାରା ଅଣାଯାଇ ସୋମବାର ଦିନ ୨୪ ନମ୍ବର ୱାର୍ଡରେ ଚାରା ରୋପଣ ତଥା ବଣ୍ଟନ କରାଯାଇଥିଲା। ପରବର୍ତ୍ତି ସମୟରେ ସାରା ଜିଲାରେ ଲୋକମାନଙ୍କୁ ଏହି ଉନ୍ନତମାନର ପିଜୁଳି ଚାରା ବଣ୍ଟନ କରାଯିବ। ଏହି ଚାରାକୁ ଗୋଟିଏ ବର୍ଷରେ ଭଲ ଅମଳ ମଧ୍ୟ ଦେବ। ଚାରା ଲଗାଇବାର ପ୍ରଣାଳୀ ଓ ଗଛର ଯତ୍ନ ନେବାର ବିଧି ଜାଣିବା ପାଇଁ ଏକ ଲିଫଲେଟ ଚାରା ବଣ୍ଟନ ବେଳେ ଦିଆଯାଇଥିଲା।

ଏହି ଅଭିନବ କାର୍ଯ୍ୟକ୍ରମ ସମ୍ପର୍କରେ ଶ୍ରୀମତୀ ଜେନା କହିଥିଲେ ଯେ କରୋନା ସମୟରେ ଅମ୍ଳଜାନର ଆବଶ୍ୟକତା ସମ୍ପର୍କରେ ଆମେ ବେଶ ଅବଗତ ହୋଇଛୁ। ପରିବେଶ ସନ୍ତୁଳନ ପାଇଁ ବୃକ୍ଷ ରୋପଣ ଯେ ଏକମାତ୍ର ଓ ଶ୍ରେଷ୍ଠ ଉପାୟ ଏହା ଆମେ ହୃଦୟଙ୍ଗମ କରିବା ଆବଶ୍ୟକ। ଏହା ସହିତ ଆମେ ଲୋକମାନଙ୍କର ଆର୍ଥିକ ମାନଦଣ୍ଡ ବୃଦ୍ଧି ଲକ୍ଷ୍ୟ ରଖି ଫଳ ଚାରା ବଣ୍ଟନ ଓ ରୋପଣ ଉପରେ ଗୁରୁତ୍ୱ ଦେଇଛୁ। ପ୍ରଥମ ପର୍ଯ୍ୟାୟରେ ଉନ୍ନତ ମାନର ପିଜୁଳି ଚାରା ବାଣ୍ଟିଛୁ। ପିଜୁଳିର ଅନେକ ଔଷଧୀୟ ଗୁଣ ରହିଛି। ରକ୍ତଚାପ ନିୟନ୍ତ୍ରଣ, ହୃଦରୋଗ ନିୟନ୍ତ୍ରଣ ସହ ମହିଳାମାନଙ୍କର ବିଭିନ୍ନ ରୋଗ ପ୍ରତିରୋଧ କରିବାରେ ସହାୟକ ହୋଇଥାଏ। ଏହା ଓଜନ ହ୍ରାସ କରିବା, ହଜମ ଶକ୍ତି ବୃଦ୍ଧି କରିବା ସହ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବୃଦ୍ଧି କରିଥାଏ। ବିଶେଷ କରି ପିଜୁଳିର ପତ୍ରକୁ ଗରମ କରି ଚାହା ଭଳି ପିଇଲେ ମଧୁମେହ ରୋଗ ମଧ୍ୟ ଉପଷମ ହେବାର ସମ୍ଭାବନା ରହିଛି। ଏଭଳି ଔଷଧୀୟ ବୃକ୍ଷ ସହିତ ଗରିବ ଲୋକମାନେ ଗଛରୁ ଅଧିକ ଫଳ ଉତ୍ପାଦନ କରି ମଧ୍ୟ ଲାଭବାନ ହୋଇପାରିବେ। ବଜାରରେ ବର୍ତ୍ତମାନ ବଡ଼ ପିଜୁଳିର ଦର ୭୦ ଟଙ୍କାରୁ ୧୦୦ ଟଙ୍କା ଭିତରେ ରହିଛି। ତେଣୁ ଦୁଇ ତିନୋଟି ଗଛ ଲଗାଇ ତାକୁ ଯତ୍ନ ନେଲେ ଗରିବ ଲୋକଟିଏ ବର୍ଷକରେ ମାସେ କି ଦୁଇମାସ ବେଶ ଦୁଇ ଟଙ୍କା ପାଇପାରିବ, ଏଥିରେ ସନ୍ଦେହ ନାହିଁ। ସାଧାରଣ ଗଛ ଲଗାଇବା ଅପେକ୍ଷା ଆର୍ଥିକ ଉନ୍ନତି ପାଇଁ ଫଳ ଚାରା ରୋପଣ କରିବା ଅଧିକ ଉପାଦେୟ।

ଏହି କାର୍ଯ୍ୟକ୍ରମରେ ବିଜୁ ମହିଳା ଜନତା ଦଳର ଜିଲା ସଭାପତି ବିନ୍ଦୁବାଳା ନନ୍ଦୀ, ରାଜ୍ୟ ମହିଳା ଜନତା ଦଳ ଉପସଭାପତି ଶ୍ରଦ୍ଧାଞ୍ଜଳି ରାୟ, କାର୍ଯ୍ୟକାରୀ କମିଟି ସଦସ୍ୟ ରଶ୍ମି ଦାସ, ପୂର୍ବତନ କାଉନସିଲର ମୀନା ମହାନ୍ତି, ରଞ୍ଜିତା ମହାପାତ୍ର, ମୁନୁମଣି ନାୟକ, ସବିତା ସାହୁ, ଯୁବ ବିଜେଡି ରାଜ୍ୟ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ରାଜ୍ୟ ସାଧାରଣ ସମ୍ପାଦକ ତାପସ ପାଣିଗ୍ରାହୀ, ଜିଲା ଯୁବ ବିଜେଡି ସଭାପତି ତାପସ ପରିଡା, ଜିଲ ଛାତ୍ର ବିଜେଡି ସଭାପତି ସିମନ ଦାସମହାପାତ୍ର, ଜିଲା ଏସସି ସେଲ ସଭାପତି ଶତ୍ରୁଘ୍ନ ମଲ୍ଲିକ, ବାଲେଶ୍ୱର ଟାଉନ ବିଜେଡି ସଭାପତି ସନତ ଦାସ, ଟାଉନ ଉପସଭାପତି ହରେନ ଚନ୍ଦ୍ର ରଣା, ପୂର୍ବତନ ନଗରପାଳ ଆଲୋକ କୁମାର ସାହୁ, ପୂର୍ବତନ ଉପନଗରପାଳ ମନୋଜ କୁମାର ରାଉତ, ଯୁବ ନେତା ସୁବୋଧ ମହାନ୍ତି, ଭାଗବତ ସାହୁ, ସଞ୍ଜୀବ ଦାସ, କୈଳାସ ତରାଇ, ବ୍ରଜ ପ୍ରଧାନ, ଉମାଶଙ୍କର ତିଆଡି, ଭବାନୀ ପଣ୍ଡା, ମନୋଜ ଆଚାର୍ଯ୍ୟ, ଭରତ ଭୂଷଣ ଦାସ, ଜଗନ୍ନାଥ ମହାରଣା, ଅନିଲ ମହାରଣା, ବାଦଲ ଦତ୍ତ, ଛାତ୍ର ବିଜେଡି ନେତା ଶୁଭମ ସାଇ ମହାପାତ୍ର, ଟାଉନ ବିଜେଡି ଦଳର ସଦସ୍ୟା ଜୟନ୍ତୀ ଦତ୍ତ, ରାଜଲକ୍ଷ୍ମୀ ଚାଟାର୍ଜୀ, ଆଶ୍ରିତା ତରେଇ, ନିନି ଦାସ ଅଧିକାରୀ, ରୁନା ଦାସ, ମିନତୀ ସେଠୀ, କବିତା ବେରା, ସନ୍ଧ୍ୟା ଜେନା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଟାଉନ ମହିଳା ବିଜେଡି ଦଳର ବହୁ ସଦସ୍ୟା ସହଯୋଗ କରିଥିଲେ।

# ଅଫିସ୍ ଯାଉଥିଲେ

ବର୍ତ୍ତମାନ ସମୟରେ ଅନେକ ଅଫିସ୍‌ରେ କରୋନା ରୋଗୀସଂଖ୍ୟା ବଢୁଥିବାର ଦେଖିବାକୁ ମିଳୁଛି । ତେଣୁ ଏଭଳି ପରିସ୍ଥିତିରେ ଅଫିସ ଯାଉଥିବା କର୍ମଚାରୀମାନେ କେଉଁସବୁ ଦିଗ ପ୍ରତି ବିଶେଷ ସଜାଗ ରହିଲେ ନିଜ ସହିତ ସହକର୍ମୀ ଏବଂ ପରିବାର ସଦସ୍ୟଙ୍କୁ ସୁରକ୍ଷିତ ରଖିପାରିବେ ଜାଣିରଖନ୍ତୁ ସେ ସମ୍ପର୍କରେ...



■ ସର୍ବପ୍ରଥମ କଥା ହେଉଛି, ଅଫିସ କାମ କଲା ବେଳେ ଆଦୌ ମାସ୍କ ଖୋଲନ୍ତୁ ନାହିଁ । କାରଣ ଅନେକେ କାମ ସମୟରେ ମାସ୍କକୁ ବେକରେ ଝୁଲାଇଥିବା କିମ୍ବା ବ୍ୟାଗ୍‌ରେ ରଖିଥିବା ଦେଖିବାକୁ ମିଳୁଛି, ହେଲେ ପାଖରେ କେହି ବସିଥାନ୍ତୁ ଅବା ନାହିଁ, ଭୂତାଣୁ ବାୟୁ ବାହିତ ହୋଇଥିବାରୁ ସଂକ୍ରମଣର ଆଶଙ୍କା ରହିଛି ।

■ ଅଫିସ ସାନିଟାଇଜ୍ ହେଉଥିଲେ ସୁଦ୍ଧା ଏଣ୍ଟ୍ରି କରିବା ପରେ ହ୍ୟାଣ୍ଡ ୱାଶ୍ କରିବା ସହ ନିଜେ ବ୍ୟବହାର କରୁଥିବା କମ୍ପ୍ୟୁଟର, ଟେବୁଲ୍ ଚେୟାର୍‌କୁ ସାନିଟାଇଜର ସ୍ପ୍ରେ କରିବା ପରେ କାମ କରନ୍ତୁ ।

■ ଅଧିକାଂଶ ଅଫିସ୍‌ରେ କର୍ମଚାରୀଙ୍କ ବିଭିନ୍ନ ସାମଗ୍ରୀ ରଖିବା ଲାଗି ସ୍ୱତନ୍ତ୍ର ର୍ୟାକ୍ ବ୍ୟବସ୍ଥା ଥାଏ । ହେଲେ ବର୍ତ୍ତମାନ ସମୟରେ ସମସ୍ତେ ଏକାଠି ଜିନିଷ ରଖିବା ବିପଦପୂର୍ଣ୍ଣ । ତେଣୁ ନିଜ ବ୍ୟାଗ୍, ଲାପ୍‌ଟପ୍, ଫାଇଲ୍, ଟିଫିନ୍, ପାଣିବୋତଲ ଭଳି ସାମଗ୍ରୀ ନିଜ ଡେସ୍କ ବା ଚ୍ୟାମ୍ବରରେ ହିଁ ରଖନ୍ତୁ ।

■ ଅନେକ କର୍ମଚାରୀ ଲଞ୍ଚ ଆୱାରରେ ଏକାଠି ଗପସପ୍ କରି ଖାଇଥାନ୍ତି ଏବଂ ପରସ୍ପର ସହ ଟିଫିନ୍ ସେୟାର କରିଥାନ୍ତି । ହେଲେ ବର୍ତ୍ତମାନ ଏଭଳି ଆଦୌ କରିବା ଠିକ୍ ନୁହେଁ । କାରଣ ଏକାଠି ଖାଇବା, ପରସ୍ପରକୁ ଖାଦ୍ୟ ଦେବା ଖାଇବା ସମୟରେ ମାସ୍କ ଖୋଲି ପାଖାପାଖି ବସି ଗପିବା ସଂକ୍ରମଣର ବଡ଼ କାରଣ ।
ତେଣୁ ଅଫିସ୍‌ରେ ଏକା ଖାଆନ୍ତୁ ।

■ ଅଫିସ୍‌ରେ ଗୋଟିଏ ଫ୍ଲୋର୍‌ରେ ଅଧିକ କର୍ମଚାରୀ କାମ କରୁଥିଲେ ଏସି ଦ୍ୱାରା ସଂକ୍ରମଣ ବଢ଼ିବାର ଆଶଙ୍କା ବେଶୀ । ତେଣୁ ଏସି ବଦଳରେ ଫ୍ୟାନ୍ ବ୍ୟବହାର କରନ୍ତୁ ଏବଂ ଭେଣ୍ଟିଲେଶନ୍ ପାଇଁ ଝରକା ଖୋଲି ରଖନ୍ତୁ ।

■ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଅଫିସ୍‌ରେ କମନ୍ ଟଏଲେଟ୍ ବ୍ୟବହାର ସମୟରେ ବିଶେଷ ସାବଧାନତା ଅବଲମ୍ବନ କରିବା ଆବଶ୍ୟକ । କାରଣ ଅନ୍ୟ ସମସ୍ତ କଥାକୁ ଧ୍ୟାନ ଦେଇ ଏହାକୁ ଅବହେଳା କରିବସିଲେ ରୋଗ ସଂକ୍ରମଣର ଆଶଙ୍କା ଦ୍ୱିଗୁଣିତ ହୋଇଯାଏ ।



## ସ୍ୱାସ୍ଥ୍ୟ ମନ୍ତ୍ର

କାହା ପାଇଁ କେତେ କାଲୋରି: ସାଧାରଣ କାମ କରୁଥିବା ୬୦ କିଲୋ ଓଜନର ପୁରୁଷଙ୍କ ଦୈନିକ ଆବଶ୍ୟକତା ହେଉଛି ୨୪୨୫ କାଲୋରି । ଏହି ବର୍ଗର ପୁରୁଷ ମଧ୍ୟମ ଧରଣର ଶ୍ରମ କରୁଥିଲେ, ୩୮୦୦ କାଲୋରି । ସେହିପରି ସାଧାରଣ କାମ କରୁଥିବା ୫୦ କିଲୋ ଓଜନର ମହିଳାଙ୍କ ଦୈନିକ ଆବଶ୍ୟକତା ହେଉଛି ୧୮୭୫ କାଲୋରି । ଏହି ବର୍ଗର ମହିଳା ମଧ୍ୟମ ଧରଣର ଶ୍ରମ କରୁଥିଲେ, ଦରକାର ୨୨୨୫ କାଲୋରି । ଆଉ ଅଧିକ ଶ୍ରମ କରୁଥିଲେ, ୨୯୨୫ କାଲୋରି । ୫୦ କିଲୋ ଓଜନର ଗର୍ଭବତୀ ମହିଳାଙ୍କର ଲୋଡ଼ା ୩୨୨୫ କାଲୋରି ଏବଂ ସ୍ତନ୍ୟପାନ କରାଉଥିଲେ ୩୪୭୫ କାଲୋରି । ୧୩-୧୫ ବର୍ଷ ବୟସ୍କ ବାଳକ (୪୮ କିଲୋ)ର ଲୋଡ଼ା ୨୪୫୦ କାଲୋରି ଏବଂ ବାଳିକାର (୪୭କିଲୋ) ୨୦୬୦ କାଲୋରି । ସେହିପରି ୧୬-୧୮ ବର୍ଷୟ ବୟସ୍କ ବାଳକ (୫୭ କିଲୋ) ୨୦୬୦ କାଲୋରି ।



# ଭର୍ଚୁଆଲ୍ ଇଂଟରଭ୍ୟୁ



କରୋନା ମହାମାରୀ ପାଇଁ କର୍ମକ୍ଷେତ୍ର ଉପରେ ଅନେକ ପ୍ରଭାବ ପଡ଼ିଛି । ତଥାପି ଧୀରେ ଧୀରେ ବର୍ତ୍ତମାନ କିଛି କମ୍ପାନୀରେ ନିଯୁକ୍ତି ଆରମ୍ଭ ହେଲାଣି । ହେଲେ ସତର୍କତା ଦୃଷ୍ଟିରୁ ଫିଜିକାଲ୍ ଇଣ୍ଟରଭ୍ୟୁ ବଦଳରେ ବିଭିନ୍ନ କମ୍ପାନୀ ଭର୍ଚୁଆଲ୍ ଇଣ୍ଟରଭ୍ୟୁ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି । ଯଦି ଆପଣ ବି ଏଭଳି ଇଣ୍ଟରଭ୍ୟୁ ପାଇଁ ପ୍ରସ୍ତୁତ ହେଉଛନ୍ତି ତେବେ ଜାଣି ରଖନ୍ତୁ କେତୋଟି କଥା...

**ପ୍ରାକ୍ ପ୍ରସ୍ତୁତି ସାରନ୍ତୁ:**
ଭର୍ଚୁଆଲ୍ ଇଣ୍ଟରଭ୍ୟୁ ସମୟରେ ନିଯୁକ୍ତିଦାତା ଆପଣଙ୍କ ଟେକ୍ନୋଲୋଜି କ୍ଷମତାକୁ ପରୀକ୍ଷା କରନ୍ତି । ତେଣୁ ଇଣ୍ଟରଭ୍ୟୁ ପୂର୍ବରୁ ଆପଣ ନିଜର ସମସ୍ତ ଇକ୍ୟୁପ୍‌ମେଣ୍ଟକୁ ଯାଞ୍ଚ କରିନିଅନ୍ତୁ । ଇଣ୍ଟରନେଟ୍ ସଂଯୋଗ, ଖରାପ ଅଡିଓ କିମ୍ବା ଅନ୍ୟ କୌଣସି ସମସ୍ୟା ଥିଲେ ପୂର୍ବରୁ ଠିକ୍ କରିନିଅନ୍ତୁ । ଏହା ସହିତ ନିଜର ବ୍ୟାକଗ୍ରାଉଣ୍ଡରେ କଳାକୃତି ଅବା ବହି କିମ୍ବା ଏଭଳି କିଛି ଜିନିଷ ରଖନ୍ତୁ ଯାହା ଆପଣଙ୍କ ପର୍ସନାଲିଟିକୁ ବୃଦ୍ଧି କରିବ । କେବଳ ଏତିକି ନୁହେଁ ବେଳେବେଳେ ଇଣ୍ଟରଭ୍ୟୁ ସମୟରେ ହିଁ ଜଣାପଡ଼େ କି କିଛି ପ୍ରୋଗ୍ରାମକୁ ଡାଉନ୍‌ଲୋଡ୍ କରିବାକୁ ହେବ । ଏହି ପ୍ରକ୍ରିୟାରେ ଇଣ୍ଟରଭ୍ୟୁ ବିଳମ୍ବ ହୋଇ ଯାଇଥାଏ; ଯାହା କି ଆପଣଙ୍କ ପର୍ସନାଲିଟି ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ । ତେଣୁ ଇଣ୍ଟରଭ୍ୟୁ ପୂର୍ବରୁ ପ୍ରଥମେ ଏ ସମସ୍ତ କାର୍ଯ୍ୟ ସମାପ୍ତ କରି ଠିକ୍ ସମୟରେ ଇଣ୍ଟରଭ୍ୟୁ ଆରମ୍ଭ କରନ୍ତୁ ।

**ଠିକ୍ ସ୍ଥାନ ବାଛନ୍ତୁ:**
ଏଭଳି ଅନ୍‌ଲାଇନ୍‌ରେ ଇଣ୍ଟରଭ୍ୟୁ ଦେବା ପୂର୍ବରୁ ପ୍ରଥମେ ଏଭଳି ସ୍ଥାନ ଚୟନ କରନ୍ତୁ, ଯେଉଁଠାରେ ଇଣ୍ଟରନେଟ୍ ସଂଯୋଗ ଠିକ୍ ରହିଥିବା । ଘରର କବାଟ, ଝରକାକୁ ବନ୍ଦ କରିଦିଅନ୍ତୁ ଏବଂ ଟିଭି ବନ୍ଦ କରିବା ସହିତ ମୋବାଇଲ୍ ମଧ୍ୟ ସାଇଲେଣ୍ଟ କରିଦିଅନ୍ତୁ ।

**ପରିଚୟକୁ କରନ୍ତୁ ସହଜ ଓ ସରଳ:**
ଡିଜିଟାଲ୍ ଦୁନିଆରେ ଆପଣଙ୍କ ଇମେଲ୍ ଆଡ୍ରେସ ଏବଂ ୟୁଜର ନେମ୍ ଫାଷ୍ଟ ଇମ୍ପ୍ରେସନ୍ ଆଣିଥାଏ । ତେଣୁ ଏସବୁକୁ ସହଜ ଏବଂ ସରଳ କରିବା ସହ ନିଜ ପରିଚୟ ମଧ୍ୟ ଠିକ୍ ଲେଖିବାକୁ ଭୁଲନ୍ତୁ ନାହିଁ । ଯେପରି ଏସବୁକୁ ମନେ ରଖିବାରେ ଅସୁବିଧା ନ ହେବ ।

**କମ୍ପାନୀ ବିଷୟରେ ଭଲଭାବେ ଜାଣନ୍ତୁ:**
କମ୍ପାନୀ ବିଷୟରେ ଜାଣିବା ପାଇଁ ପ୍ରଥମେ କିଛି ଭିଡିଓ ଦେଖନ୍ତୁ ଏବଂ କମ୍ପାନୀର କର୍ମଚାରୀଙ୍କ ଇଣ୍ଟରଭ୍ୟୁ ଚେକ୍ କରନ୍ତୁ ତ୍ ସୋସିଆଲ୍ ମିଡିଆରେ ମଧ୍ୟ ଚେକ୍ କରନ୍ତୁ । କମ୍ପାନୀ ସମ୍ପର୍କରେ ପୂର୍ବରୁ ଜାଣିଥିଲେ ଇଣ୍ଟରଭ୍ୟୁ ଦେବାକୁ ସୁବିଧା ହେବ ।

**ବଡି ଲାଙ୍ଗୁଏଜ୍‌କୁ ଗୁରୁତ୍ୱ:**
ଅନ୍‌ଲାଇନ୍ ଇଣ୍ଟରଭ୍ୟୁରେ ଲୋକେ ସାଧାରଣତଃ କମ୍ ଆଟେଣ୍ଟିଭ୍ ରହିଥାନ୍ତି । କିନ୍ତୁ ଏହି ଇଣ୍ଟରଭ୍ୟୁରେ ଆପଣଙ୍କ ହାବଭାବ ଓ ପ୍ରେଜେଣ୍ଟେସନ୍ ବହୁତ ପ୍ରଭାବ ପକାଏ । ତେଣୁ ଏଥିରେ ମଧ୍ୟ ଆପଣଙ୍କୁ ନିଜ ବଡିଲାଙ୍ଗୁଏଜ୍‌କୁ ନେଇ ସଜାଗ ରହିବାକୁ ହେବ ।



# ଠିକ୍ ସମୟରେ ନ ଖାଇଲେ



ପାଠପଢ଼ା, ଜବ୍ ହେଉ କିମ୍ବା ଅନ୍ୟାନ୍ୟ କାର୍ଯ୍ୟବ୍ୟସ୍ତତା ଭିତରେ ବର୍ତ୍ତମାନ ଅଧିକାଂଶ ଯୁବତୀଯୁବକଙ୍କର ଖାଇବାର ସମୟ ଠିକ୍ ରହୁ ନଥିବା ଦେଖିବାକୁ ମିଳୁଛି । ପରବର୍ତ୍ତୀ ସମୟରେ ସେମାନଙ୍କ ଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜୁଛି । ତେଣୁ ସୁସ୍ଥ ରହିବା ଲାଗି କେଉଁ ସମୟରେ ଖାଇବା ଆବଶ୍ୟକ ଜାଣି ରଖନ୍ତୁ ସେ ସମ୍ପର୍କରେ....

◗ ସକାଳର ଜଳଖିଆ ଅଧିକାଂଶ ମିସ୍ କରିଥାନ୍ତି । ହେଲେ ଏହା ହିଁ ସାରା ଦିନ ଶରୀରକୁ ଶକ୍ତି ଯୋଗାଇଥାଏ ଏବଂ କାର୍ଯ୍ୟକ୍ଷମତା ବଢ଼ାଇବାରେ ସାହାଯ୍ୟ କରିଥାଏ । ତେଣୁ ପ୍ରତିଦିନ ସକାଳ ୯ ଟା ପୂର୍ବରୁ ଜଳଖିଆ ନିଶ୍ଚିତ ଭାବେ ଖାଆନ୍ତୁ । ମନେ ରଖନ୍ତୁ ଏଥିରେ ଫାଷ୍ଟ ଫୁଡ୍ କିମ୍ବା ତେଲ ମସଲାଯୁକ୍ତ ଖାଦ୍ୟ ଆଦୌ ଖାଆନ୍ତୁ ନାହିଁ । ଭିଟାମିନ୍ ଏ ଯୁକ୍ତ ଫଳକୁ ଜଳଖିଆ ତାଲିକାରେ ସାମିଲ କରନ୍ତୁ ଉପକୃତ ହେବେ ।

◗ କେବଳ ବ୍ରେକ୍ କାହିଁକି ମଧ୍ୟାହ୍ନ ଭୋଜନ ହେଉ କିମ୍ବା ରାତ୍ର ଭୋଜନ ମଧ ସର୍ବଦା ଯଥା ସମୟରେ କରିବା ଆବଶ୍ୟକ । ହେଲେ ଅନେକ ଯୁବତୀଯୁବକ ଏଥିପ୍ରତି ଗୁରୁତ୍ୱ ଦେଇ ନଥାନ୍ତି । ଫଳରେ ମସ୍ତିଷ୍କ ବା ବ୍ରେନ୍‌କୁ ପର୍ଯ୍ୟାପ୍ତ ମାତ୍ରାରେ ଗ୍ଲୁକୋଜ ପହଞ୍ଚି ପାରେନି । ଫଳରେ ହାଲିଆ ଲାଗିବା, କାର୍ଯ୍ୟଦକ୍ଷତା ହ୍ରାସ ପାଇବା ସହ ଭ୍ରମ ଆଦି ବିଭିନ୍ନ ସମସ୍ୟା ଦେଖା ଦେଇଥାଏ ।

◗ ସେହିପରି ନିର୍ଦ୍ଦିଷ୍ଟ ସମୟରେ ନ ଖାଇ ବିଳମ୍ବରେ ଖାଇବାଦ୍ୱାରା ଶରୀରରେ ଅଧିକ କ୍ୟାଲୋରୀ ଜମା ହୋଇଥାଏ । କାରଣ ଅଧିକ ଭୋକ ସମୟରେ ଆବଶ୍ୟକତାରୁ ବେଶୀ ଖାଇ ହୋଇଯାଏ, ଯାହାକି ପରବର୍ତ୍ତୀ ସମୟରେ ମେଦବହୁଳତାର କାରଣ ସାଜିଥାଏ ।

◗ ଠିକ୍ ସମୟରେ ଖାଇବାଦ୍ୱାରା ଶରୀରରେ ଆବଶ୍ୟକ ମାତ୍ରାରେ ଇନ୍‌ସୁଲିନ୍ ପ୍ରସ୍ତୁତ ହୋଇଥାଏ, ଯାହାକି ରକ୍ତରେ ଗ୍ଲୁକୋଜ ବା ସର୍କରା ପରିମାଣ ନିୟନ୍ତ୍ରଣରେ ରଖିବାରେ ସାହାଯ୍ୟ କରିଥାଏ । ହେଲେ ଖାଇବା ସମୟ ଅଧିକ ବିଳମ୍ବ ହେଲେ କିମ୍ବା କୌଣସି ସମୟର ଖାଦ୍ୟ ନ ଖାଇଲେ ଉଭୟ ଇନ୍‌ସୁଲିନ୍ ଏବଂ ଗ୍ଲୁକୋଜ ସ୍ତରକୁ ପ୍ରଭାବିତ କରିଥାଏ । ଏମିତିକି ଡାଇବେଟିସ୍ ସମସ୍ୟା ଥିଲେ ହଠାତ୍ ଏସବୁର ମାତ୍ରା ହ୍ରାସ ପାଇବା ଦ୍ୱାରା ଷ୍ଟ୍ରୋକ୍‌ର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ ।

◗ ଖାଦ୍ୟ ସ୍କିପ୍ କରିବା ମଧ ହାଇ ବ୍ଲଡ୍ ପ୍ରେସର ସମସ୍ୟାର କାରଣ ସାଜିଥାଏ । କେବଳ ଏତିକି ନୁହେଁ ଏଥିପାଇଁ ମୁଣ୍ଡ ବିନ୍ଧା, ହାଲିଆ ଲାଗିବା ଏମିତିକି କାହାଠାରେ ଚେତାଶୂନ୍ୟ ହେବା ଭଳି ସମସ୍ୟା ବି ସୃଷ୍ଟି କରିଥାଏ ।

# ଘରେ ଫଟାଫଟ୍ ପ୍ରସ୍ତୁତ କରନ୍ତୁ ଫ୍ରୁଟ କ୍ରିମ ସାଲାଡ



**ଆବଶ୍ୟକ ସାମଗ୍ରୀ:** ଦହି, କ୍ଷୀର, କ୍ରୀମ୍, ଚିନି, ବ୍ଲାକ ସଲ୍ଟ, କେଶର, ଡ୍ରାଏ ଫ୍ରୁଟ୍ସ, ଗୁଜୁରାତି, ସେଓ, ଅଙ୍ଗୁର, କଦଳୀ, ଡାଳିମ୍ବ ।
ପ୍ରସ୍ତୁତ ପ୍ରଣାଳୀ: ପ୍ରଥମେ ଏକ ପାତ୍ରରେ କିଛି କେଶରରେ ହାଲକା ଗରମ କ୍ଷୀର ଗୋଳାଇ ତାହାକୁ ରଖି ଦିଅନ୍ତୁ । ଏହାପରେ ଡ୍ରାଏ ଫ୍ରୁଟ୍ସକୁ କାଟି ଦିଅନ୍ତୁ ।
ଏହାପରେ ଏକ ବାଉଲରେ ଦହି ନିଅନ୍ତୁ । ସେଥିରେ କିଛି ଚିନି, କ୍ରିମ, ଗୁଜୁରାତି ଗୁଣ୍ଡ, ବ୍ଲାକ ସଲ୍ଟକୁ ଭଲ ଭାବେ ଗୋଳାନ୍ତୁ । ଏହାପରେ ସେଥିରେ କେଶର କ୍ଷୀର ପକାନ୍ତୁ ।
ସେଥିରେ କଟା ହୋଇଥିବା, ସେଓ, ଅଙ୍ଗୁର, କଦଳୀ, ଡାଳିମ୍ବ ଦାନା ପକାନ୍ତୁ । ଏହାକୁ ଭଲ ଭାବେ ଗୋଳାନ୍ତୁ । ଏହାପରେ ଏହାକୁ କିଛି ସମୟ ଫ୍ରିଜରେ ରଖନ୍ତୁ ।
ଏହାପରେ ତାକୁ ଏକ ପାତ୍ରରେ ଏହାକୁ ସର୍ଭ କରି ତା ଉପରେ ଡାଳିମ୍ବ ଦାନା, କିଛି ଡ୍ରାଏ ଫ୍ରୁଟ୍ସ ଦେଇ ସଜାନ୍ତୁ । ଏବେ ପ୍ରସ୍ତୁତ ହୋଇଗଲା ଖୁବ୍ ସ୍ୱାଦିଷ୍ଟ ଫ୍ରୁଟ କ୍ରିମ ସାଲାଡ

# ବ୍ରଣର ସରଳ ଉପଚାର

ସୌନ୍ଦର୍ଯ୍ୟ ବିଶେଷଜ୍ଞଙ୍କ ମତରେ, ସାମାନ୍ୟ ଯତ୍ନ ତ୍ୱଚାର ନ ନେଲେ ବ୍ରଣ ହୋଇଥାଏ । ଋତୁ ପରିବର୍ତ୍ତନ ସମୟରେ, ହରମୋନ୍ କାରଣରୁ ଏଇ ବ୍ରଣ ହେଉଥିବାର କତ । ଘରୋଇ ଉପାୟରେ ଏହାର ଉପଚାର କରିହେବ ।

✸ ବ୍ରଣ ହୋଇଥିଲେ, ବାରମ୍ବାର ତାହା ଉପରେ ହାତ ଲଗାନ୍ତୁନାହିଁ । ଏହା କାରଣରୁ ଦାଗ ହୋଇପାରେ ।

✸ ଅନ୍ୟ ଏକ ଉପାୟ ହେଉଛି ବ୍ରଣ ଉପରେ ପରଫ ବାରମ୍ବାର ଲଗାନ୍ତୁ । ବ୍ରଣକୁ ଶୀଘ୍ର ଦବାଇବାକୁ ଚାହୁଁଥିଲେ, ଦିନରେ ଅତି କମ୍‌ରେ ୩୦-୪୦ଥର ବରଫର ଉପଚାର କରିବା ଆବଶ୍ୟକ ।

✸ ଲେମ୍ବୁ ରସର ଚମତ୍କାରୀ ତତ୍ତ୍ୱ ମଧ ବ୍ରଣରୁ ରକ୍ଷା କରେ ।ଲେମ୍ବୁ ରସ ଲଗାଇ ୧୦ମିନିଟ୍ ପରେ ତ୍ୱଚା ଧୋଇନେବେ ।

✸ ଶୁଦ୍ଧ ମହୁ ତ୍ୱଚା ପାଇଁ ଆଣ୍ଟିସେପଟିକ୍ ପରି କାମ କରିଥାଏ । ମହୁକୁ ତ୍ୱଚାରେ ଲଗାଇ ନଖ ଉଷୁମ ପାଣିରେ ୨୦ ମିନିଟ୍ ଧୋଇ ନିଅନ୍ତୁ । ମହୁରେ ଥିବା ତତ୍ତ୍ୱ କାରଣରୁ ବ୍ରଣ ହୋଇନଥାଏ ।

✸ ତୁଳସୀ ପତ୍ରକୁ ଶୁଖାଇ ତାହାକୁ ଗୁଣ୍ଡ କରି ରଖନ୍ତୁ । ନିୟମିତ ତୁଳସୀ ପତ୍ର ଗୁଣ୍ଡ ୧ ଚାମଚ ଓ ମହୁ ମିଶାଇ ପ୍ୟାକ୍ ଭଳି ତ୍ୱଚାରେ ଲଗାଇବେ । ବ୍ରଣ ଓ ଦାଗ ଉଭୟ ଦୂରେଇଯାଏ ।



ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୨ ଜୁଲାଇ ୨୦୨୧, ଗୁରୁବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ପେଗାସସ୍ ନାଟକ...

ସଂସଦର ଗୁରୁତ୍ୱପୂର୍ଣ୍ଣ ମୌସୁମୀ ଅଧିବେସନର ଅବ୍ୟବହିତ ପୂର୍ବରୁ ଗୋଟିଏ ସରକାର-ବିରୋଧୀ ବାଣ ଫୁଟାଯାଇଛି । ମଝେ ମଝେ ଏଭଳି କରାଯାଉଥିବାର ଦେଖାଯାଉଥିଲେ ହେଁ ଏଥର ରାଷ୍ଟ୍ରୀୟ ସୁରକ୍ଷାକୁ ପ୍ରଭାବିତ କଲାଭଳି ଏକ ପ୍ରକରଣକୁ ଯୋଡ଼ି ଦିଆଯିବା ପଛରେ କାହାର ସ୍ୱାର୍ଥ ନିହିତ ଅଛି ଜାଣି ହେଉନାହିଁ । ଇସ୍ରାଏଲୀ ଗୁପ୍ତଚର ସଂସ୍ଥା ପେଗାସସ୍ ପକ୍ଷରୁ ଆମ ଦେଶର ପ୍ରମୁଖ ବିରୋଧୀ ନେତା, ସାମ୍ବାଦିକ, ଏପରିକି ଦୁଇ ଦୁଇ ଜଣ କେନ୍ଦ୍ର ମନ୍ତ୍ରୀଙ୍କର ଫୋନ୍ ଟେପିଂ ସହିତ ସେମାନଙ୍କର କାର୍ଯ୍ୟାବଳୀ ଉପରେ ନଜର ରଖାଯାଇଛି । ପେଗାସସ୍‌କୁ କେନ୍ଦ୍ର ସରକାର ଏଭଳି ଲୁଚାଛପା ଗୋଏନ୍ଦାଗିରି କରିବାକୁ ପ୍ରାଧିକୃତ କରିନାହାଁନ୍ତି ବୋଲି ସଫେଇ ଦିଆଯାଇଥିବା ବେଳେ ପ୍ରସଙ୍ଗ ନେଇ ଦେଶବ୍ୟାପୀ ହଇଚଇ ସୃଷ୍ଟି ହୋଇଛି । କଂଗ୍ରେସ ନେତା ରାହୁଲ ଗାନ୍ଧି, ନିର୍ବାଚନ ରଣନୀତିକାର ପ୍ରଶାନ୍ତ କିଶୋର, ତୃଣମୂଳ କଂଗ୍ରେସର ରାଷ୍ଟ୍ରୀୟ ସମ୍ପାଦକ, ଚାରି-ପାଞ୍ଚଟି ଜାତୀୟ ଗୋଏନ୍ଦା ସଂସ୍ଥାର ଅଧିକାରୀ ଓ କେନ୍ଦ୍ରୀୟ ନିର୍ବାଚନ ଆୟୁକ୍ତ ଅଶୋକ ଲାଭାସାଙ୍କ ସମେତ ବହୁ ପ୍ରଭାବଶାଳୀ ବ୍ୟକ୍ତି ତଥା ଅନୁଷ୍ଠାନ ଏହି ପେଗାସସ୍ ସ୍ପାଇୱେରର ଜାଲରେ ଅନ୍ତର୍ଭୁକ୍ତ କରାଯାଇଥିବା କଥା ପ୍ରଘଟ ହୋଇଛି । ଇସ୍ରାଏଲ ଏଭଳି ଗୋଟିଏ ଦେଶ, ଯାହାର କି ପ୍ରତିରକ୍ଷା ଓ ଗୋଏନ୍ଦାଗିରିରେ ବଡ଼ ଦଖଲ ଥାଏ । ସରକାର ପେଗାସସ୍ ସ୍ପାଇୱେର୍‌କୁ ନିୟୋଜିତ କରିଛନ୍ତି କି' ନାହିଁ, ତାହା ମୁଖ୍ୟ ପ୍ରଶ୍ନ ନୁହେଁ, ଏହାର ପଞ୍ଝା ଭିତରକୁ କିଭଳି ଆମର ଜାତୀୟ ସୁରକ୍ଷା ତଥ୍ୟାବଳୀ ଯାଇପାରୁଛି ଏବଂ ପ୍ରମୁଖ ବିପକ୍ଷ ନେତାମାନଙ୍କର ବ୍ୟକ୍ତିଗତ ଓ ସାଧାରଣ ଜୀବନ ସମ୍ପର୍କିତ ଗୋପନୀୟ ବିଚାର କରାଯାଉଥିବା ସୂଚନା ଚାଲାଣ ହେଉଛି, ତାହା ଚିନ୍ତାଜନକ ସ୍ଥିତି ଆଣିଦେଇଛି । କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସଂସଦରେ ଯଥାସମ୍ଭବ ବକ୍ତବ୍ୟ ରଖି ଜାଣିବାକୁ ଚେଷ୍ଟା କରିଛନ୍ତି ଯେ, ଦେଶରେ ବେଆଇନ ନିରୀକ୍ଷଣ ଅସମ୍ଭବ । ସେହିଭଳି ଆଇଟି ବିଭାଗର ପୂର୍ବତନ ମନ୍ତ୍ରୀ ରବି ଶଙ୍କର ପ୍ରସାଦ ଅତୀତରେ କଂଗ୍ରେସ ଅମଳରେ ଏଭଳି ଗୁପ୍ତଚର ବୃତ୍ତି ହେଉଥିଲା ବୋଲି ଦର୍ଶାଇ ସେହି ସଂଗଠନ ବିଭିନ୍ନ ଆଳ ନେଇ କେନ୍ଦ୍ର ବିରୋଧରେ ଆରୋପ କରିବା ହାସ୍ୟାସ୍ପଦ ବୋଲି କହିଛନ୍ତି । ଦେଶର ଆଭ୍ୟନ୍ତରୀଣ ମାମଲାରେ ବାହାର ସଂସ୍ଥା ବିଶେଷକରି ଗୁପ୍ତଚର ଏଜେନ୍‌ସି ମୁଣ୍ଡ ଖେଳାଇବା ନିଶ୍ଚିତ ରୂପେ ବଦ୍‌ମାସୀ ଭାବେ ଗଣାଯିବା କଥା । କେଉଁ ଦଳ ଓ କେଉଁ ସଂଗଠନ ନିର୍ଦ୍ଦିଷ୍ଟଭାବେ ଏହିଭଳି ଷଡ଼ଯନ୍ତ୍ର କରୁଛି, ତାହା ବିଚାର କରାଯିବାର କ୍ଷେତ୍ର ଅଲଗା । ହେଲେ ଦେଶରେ ବିଶୃଙ୍ଖଳାକାରୀ ଓ ଅବରୋଧକାରୀ ଶକ୍ତିମାନଙ୍କର ଏହା ଷଡ଼ଯନ୍ତ୍ର ବୋଲି ଗୃହମନ୍ତ୍ରୀ ଅମିତ୍ ଶାହା ଯାହା କହିଛନ୍ତି, ତାହା ପ୍ରଣିଧାନସାପେକ୍ଷ । ସର୍ବୋପରି ଗୋଟିଏ ପ୍ରସଙ୍ଗ ମୁଖ୍ୟତଃ ବିଚାରଯୋଗ୍ୟ ଯେ, କୌଣସି ଦଳ,ନେତା ଓ ସଂସ୍ଥା କଥା ନୁହେଁ, ଏଭଳି ବିଦେଶୀ ସ୍ପାଇୱେରକୁ ଆମ ଦେଶର ଆଭ୍ୟନ୍ତରୀଣ ମାମଲାରେ ମୁଣ୍ଡ ଖେଳାଇବାକୁ କିଏ ଅନୁମତି ଦେଲା । ଆଧୁନିକ ବିଜ୍ଞାନ ତଥା ପ୍ରଯୁକ୍ତି କୌଶଳର ସୁଯୋଗ ନେଇ ଯେଉଁ ସାଇବର ଅପରାଧମାନ ଘଟିଚାଲିଛି, ତାହା ଉପରେ କର୍ତ୍ତୃପକ୍ଷ ଏକପ୍ରକାର ନିୟନ୍ତ୍ରଣ ହରାଇ ବସିଥିଲା ଭଳି ହେଉଛି । ଏବକାର ସଦ୍ୟତମ ସ୍ଥିତିକୁ ବିଚାର କରି ଅପରାଧୀ ସଂସ୍ଥା ବିପକ୍ଷରେ କାର୍ଯ୍ୟାନୁଷ୍ଠାନ ଅଧିକ ଜରୁରି ହୋଇଉଠିଥିବା ବେଳେ ଦୋଷ ଲଦାଲଦି କସରତ୍ ଜାତୀୟ ସ୍ୱାର୍ଥରେ ସ୍ପୃହଣୀୟ ନୁହେଁ । ପେଗାସସ୍ ପ୍ରହେଳିକା କେବଳ ଆମର ନୁହେଁ, ଷାଠିଏରୁ ଅଧିକ ଦେଶରେ ଚାଲିଛି । ପ୍ରତିରକ୍ଷାଠାରୁ ଆରମ୍ଭକରି ବିଭିନ୍ନ ସମ୍ବେଦନଶୀଳ ତଥ୍ୟକୁ ନିଜ ଦଖଲକୁନେଇ ବିପଜ୍ଜନକ ଖେଳ ଖେଳିବାରେ ମାହିର ଏଭଳି ଗୁପ୍ତଚର ସଂସ୍ଥାଗୁଡ଼ିକ ପାଇଁ ଆମେ ଦରଜା ଖୋଲି ଡାକିଆଣିବା ପରୋକ୍ଷରେ ବିପଦକୁ ବରଣ କରିବା ଭଳି ହେଉଛି । ଯଦି ପ୍ରତିପକ୍ଷ ଶିବିର ଏବଂ ସଂଗଠନ ବିରୋଧରେ ଏଭଳି ଗୋଏନ୍ଦାଗିରି ପାଇଁ ଲଗାଯାଉଥାଏ, ତେବେ ତାହା ଦିନେ ନା' ଦିନେ ଆତ୍ମଘାତୀ ସାବ୍ୟସ୍ତ ହେବ । ଏଭଳି ବିଷଚକ୍ରର ଯେତେ ଶୀଘ୍ର ଅନ୍ତ ହେବ, ତାହା ସମସ୍ତଙ୍କ ପାଇଁ ମଙ୍ଗଳକର । ଏହା ଦେଶର ବୃହତ୍ତର ସ୍ୱାର୍ଥ ଜଡ଼ିତ ପ୍ରଶ୍ନ ହୋଇଥିବା ହେତୁ କେହି ଏହାକୁ ନେଇ ଲଘୁ ଚିନ୍ତାର ପ୍ରଶ୍ରୟ ନେବା ଉଚିତ୍ ନୁହେଁ । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟଠାରୁ ଆରମ୍ଭ କରି ରାଷ୍ଟ୍ରପତି ଭବନ ଉପରେ ଗୁଇନ୍ଦା ବାହିନୀର ଶ୍ୟେନ ନଜର ରହିବା ଅସମ୍ଭବ ହେଉନଥିବାରୁ ସାପ-ଶିଡ଼ି ଖେଳରେ ମହଙ୍ଗା ପଡ଼ିବାର ଆଶଙ୍କା ରହିବା ଅସମ୍ଭବ ନୁହେଁ ।

# ଗଣମାଧ୍ୟମର ବିଶ୍ୱାସନୀୟତାକୁ ନେଇ ପ୍ରଶ୍ନ



**ଗୋପାଳ ମହାପାତ୍ର**

ଏହାକୁ ବିଡ଼ମ୍ବନା ବୋଲି କୁହାଯାଇପାରେ ଯେ, ଯେଉଁ ସାମ୍ବାଦିକତାକୁ ଅଧିକ ପରିପକ୍ୱ, ପରିଷ୍କୃତ ଏବଂ ପରିମାର୍ଜିତ ଭାବେ ଦେଖିବା କଥା ଆମେ ଏବେ ତାର ବି ଚାପ ଦେଖିବାକୁ ପାଉଛେ। ଭାରତ ଭଳି ଦେଶରେ ଏହା ନିଶ୍ଚିତ ଭାବେ ଏକ ଦୁର୍ଭାଗ୍ୟଜନକ ଘଟଣା। ସାମ୍ବାଦିକତା ଏବେ ଦାୟିତ୍ୱହୀନତା ଏବଂ ଗୁରୁତ୍ୱହୀନ ଦେଖିବାକୁ ମିଳୁଛି। ଏହି ଘଟଣା ସାମ୍ବାଦିକତାର ସମଗ୍ର ସ୍ୱରୂପକୁ ସୂଚାଇ ଦେଉଛି। ମୁଦ୍ରିତ ଗଣମାଧ୍ୟମ ବା ସମ୍ବାଦପତ୍ର ପତ୍ରିକା ବିଭିନ୍ନ ସମୟରେ ତାର ଗୌରବଶାଳୀ ଭୂମିକା ନିର୍ବାହ କରିଥିବାର ଅନେକ ଉଦାହରଣ ରହିଛି। ସ୍ୱାଧୀନତା ସଂଗ୍ରାମ ସମୟରେ ହେଉ ବା ଦେଶରେ ଜରୁରୀକାଳୀନ ପରିସ୍ଥିତି ସମୟରେ ହେଉ ସମ୍ବାଦପତ୍ର ତାର ଦାୟିତ୍ୱ ଠିକ୍ ଭାବରେ ସମ୍ପାଦନ କରିଥିଲେ। କିନ୍ତୁ ଏବେ ଲାଗୁଛି ଅତୀତର ଏହି କଥା ଏବେ ଅତୀତ ହୋଇଯାଇଛି। ଜନଜୀବନରେ ଗଣମାଧ୍ୟମର ଭୂମିକା ତ ରହିବ ମୁଦ୍ରିତ ଗଣମାଧ୍ୟମର ଭୂମିକା ପୂର୍ବଭଳି ଯେ ପ୍ରଭାବଶାଳୀ ହୋଇ ରହିପାରିବ ସେ ନେଇ ଆଶଙ୍କା ଦେଖାଦେଇଛି। କାରଣ ଏବେର ସମୟ ଯେ, କେବଳ ମୁଦ୍ରିତ ଗଣମାଧ୍ୟମ ପାଇଁ କଠିନ୍ ସମୟ ତା ନୁହେଁ ଅନ୍ୟ ମାଧ୍ୟମ ପାଇ ମଧ ନିଜର ଭୂମିକାକୁ ଠିକ୍ ଭାବରେ ନିର୍ବାହ କରିବା ପାଇଁ ଚାଲେ ସୃଷ୍ଟି କରିଛି।

ବର୍ତ୍ତମାନର ପରିବର୍ତ୍ତିତ ପରିସ୍ଥିତିରେ ସମ୍ବାଦପତ୍ରର ଅସ୍ତିତ୍ୱ ସଙ୍କଟରେ ପଡିଛି। ପୁଁ ଏବଂ ପାଠକଙ୍କ ଅଭାବ କାରଣରୁ କେବଳ କିଛି ମାତ୍ର ସାଧନ ସମ୍ପନ୍ନ ସଂସ୍ଥା ସମ୍ବାଦପତ୍ରର ସଞ୍ଚାଳନ ଠିକ୍ ଭାବରେ କରିପାରୁଛନ୍ତି। ଆର୍ଥିକ ସଙ୍କଟ ପ୍ରାୟତଃ ସବୁ ସମ୍ବାଦପତ୍ରର ସମ୍ପାଦକୀୟ ସ୍ୱାଧୀନତା ଉପରେ ଅଙ୍କୁଶ ଲଗାଇ ଦେଇଛି। ଏକଥା ସ୍ପଷ୍ଟ ଯେ, ସମ୍ବାଦ-ବିଚାରକୁ ସମ୍ବାଦପତ୍ରରେ ନିରପେକ୍ଷ ଭାବେ ଏପରିକି ସ୍ୱାଧୀନ ଭାବେ ସ୍ଥାନିତ କରିବାର ଅବସ୍ଥା ପୂର୍ବବତ୍ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏଣୁ ସମ୍ବାଦପତ୍ର ଯେଉଁ ଗୁରୁତ୍ୱ ଥିଲା ତାହା କ୍ରମେ କ୍ରମେ କମିବାରେ ଲାଗିଛି। ସମ୍ବାଦପତ୍ରର ମୁଖ୍ୟ ପୁଁ ହେଉଛି ବିଶ୍ୱସନିୟତା। ଏହି ପୁଁ ଅନ୍ୟ ମାଧ୍ୟମମାନଙ୍କୁ ମିଳିପାରେ ନାହିଁ। ଅନ୍ୟ ମାଧ୍ୟମ ମାନଙ୍କ ପାଖରେ ସାଧନ ସଂସଧାନ ଏବଂ ଟିଆରପି ବାଲା ଶ୍ରୋତା-ଦର୍ଶକ ଥାଇପାରନ୍ତି କିନ୍ତୁ ବିଶ୍ୱସନିୟତା ନାହିଁ ବୋଲି କୁହାଯାଇପାରେ। ଅନେକ ଘରୋଇ ଚାନେଲ (ଟିଭି ଚାନେଲ) ଅଧିକ ଭାବରେ ବିଶ୍ୱସନିୟତା ହରାଇଛନ୍ତି।

ନବେ ଦଶକରେ ଘରୋଇ ଟିଭି ଚାନେଲ ସବୁ ଦେଶରେ ଆରମ୍ଭ ହୋଇଥିଲା। ଏହା ଲୋକଙ୍କୁ ଦେଶର ବିଭିନ୍ନ ଖବର ଜଣାଇବାର ମାଧ୍ୟମ ପାଲଟି ଥିଲା। କେନ୍ଦ୍ର ସରକାର ୧୯୯୬ ମସିହା ନଭେମ୍ବର ୨୩ତାରିଖରେ ପ୍ରସାର ଭାରତୀ ଆଇନ ପ୍ରଣୟନ କରି ଦୂରଦର୍ଶନର ଏକାଧିକାରକୁ ଖତମ କରିଦେଇଥିଲେ ଫଳରେ ଘରୋଇ ଚାନେଲ ମାନଙ୍କ ହାତକୁ ସମ୍ବାଦ ପ୍ରସାରଣର ଦକ୍ଷତା ଆସିଯାଇଥିଲା। ଏହି ଘରୋଇ ଚାନେଲ ଗୁଡିକ ଭୌଗୋଳିକ, ଆର୍ଥିକ ଓ ସାକ୍ଷରତାର ସୀମାକୁ ଭାଙ୍ଗି ଦେଇଥିଲେ। ଏକ ତଥ୍ୟ ଅନୁସାରେ ଏବେଦେଶର ୧୦କୋଟିରୁ ଅଧିକ ଲୋକଙ୍କ ଘରେ ଟିଭି ରହିଛି। ଏହି ମାଧ୍ୟମ ତାର ଶକ୍ତି ପ୍ରଦର୍ଶନ କରି ସମାଜର ମଙ୍ଗଳ କରିବା କଥା କିନ୍ତୁ ଓଲଟା ହେଉଛି। କେତେକ ଟିଭି ଚାନେଲ ଦାୟୀତ୍ୱହୀନତାର ପରିଚୟ ଦେଇ ଲୋକଙ୍କ ବିଶ୍ୱାସ ହରାଇଛନ୍ତି। ଏବେ ଏମିତି ଅବସ୍ଥା ଉପୁଜିଛି ଯେ, ଲୋକେ କେତେକ ଚାନେଲର ସମ୍ବାଦ ଚୟନ ଓ ଉପସ୍ଥାପନାକୁ ନେଇ ଅଙ୍ଗୁଳି ଉଠାଉଛନ୍ତି ଏପରିକି ଅନେକ ମଧ ସମାଚାର ଦେଖିବା ବନ୍ଦ କରି ଦେଉଛନ୍ତି। ଏ ପ୍ରସଙ୍ଗରେ ଅନେକ ଉଦାହରଣ ରହିଛି। ଦୁଃଖଦ ଘଟଣାହେଉଛି ୩ ଦଶନ୍ଧି ପରେ ମଧ ଏହି ମାଧ୍ୟମ ନିଜର ନିଶ୍ଚିତ ଚରିତ୍ରକୁ ବିକଶିତ କରିପାରିନାହିଁ। ଚବିଶ ଘଣ୍ଟା ସମ୍ବାଦ ପ୍ରସାରଣ କରୁଥିବା ଏହି ମାଧ୍ୟମ କେବେ ପରିପକ୍ୱ ହେବ ତାକୁ ନେଇ ଆଶଙ୍କା ସୃଷ୍ଟି ହେଲାଣି।

ଏବେ ସାମାଜିକ ଗଣମାଧ୍ୟମ ଏକ ନୂଆ ସୂଚନା ମାଧ୍ୟମ ଭାବେ ବିକଶିତ ହୋଇଛି କିନ୍ତୁ ଦାୟୀତ୍ୱହୀନତା ଭରିରହିଥିବା ଦେଖାଯାଉଛି। ଫୋକ୍ ନ୍ୟୁଜ୍ (ଭୁଲ୍ ସମ୍ବାଦ)ର ପ୍ରସାରଣ ବଢିବାରେ ଲାଗିଛି। ସାମାଜିକ ଗଣମାଧ୍ୟମରେ ଅନେକ ସମୟରେ ଅସତ୍ୟ, ଅପ୍ରମାଣିକ ତଥା ଅସନ୍ତୁଳିତ ଖବର ପ୍ରକାଶିତ ହେଉଛି ଯାହା ସାମ୍ବାଦିକତାର ମର୍ଯ୍ୟାଦା ହାନୀ କରିବା ସହିତ ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଭଳି ଅବସ୍ଥା ପାଇଁ ସାଧାରଣ ଲୋକଙ୍କ ପାଖରେ ସଠିକ୍ ସମ୍ବାଦ ପହଞ୍ଚିବା କଷ୍ଟକର ହୋଇପଡିଛି। ସମ୍ବାଦ-ବିଚାର ମାମଲାରେ ପ୍ରଦୂଷଣ ମଧ ବଢୁଛି। ଏଭଳି ସମୟରେ ଦୂରଦର୍ଶନ ପୁଣି ପ୍ରାସଙ୍ଗିକ ହେବାରେ ଲାଗିଛି। ଘରୋଇ ଚାନେଲ ଗୁଡିକର ଅସନ୍ତୁଳିତ ସାମ୍ବାଦିକତା, ଦାୟୀତ୍ୱହୀନତା କାରଣରୁ ଯେଉଁମାନେ ଦୂରଦର୍ଶନ ଦେଖିବାକୁ ପସନ୍ଦ କରୁନଥିଲେ ସେମାନେ ଦୂରଦର୍ଶନ ଦେଖିବାକୁ ଇଚ୍ଛା କଲେଣି। ଲୋକଙ୍କ ମତ ହେଉଛି ସନ୍ତୁଳିତ ଏବଂ ସତ୍ୟ ସମ୍ବାଦ ମୁଦ୍ରିତ ଗଣମାଧ୍ୟମରେ ହିଁ ପ୍ରକାଶିତ ହୋଇଥାଏ। ଅନେକ ଜାତୀୟସ୍ତରର ଟିଭି ଚାନେଲ ଏକ ତରଫା, ଅର୍ଦ୍ଧସତ୍ୟକୁ ସତ୍ୟ ଭଳି ଉପସ୍ଥାପନ କରିବା ତଥା ଦର୍ଶକଙ୍କୁ ଭ୍ରାମକ ସୂଚନା ଦେଉଥିବା ଅଭିଯୋଗ ଉଠୁଛି। ଦେଖାଯାଉଛି ଯେ, ଅନେକ ଘରୋଇ ଟିଭି ଚାନେଲ କମ୍ ପ୍ରାସଙ୍ଗିକ ପ୍ରସଙ୍ଗକୁ ଅନାବଶ୍ୟକ ଭାବେ ଗୁରୁତ୍ୱ ଦେଉଛନ୍ତି। ଅନେକ ଟିଭି ଚାନେଲରେ ଦିଲ୍ଲୀ ଓ ଉତ୍ତର ଭାରତକୁ ଯେଭଳି ଗୁରୁତ୍ୱ ଦିଆଯାଉଛି ଦେଶର ଅନ୍ୟ ଅଂଶକୁ ସେତିକି ଗୁରୁତ୍ୱ ଦିଆଯାଉନାହିଁ। ଟିଆରପି ପାଇଁ ଏଭଳି କରାଯାଉଛି। ଉତ୍ତେଜନାମୂଳକ ତଥା ଶସ୍ତା ଖବରରେ ଟିଆରପି ବଢାଇବା ପାଇଁ ଟିଭି ଚାନେଲ ମାନେ ଉଦ୍ୟମ କରୁଛନ୍ତି। ସୁଶାନ୍ତ ହତ୍ୟାକାଣ୍ଡକୁ ଯେଭଳି ପ୍ରସାରଣ କରାଗଲା ତାହା ହେଉଛି ଏଭଳି ଘଟଣାର ଏକ ପ୍ରକୃଷ୍ଟ ଉଦାହରଣ।

ଦେଖିବାକୁ ଗଲେ ଦୂରଦର୍ଶନ ତାର ସମ୍ବାଦ ପ୍ରସାରଣକୁ ଠିକ୍ ବା ସ୍ୱଚ୍ଛ ରଖିଛି ବୋଲି କୁହାଯାଇପାରେ। ଦେଶର ଅନେକ ଖବର ଦୂରଦର୍ଶନରୁ ମିଳିଯାଉଛି। କୋଭିଡ ବା କରୋନା ସମୟରେ ଚିକିତ୍ସକ ମାନଙ୍କର ପରାମର୍ଶ ଏବଂ ବିଶେଷଜ୍ଞ ସମୟରେ ଚିକିତ୍ସକମାନଙ୍କର ପରାମର୍ଶ ଏବଂ ବିଶେଷଜ୍ଞ ମାନଙ୍କର ପରାମର୍ଶ ପ୍ରସାରଣ କରି ଦୂରଦର୍ଶନ ଲୋକଙ୍କର ଆସ୍ଥାଭାଜନ ହୋଇପାରିଛି। ଗତ ଜୁନ ମାସରେ ଅକ୍ସଫୋର୍ଡ଼ ବିଶ୍ୱବିଦ୍ୟାଳୟର ରଏଟ୍ରସ୍ ଇନିଷ୍ଟିଚ୍ୟୁଟ୍ ଅଫ୍ ଜର୍ଣ୍ଣାଲିଜିମ୍ ପକ୍ଷରୁ ଏକ ସର୍ଭେ କରାଯାଇଥିଲା। ସର୍ବେକ୍ଷଣର ରିପୋର୍ଟ ଦୂରଦର୍ଶନ ସପକ୍ଷରେ ମତ ଦେଇଛି। ରିପୋର୍ଟରେ ଦୂରଦର୍ଶନକୁ ଦେଶର ବିଶ୍ୱସନୀୟ ଚାନେଲ ବୋଲି କୁହାଯାଇଛି। ଆକାଶବାଣୀକୁ ମଧ ସର୍ବେକ୍ଷଣ ରିପୋର୍ଟ ବିଶ୍ୱସନୀୟ ବୋଲି ଲେଖିଛି। ସର୍ବେକ୍ଷଣ ରିପୋର୍ଟ ଅନୁସାରେ ଭାରତର ୩୮ ପ୍ରତିଶତ ଲୋକ ସମାଚାରର ବିଶ୍ୱସନୀୟତା ଉପରେ ଭରଷା କରିଥାନ୍ତି। କିନ୍ତୁ ସର୍ବେକ୍ଷଣରେ ଉଲ୍ଲେଖ ଅଛି ଯେ ଫିନଲ୍ୟାଣ୍ଡ ଭଳି ଦେଶରେ ୬୫ପ୍ରତିଶତ ଲୋକ ସେ ଦେଶର ଗଣମାଧ୍ୟମ ଉପରେ ଭରଷା ରଖିଛନ୍ତି। ଏହି ରିପୋର୍ଟ ଆମର ଗଣମାଧ୍ୟମ ପ୍ରତିଷ୍ଠାନ, ସେଥିରେ କାର୍ଯ୍ୟରତ କର୍ମଚାରୀ ଏପରିକି ସାମ୍ବାଦିକତା ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି ନିଶ୍ଚୟ। ସାମ୍ବାଦିକ ଓ ଗଣମାଧ୍ୟମ ପ୍ରତିଷ୍ଠାନମାନେ ଗଭୀର ଭାବେ ଏ ବାବଦରେ ଚିନ୍ତା କରିବା ଉଚିତ୍। ଏହି ରିପୋର୍ଟରେ ପ୍ରିଣ୍ଟ ମିଡିଆ ବା ମୁଦ୍ରିତ ଗଣମାଧ୍ୟମ ସମ୍ପର୍କରେ ସକାରାତ୍ମକ ମନ୍ତବ୍ୟ ରହିଛି। ଦେଶରେ ଏବେ ବି ମୁଦ୍ରିତ ଗଣମାଧ୍ୟମ ଅନ୍ୟ ମାଧ୍ୟମ ଅପେକ୍ଷା ଅଧିକ ବିଶ୍ୱାସର ପାତ୍ର। ମୁଦ୍ରିତ ଗଣମାଧ୍ୟମରେ ଶବ୍ଦର ଶାଳୀନତା ରହିଥାଏ। ଚାନେଲ ଗୁଡିକରେ ବହୁ ଅର୍ଥ ବୋଧକ ଶବ୍ଦ ଏବଂ ସାମାଜିକ ଗଣମାଧ୍ୟମରେ ଅସଂପାଦିତ ଏବଂ ଦାୟୀତ୍ୱହୀନ ତଥ୍ୟ ଓ ଭାଷାର ତୁଳନାରେ ସମ୍ବାଦପତ୍ରରେ ମୁଦ୍ରିତ ଶବ୍ଦ ଭରଷା ଯୋଗ୍ୟ ଥିଲେ ମଧ ଅନେକ ସମ୍ବାଦପତ୍ର ସେହି ଭରଷାକୁ କାଏମ ରଖିବାରେ ବିଫଳ ହେଉଛନ୍ତି। ଦେଶରେ ହଜାରେରୁ ଅଧିକ ଟିଭି ଚାନେଲ ଥାଇ ମଧ ଲୋକେ ସମ୍ବାଦପତ୍ର ଉପରେ ଭରଷା କରିବା ଟିଭି ଚାନେଲପାଇଁ ଚିନ୍ତାଜନକ ବିଷୟ ନିଶ୍ଚୟ। ସରକାର ଚାନେଲ ଏବଂ ସାମାଜିକ ଗଣମାଧ୍ୟମକୁ ନିୟନ୍ତ୍ରଣ କରିବାପାଇଁ ନ୍ୟାୟାଳୟ ମଧ କହିଛନ୍ତି। ସରକାର ମଧ ଏ ଦିଗରେ ପଦକ୍ଷେପ ନେଇଛନ୍ତି। ବ୍ରଡ଼କାଷ୍ଟର ଆସୋସିଏସନ୍ ମଧକେତେକ ନିୟମ ଜାରି କରିଛି କିନ୍ତୁ କେତେକ ଚାନେଲ, ଖବରରେ ଅସନ୍ତୁଳନ, ଭେଦଭାବ, ଅର୍ଦ୍ଧସତ୍ୟ ଏବଂ ଅପୂର୍ଣ୍ଣ ସମ୍ବାଦ ପ୍ରସାରଣ କରୁଛନ୍ତି। ଏସବୁ କଥାକୁ କେବଳ ଚାନେଲର ମାଲିକ ଅଥବା ସଞ୍ଚାଳନ ହିଁ ରୋକିପାରିବେ। କାରଣ ଅନେକ ଖବର ବାସ୍ତବରେ ଅର୍ଦ୍ଧ ସତ୍ୟ ହୋଇଥିଲେ ମଧ ସତ୍ୟ ଭାବେ ତାକୁ ଉପସ୍ଥାପନ କରାଯାଉଛି। ମାଧ୍ୟମର ବିଶ୍ୱସନୀୟତାର ପ୍ରଶ୍ନ ତତ୍କାଳିକ ଲାଭ ଆଗରେ ଗୌଣ ହୋଇଯାଉଛି।

# ଭ୍ରଷ୍ଟାଚାରୀଙ୍କୁ ଦଣ୍ଡବିଧାନ କେବେ ?



**ପଙ୍କଜ କୁମାର ପାଣିଗ୍ରାହୀ**

ବ୍ରହ୍ମାଣ୍ଡ ଅନ୍ତର୍ଦ୍ଧ୍ୟୋ ନିରାକାରଙ୍କ ମାୟାରେ ପାପ ପୂଣ୍ୟର ହିସାବ ସମାନ୍ତରାଳ ହୋଇଥାଏ ବୋଲି ବିଗ୍ରର ସମସ୍ତଙ୍କର ! ହେଲେ ତାହା କେତେବେଳେ ହୁଏ ଅବା କେଉଁଠି ଦେଖିଛି କିଏ ? କିନ୍ତୁ ଚର୍ଚ୍ଚା ଓ ବାସ୍ତବତା ମଧ୍ୟରେ ପାର୍ଥକ୍ୟଯେ ଗଭୀର ସେଇଥିରେ ଦ୍ୱିମତ ନାହିଁ !!

ହେ ନିରାକାର, ତୁମରି କରୁଣାର ଚର୍ଚ୍ଚା ଘୋର, ଯେଉଁଥିରେ ବ୍ରହ୍ମାଣ୍ଡର ସମସ୍ତ ନିର୍ଜୀବ, ଚରାଚର ନିମଗ୍ନ ବିଭୋର ! ହେଲେ କୋଟି କୋଟି ନିର୍ମାୟାଙ୍କ କାରୁଣ୍ୟ ଚିତ୍କାର କରୁଅଛି ମୋତେ ବ୍ୟାପକ ଅସ୍ଥିର ! ତୁମେ କେତେବେଳେ ଅଛ ପୁଣି କେତେବେଳେ ନାହଁ, କେଉଁଠାରେ ଉପସ୍ଥିତ କେଉଁଠାରୁ ଅନ୍ତର୍ଦ୍ଧାନ ବୁଝିବା କ୍ଷମତା ବିହୁନ ନିର୍ବୋଧ ମୁଁ ଆଜି ନାଗ୍ରର । କେତେବେଳେ ତୁମେ ଆବିର୍ଭାବ ହୋଇ କରିଥାଅ ଦୁଷ୍କୃତ ସଂହାର ତ ଆଉ କେତେବେଳେ ତୁମ ନାମଧରି ସାମାଜିକ ବ୍ୟବସ୍ଥା ଛାରଖାର ! ତୁମ୍ଭଙ୍କୁହିଁ ଜ୍ଞାତ କି ଲୀଳା ତୁମ୍ଭର !! ବାସ୍ତବରେ ତୁମେ ଅଛ କି ନାହିଁ କୌଣସି ପ୍ରାମାଣିକ ତଥ୍ୟ ନାହିଁ କି ବିଗ୍ରର । ତଥାପି ତୁମ୍ଭ ବିରୋଦ୍ଧେ ସମ୍ଭାଷଣ ଗ୍ରହଣୀୟ ହୁଏନି କାହାର ! ସେହି ଅଦୃଶ୍ୟ ନିରାକାରଙ୍କ ନାମ ନେଇ କିନ୍ତୁ ଗ୍ଲଲିଛି ବ୍ୟାପାର ଅପାର । କେତେବେଳେ ମୁକ୍ତିର ପଥ ପ୍ରଦର୍ଶକ ତ କେତେବେଳେ ବ୍ୟବସାୟ ଏବଂ ଆଉ କେତେବେଳେ ରାଜନୀତି ସମସ୍ତଙ୍କ ଅମୋଘ ଅସ୍ତ୍ର ସାଜିଛି କେବଳ ନାମଟି ତୁମର ! ଅନ୍ତ ନାହିଁ ଭାବିଦେଲେ ଏହି ସବୁକଥା ମୋ ଆଶ୍ଚର୍ଯ୍ୟର !

ମୁଁ ଜାଣିନାହିଁ ଭଗବାନ ଅଛନ୍ତି କି ନାହିଁ । ତଥାପି ଅନେକ ଲୋକ କହନ୍ତି ଭଗବାନ ନିଶ୍ଚିତ ଅଛନ୍ତି ତ ଆଉ କିଛି ଲୋକଙ୍କ ସେହି କଥାରେ ଦ୍ୱିମତ ଯେ ଭଗବାନ ବୋଲି କିଛି କୋଉଠି ନାହିଁ। ମୁଁ କିନ୍ତୁ ନିର୍ବୋଧ ମୁଢଟିଏ ଗୁରୁଙ୍କ ଗୋଟିଏ କଥାରେ ଗ୍ଲେ ଯେବେ ନ ଦେଖିବୁ ଦୁଇ ନୟନେ, ପରତେ ନଯିବୁ ଗୁରୁ ବଚନେ ନୀତିକୁ ଆଦରି । ଯାହାହେଉ ଯାହାର ଯେମିତି ବିଗ୍ରର ସିଏ ସେହି ପଥ ଅନୁସରଣ କରି ଜୀବନର ଶେଷ ପର୍ଯ୍ୟନ୍ତ ଗ୍ଲନ୍ତୁ, ସେଇଥିରେ ଆମର କୌଣସି ହସ୍ତକ୍ଷେପ କରିବାର ନାହିଁ । କିନ୍ତୁ ଯଦି କୌଣସି ଅପପୁଷ୍ଟି ଦେଖାଯାଏ ତାକୁ ବର୍ଜନ ବିଗ୍ରର ସ୍ୱାଗତଯୋଗ୍ୟ ନିଶ୍ଚୟ । ଅର୍ଥାତ ଭଗବାନ ଭଳି ଗୋଟିଏ ସୁନ୍ଦର ଶବ୍ଦର ଅପବ୍ୟବହାର କରି କରାଯାଉଥିବା, ବ୍ୟବସାୟ, ରାଜନୀତି, ଲୁଣ୍ଠନ ତଥା ପ୍ରତାରଣାପୂର୍ଣ୍ଣ ମନ୍ତବ୍ୟ ଗୁଡିକୁ ସାଧାରଣ ଲୋକେ ବିପର୍ଯ୍ୟୟର ଗ୍ରବିକାଠି ଭଳି ମନେକରିବା ଅତ୍ୟନ୍ତ ବିଧେୟ । ଅନେକ କ୍ଷେତ୍ରରେ ସାଧାରଣ ନିର୍ବୋଧଙ୍କ ଅଜ୍ଞାନତାର ସୁଯୋଗ ନେଇ କେତେକ ଛଦ୍ମବେଶୀ ରାକ୍ଷସ ଭଗବାନ ସଦୃଶ୍ୟ ପ୍ରକଟ ପୂର୍ବକ ଭଗବାନଙ୍କ ମିଥ୍ୟା ରଚନାର ପ୍ରହେଳିକା ସୃଷ୍ଟିକରି ସମାଜକୁ ନର୍କଗାମୀ କରୁଥିବା ଗୋଟିଏ ସାଧାରଣ ପ୍ରଣାଳୀ ବହୁ ଅତୀତରୁ ପ୍ରଚଳିତ ଏକ ସାମାଜିକ ପ୍ରଥା ଯାହା ଆମେ ସମସ୍ତେ ଜାଣୁ । ଉପର ଲିଖିତ ଦୁଇଟି ଗୋଷ୍ଠୀଙ୍କ ମଧ୍ୟରୁ ପ୍ରଥମଟି କେବଳ ନିଜର ଅନଭିଜ୍ଞତା ହେତୁ କୌଣସି ପ୍ରାମାଣିକ ତଥ୍ୟ ନଥିଲେ ମଧ ଅନ୍ୟର ପ୍ରରୋଚନାରେ ଭୟଭୀତ ହୋଇ ଗ୍ରହଣ କରୁଥିବା ବେଳେ ଦ୍ୱିତୀୟ ନିଜର ବୈଗ୍ରରିକ ଜିଜ୍ଞାସୁ ମନୋଭାବ ଜନିତ କୌଣସି ଅଦୃଶ୍ୟ, ଅସ୍ପୃଶ୍ୟକୁ ସ୍ୱୀକାର କରିବା ଯୁକ୍ତିଯୁକ୍ତ ମନେ କରିନଥା'ନ୍ତି । ଯେଉଁମାନେ ଭଗବାନଙ୍କୁ ମାନନ୍ତି ନାହିଁ ସେମାନେ ସାଧାରଣ ଚରିତ୍ର ପ୍ରବାହ କରିଥା'ନ୍ତି । ହେଲେ ଯେଉଁମାନେ ଭଗବାନଙ୍କୁ ଗ୍ରହଣ କରନ୍ତି ସେମାନଙ୍କ ବାସ୍ତବିକ ଭକ୍ତିପୂତ ଭାବାବେଗ ଅକଳନୀୟ । ସେମାନେ ଭଗବାନଙ୍କ ନାମ ପଡିଲେ ନିଜସ୍ୱ ସର୍ବସ୍ୱ ଜଳାଳି ଦେଇ ନିଜକୁ ସମ୍ପୂର୍ଣ୍ଣରୂପେ ଉତ୍ସର୍ଗିକୃତ କରିଥାନ୍ତି ପ୍ରଭୁଙ୍କ ପାଦପଦ୍ମରେ !! ଏହା ବ୍ୟତୀତ ଆଉ କିଛି ଲୋକ ଭଗବାନଙ୍କ ନାମନେଇ ସାଧାରଣ ଲୋକଙ୍କୁ ଲୁଟୁଥିବା ମଧ କୌଣସି ନୂଆଁକଥା ନାହିଁ ଆମ ପାଇଁ ଯାହା ସବୁବେଳେ ଦେଖି, ଶୁଣି ଆମ ଦେହସୁହା ହୋଇଗଲାଣି । ହେଲେ ସାଧାରଣ ମଣିଷଙ୍କ ଆସ୍ଥା ସେହି ଭଗବାନଙ୍କ ନାମନେଇ ଯେଉଁମାନେ ସମାଜକୁ ଠକୁଛନ୍ତି ସେମାନଙ୍କୁ ଉଚିତ ଦଣ୍ଡ ବିଧାନ କରାଯିବ କେବେ ଓ କରିବ କିଏ ପ୍ରଶ୍ନବାଚୀ ସୃଷ୍ଟି କରୁଛି ମନରେ ଆମର । ଆଦିକାଳରୁ ପୁରାଣଠାରୁ ଆରମ୍ଭ କରି ବିଭିନ୍ନ ଦାର୍ଶନିକ ମତବାଦ ଗୁଡିକରେ କେତେକ ସମ୍ମୋହନକାରୀ ରାକ୍ଷସଙ୍କ ଚରିତ୍ର ବର୍ଣ୍ଣିତ ଯେଉଁମାନେ ଅନେକ ସମୟରେ ନିଜର ପ୍ରକୃତ ରୂପକୁ ବଦଳାଇ ସୁନ୍ଦର ଚେହେରା ପ୍ରଦର୍ଶନ ପୂର୍ବକ ଅନେକ ଅପହରଣକାରୀ କାର୍ଯ୍ୟରେ ଲିପ୍ତରହି ସରଳ ନିର୍ବୋଧ ଲୋକଙ୍କୁ ପ୍ରତାରିତ କରୁଥିଲେ । ଅର୍ଥାତ ରାକ୍ଷସ ମନବୃତ୍ତି ସମ୍ପନ୍ନ ମଣିଷ ଭଗବାନ ଭଳି ପବିତ୍ର ନାମ ତଥା ଚେହେରା ଧାରଣ କରି ସାମାଜିକ ଦୁରାଗ୍ରର କରୁଥିବା କଥା ଅନେକ ସ୍ଥାନରେ ବର୍ଣ୍ଣନା କରାଯାଇଥିବା କାହାକୁ ଅଗୋଚର ନୁହେଁ । ସେମାନେ ବାସ୍ତବିକ ଭଗବାନ ଭଳି ପବିତ୍ର ଶବ୍ଦର ବ୍ୟବହାରିକ ମୂଲ୍ୟ ବୋଧ କରିପାରୁନଥିବା ବେଳେ ଆଭ୍ୟ'ରୀଣ ଭାବେ କୌଣସି ଭକ୍ତିପୂତ ବିଗ୍ରରଧାରା ରଖିନଥାଇ କେବଳ ଲୋକଙ୍କୁ ଦେଖାଣିଆ ଭାବେ ନିଜର ଭକ୍ତି ବ୍ୟକ୍ତ କରୁଥାଇ କୌଣସି ବିଶ୍ୱାସ ରଖିନଥିବା, ଅନୁଭବ ନାହିଁ ସାଧାରଣ ନିର୍ବୋଧ ମଣିଷ ମାନଙ୍କର । ଏହିକଥା ସତ୍ୟଯେ ଏମିତି ଅନେକ ମଣିଷ ଭଗବାନ ବିଶ୍ୱାସୀ ନହୋଇ ମଧ ଲୋକଙ୍କୁ ଅତ୍ୟନ୍ତ ଭକ୍ତିପୂତ ପ୍ରଦର୍ଶନ କରିଥା'ନ୍ତି ଯାହା ସହଜରେ ବୁଝି ହୁଏନି ! କାରଣ ସେମାନେ ଯଦି ସତରେ ଭଗବାନ ଶବ୍ଦକୁ ସମ୍ମାନ ଦେଇଥା'ନ୍ତେ ତାହେଲେ କେବେହେଲେ ସାମାଜିକ ଦୁରାଗ୍ରରରେ ନିଜକୁ ନିୟୋଜିତ କରିନଥା'ନ୍ତେ । ତେଣୁ ସେମାନେ ନିଶ୍ଚିତ ନାସ୍ତିକବାଦୀ ଯେଉଁମାନେ ଭଗବାନଙ୍କ ନାମ ନେଇ ସାମାଜିକ ଭ୍ରଷ୍ଟାଗ୍ରରରେ ଜଡିତ । ତଥାପି ସେହି ଚେହେରା ପଛରେ ରହିଥିବା ପ୍ରକୃତ ରୂପକୁ ଚିହ୍ନି ନପାରି ମଣିଷ ଅନେକ ସମୟରେ ବ୍ୟାପକ ସମସ୍ୟାର ସମ୍ମୁଖୀନ ହୋଇଥିବା ବର୍ଣ୍ଣିତ ସମସ୍ତ ସାମାଜିକ ଚରିତ୍ର ସମସ୍ତଙ୍କୁ ଭଲଭାବେ ଜଣା । ହେଲେ ସାଧାରଣ ଲୋକଙ୍କ ନିର୍ବୋଧତା ହେତୁ ସେହି ଲିଖିତ ବର୍ଣ୍ଣିତ ବିଷୟ ଗୁଡିକ ଉତ୍ତମ ଭାବେ ଭବାନ୍ତର୍ଭୁକ୍ତ ନହୋଇ ଭିଭିନ୍ନ ଭାବମଧୁର ଅନୁଭୂତି ମଧ୍ୟରେ ସୀମିତ ରହିଯାଇଥିବା ହେତୁ ଉପଯୁକ୍ତ ଯୌକ୍ତିକ ଜ୍ଞାନ ଉଦୟ ହୋଇ ପାରୁନଥିବା ଗୋଟିଏ ଉଦ୍ବେଗ ଜନକ ବିଷୟ । ଇତି ମଧ୍ୟରେ ସାଧାରଣ ଲୋକଙ୍କ, ସେହି ବର୍ଣ୍ଣିତ ବିଷୟ ଗୁଡିକୁ ସାଧାରଣ ଗଳ୍ପ ଭଳି ଗ୍ରହଣ କରି ନିଜକୁ ସମୟୋପୋଯୋଗୀ କରାଇ ଜୀବନ ବଞ୍ଚିବା ପ୍ରଥା ଅତ୍ୟନ୍ତ ମର୍ମସ୍ପର୍ଶୀ ! ସେମାନେ ସେହି କଥା ଗୁଡିକର ବାସ୍ତବତା ତଥା ଦାର୍ଶନିକ ତତ୍ତ୍ୱ ଜ୍ଞାନକୁ ସମ୍ପୂର୍ଣ୍ଣ ଭାବେ ବୁଝିନପାରି କଦର୍ଥରେ ବ୍ୟବହାର କରୁଥିବା ହେତୁ ସାଧାରଣଜ୍ଞାନ ଶୂନ୍ୟ ହୋଇ ନିଜର ଜୀବନଧାରାକୁ ପରୋକ୍ଷରେ ବ୍ୟଥିତ କରୁଥିବା ସେମାନଙ୍କ ଭାବ ବହିର୍ଭୂତ ବିଷୟ ! ତେଣୁ ସମୟ ସ୍ରୋତରେ କାହାର ପ୍ରରୋଚନରେ ନିଜକୁ ବାହିତ କରି ଜୀବନ ବଞ୍ଚୁଥିବା ପ୍ରାୟତଃ ସମସ୍ତ ମଣିଷଙ୍କ ଜୀବନ ବଂଚିବା ପ୍ରଣାଳୀ ଅପ୍ରାକୃତିକ ଢଙ୍ଗରେ ଗ୍ଲଲିଥିବା କେହି ବୁଝିନପାରି ବରଂ ଉନ୍ନତିର ମିଥ୍ୟା ପ୍ରହେଳିକାରେ ନିଜକୁ ନିମଜ୍ଜିତ କରି ରଖିଥିବା ଏକ ଆଶ୍ଚର୍ଯ୍ୟ ଜନକ ପରିସ୍ଥିତି ଦେଖିବାକୁ ମିଳୁଛି ଆଜି ସମୟରେ !

ତେଣୁ ସ୍ଥିର ଚିତ୍ତରେ ସ୍ୱତଃ ତର୍ଜମା କିମ୍ବା ବିଶ୍ଳେଷଣ, ଆଲୋଚନା କରି ଦେଖିଲେ ଜାଣିହେବ ଯେ ପୂର୍ବପରି ବର୍ତ୍ତମାନ ମଧ ଅନୁରୂପ ମଣିଷ ଗୁଡିଏ ବିଭିନ୍ନ ଉପାୟରେ ସାଧାରଣ ମଣିଷ ମାନଙ୍କୁ ନିଜର ରାକ୍ଷସ ଚେହେରାକୁ ଆଢୁଆଳରେ ରଖି ନିଜକୁ ଭଗବାନଙ୍କ ଦୂତଭଳି ପ୍ରଦର୍ଶନ ପୂର୍ବକ ସାଧାରଣ ମଣିଷ ମାନଙ୍କୁ ପ୍ରତାରିତ କରି ଗ୍ଲିଛନ୍ତି ଯାହା ଆମେ ବୁଝିନପାରି ତାହା ବିପରୀତେ ଆନନ୍ଦ ଅନୁଭବ କରୁଅଛେ ! ସେହି ମାୟାବିନୀ ଚରିତ୍ର, ଚେହେରା ପଛରେ କେତେଯେ ନିରଙ୍କୁଶ ଦୁଃସ୍ଚରିତ୍ରିକ କୁକର୍ମ ପ୍ରବାହ କରୁଛନ୍ତି ସେମାନେ ତାହାର ଅନ୍ଦାଜ ମଧ କରି ହେଉନାହିଁ ସହଜରେ ! ଉପସ୍ଥିତ ସମୟର ସେହି ମାୟାବିନୀ ନର ରାକ୍ଷସଙ୍କ ଦର୍ଶନୀ ଏବଂ ତତ୍କାଳୀନ ରାକ୍ଷସଙ୍କ ମାୟାବିନୀ ଚରିତ୍ର ଗୁଡିକ ମଧ୍ୟରେ କୌଣସି ଭିନ୍ନତା ନାହିଁ । କେବଳ ସମୟର ଅନ୍ତରାଳେ କିଛି ପରିବର୍ତ୍ତିତ ପନ୍ଥା ଅନୁସରଣ କରି ଗ୍ରରିତ୍ରିକ ପ୍ରବାହର ରୂପରେଖ ଗୁଡିକରେ କିଂଚିତ ପରିବର୍ତ୍ତନ କରାଯିବା ଛଡା ଭାବଧାରା ସମ୍ପୂର୍ଣ୍ଣଭାବେ ସମାନ୍ତରାଳ ଗତିରେ ପ୍ରଖରିତ । ସାଧାରଣ ମଣିଷ କୁହେଳିକାରେ ସମ୍ମୋହିତ ନହୋଇ ନିଜସ୍ୱ ଅନ୍ତର୍ଜ୍ଞାନ ସୃଷ୍ଟି କରି ଦାର୍ଶନିକ ତତ୍ତ୍ୱ ଗୁଡିକର ଉପଯୁକ୍ତ ଭବାନ୍ତର୍ଭୁକ୍ତ ନହେଲେ ମଣିଷ ସମାଜ ସମୟ ପୂର୍ବରୁ ଯେ ସଂକୁଚିତ ହେବ ସେଇଥିରେ କୌଣସି ସନ୍ଦେହ ନାହିଁ ! ତେଣୁ ମନୁଷ୍ୟକୃତ ସମୟର ଏହି ଅସ୍ଥିର ଗତିରେ ନିଜକୁ ବଳି ନପକାଇ ମଣିଷ ଜୀବନର ସତ୍ୟତାକୁ ଅନୁଭବ କରିବା ସହିତ ଗୋଟିଏ ସୁନ୍ଦର ମାନବୀୟ ସମାଜ ଗଠନ ଦିଗରେ ନିଜକୁ ନିୟୋଜିତ କରିବାରେ ଆମ ବିଗ୍ରରଧାରା ସହିତ ସଂଶ୍ଳିଷ୍ଟ ହେବାପାଇଁ ଆପଣଙ୍କ ବିଗ୍ରର ବ୍ୟକ୍ତ କରିବେ ବୋଲି ଆଶା.....!!

+ ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗାମ.
ମୋ: ୯୪୩୭୩୨୪୯୧୭

## କବିତା କୋଣାର୍କ

### ବର୍ଷ ବର୍ଷ...

**ଆନନ୍ଦ କୁମାର ମାଇତି**



ଏଠି ନିଜପାଇଁ
କେବଳ ନିଜ ପାଇଁ ବ୍ୟସ୍ତ
ଅସହ୍ୟ ସମୟ ଚକ୍ର
ଅନର୍ଥକ ରବର ପରି ଟାଣୁ ଟାଣୁ
ଅସୁସ୍ଥ ଦୀର୍ଘ ବର୍ଷ।
ଅଥଚ ବଞ୍ଚିବାର କୌଣସି
ଅୟୋଜନ ନଥିଲା
ନିଜ ହାତରେ, କି ସାମାନ୍ୟ
ମେହେନତ।
କିମ୍ବଦନ୍ତୀ ର ସାଇତା ପୁଞ୍ଜି ଭାଙ୍ଗି
କ୍ଷୟିଷ୍ଣୁ ସଂସାର ର ମେରୁ
ଦୋହଲି ଗଲା ପରି
କ୍ଷାର ପ୍ରତିକ୍ରିୟାରେ ପାପରା ସମ
ଉଚ୍ଚାଶାର ଚୂଡ଼ା, ଇତିହାସ,
ଆଦର୍ଶ ବିଶ୍ୱାସ।
ଚାରି ପାର୍ଶ୍ୱରେ ଅସ୍ତିତ୍ୱର ଅଶ୍ଳିଳ
ଇଙ୍ଗିତ କରୁ କରୁ
ନିଜ ଭିତରେ ନିଜେ ନିଜେ ବିଚ୍ଛିନ୍ନ
ମୂର୍ଖ ପଳାତକ।
ବୁଢ଼ା ବାପା ଶ୍ୱାସ କଷ୍ଟରେ
ପ୍ରପିତାମହଙ୍କ ନାଭି ମୂଳ ଛିଣ୍ଡି
ଡାକ ପକେଇଛି, ଆ ବାପା
ଫେରି ଆସ।
ସେବେ ବି ଲେଉଟା
ହୋଇନି, କାରଣ
ନୀଳ ମଦ ପ୍ରବାହରେ
ଫୁଟିଲା ରକ୍ତ ଥିଲା
ଏକ ଲଗାମ ଛିଣ୍ଡା ଉନ୍ମାଦ ଘୋଡ଼ା
ଦୁନିଆକୁ ମାତାଲ୍ କରିବାର
ନିଆରା ଯୋଶରେ
ଚକ୍କର୍ କାଟୁଥିଲା ନୀଳ ପରୀର
ରହସ୍ୟ ଡେଣା।
ଏବେ
ଛାଇ ଆଲୁଅ ଛୁରୀ ଖେଳରେ
ମାନବୀୟ ଦୃଷ୍ଟି ତନ୍ତ୍ରୀକୁ ଛିଣ୍ଡି
ଅମଡ଼ା ବାଟର ପଥିକ,
କେତେ ଗଭୀରରେ କେଉଁ ପ୍ରେତ
ଅନ୍ଧାରରେ
ଅମୁହାଁ ଭୂତ କୋଠରୀରେ
ଦାନ୍ତେଇ ଖାଉଥିବେ କିଏ।
ପାଦେ ଆଗେଇଲେ କରୋଟି କଙ୍କାଳ
କିଏ ଅଛି ଫେରିବାକୁ କାହାକୁ
ଏଠି ତ ଆସିବା ବାଟରେ
ଫେରିବା ମନା।
ଆଜିବି ଦୁନିଆର ଦକ୍ଷ କାରିଗର
ହାତୁଡ଼ି ପିଟୁଛି ଠକ୍ ଠକ୍
ନିଦା ପଥରରେ
ପିତୃ ପୁରୁଷ ଦୀର୍ଘ ଶ୍ୱାସରେ
ରଖି ଯାଇଛି
ବିଶ୍ୱାସର କସ୍ତୁରୀ ପବନ।
ପଙ୍ଗୁ ବିବଶ ହାତ ପେଶିରେ
କାୟା ବିସ୍ତାର କରି ଚାଲିଛି ରକ୍ତ ଶିରା
ଇଚ୍ଛା ଶକ୍ତି ଆଉ ପ୍ରେମ,
ଜୀବନ ଲାଗି ପ୍ରାଣ ଏବେବି
ଦୁର୍ଗମ ଇଲାକାରେ
ଦୁଃଖକୁ ହକାଳିଲା ବେଳକୁ ଲୁହ
ଝରି ପଡୁଛି
ତଥାପି ଏବେ ଆଉ ଅସହ୍ୟ ଲଗୁନି
କଣ୍ଟକ ମୟ ରାସ୍ତାରେ
ଗୁରୁଣ୍ଡି ଗୁରୁଣ୍ଡି ଚାଲିବାକୁ
ଯନ୍ତ୍ରଣା ର ହଜାରେ ତମ
ଆୟୁଦ୍ଧ ବର୍ଷ ବର୍ଷ ॥

+ ଝାଟିପାରି, ଆମ୍ବିକି,
ଏରସମା,ଜଗତସିଂହପୁର
(ମୋ) ୯୪୩୯୦୭୭୩୯୫

## କବିତା କୋଣାର୍କ

### ନିଶ୍ୱାସ ...

**ସୌମ୍ୟ ରଞ୍ଜନ ଭୂୟାଁ**



ଯଦି ହାତ ପାହାନ୍ତାରେ
ମିଳିଯାଆନ୍ତା ନିଶ୍ୱାସ
ତେବେ ଏତେ ଗହଳି କାହିଁକି ?
ସତରେ ନିଶ୍ୱାସକୁ କିଣି ହୁଏ !
ନା କିଣି ହୁଏ ଜୀବନକୁ ?
ହଁ, ପାରୁଛ ଯଦି ଭଲ ହୃଦୟକୁ କିଣ,
ଭଲ ମନଟେ କିଣ
କିନ୍ତୁ କିଣ ନାହିଁ ସେ ଭୋକିଲା ପେଟର
ଅଧା ପେଟର ଦାନା ଟିକୁ ।
ଭାବେ ବେଳେବେଳେ କିଣି ପାରନ୍ତିକି
ସେ ପିଲାଦିନର ସ୍ମୃତିକୁ,
ସେଦିନର ଚପଳତାକୁ,
ଆଉ ସେ ପିଲାଦିନର ଚିତ୍ରପଟକୁ ।
ତେବେ, ଏବେ ବୁଲିବୁଲିକି
ମୁଁ ନିଶ୍ୱାସ କିଣୁଛି
ନିଜର ବିଶ୍ୱାସକୁ ବଳି ଦେଇକି ।

+ ପୂରଣ, ସାଲେପୁର, କଟକ

### ସେବତୀ...

**ଲକ୍ଷ୍ମୀକାନ୍ତ ସାହୁ**


ଆଉ ନାହିଁ ସେ କାଦୁଅର
କଚ୍ଚା ରାସ୍ତା
ଗାଁ ଖୁଲିରେ କାଗଜର ଡଙ୍ଗା
ତଥାପି ସେବତୀ ଭାବି ପାରେନା
ଲକ୍ଷ୍ୟସ୍ଥଳର ଲମ୍ବା ରାସ୍ତା ।

ଗୋଧୂଳି ଲଗ୍ନରେ ଆର୍ଶୀବାଦର ବାସ୍ନା
ଜହ୍ନିଫୁଲର ଠୋ- ଠା
ପୂରବୀ ରାଗିଣୀର ମୋହ ମାୟା ଗୀତ
ସେବତୀ ଓଠରେ ହା ହା ହା ।

ଶୁଣ ସେବତୀ, ଯେଉଁ ମାନଙ୍କୁ
ନିଜର ଭାବୁଛୁ
ସେମାନେ ଦିନେ ଦେବେ ଦୁଃଖ
ଅବଶ୍ୟ ହୋଇପାରେ ଏହା କେଉଁ
ଅପକର୍ମର ନିମ୍ନଗାମୀ ସ୍ରୋତ ।

ସମୟ ମିଳିଲେ ପୁଣି କେବେ
ଲେଖିବି ଚିଠି
ଇତି ରେ ରହୁଛି ସେବତୀ
ବର୍ଷାର ଆଗମନରେ ପୃଥ୍ୱୀ ସାରା
ଝରୁ ମଧୁମୟ ଗୀତି ।

+ ଡୁଡୁ କାମୁଣ୍ଡା, ନଅଗାଁ (କ),
ବଲାଙ୍ଗୀର





### ସେତ ଏମିତିକା ଦିଅଁ...

**ଦେବେନ୍ଦ୍ର ନାଥ ଶତପଥୀ**

ଚକା ଚକା ତାର ଦୁଇଗୋଟି ଆଖି
କଳା ମେଘ ପରି ଦିହ
ପାଦ ନାହିଁ ହାତ ଦୁଇଗୋଟି ଅଧା
ସେତ ଏମିତିକା ଦିଅଁ
ଦେଖି ଦେଲେ ତାକୁ ମନ ପରାଣରେ
ଛୁଟଇ ଆନନ୍ଦ ସୁଅ
ଘର ତା ଶ୍ରୀକ୍ଷେତ୍ର ମହୋଦଧି କୂଳ
ପୂଣ୍ୟ ନିଳାଚଳ ଗାଆଁ
କୋଶେ ଦୂରୁତାର ନୀଳଚକ୍ର ନେତ
ଯେବେ ଡାକୁଥାଏ ଆଆ
ରତନ ବେଦୀରେ ବସି ଭକତକୁ ଚାହିଁ
ଦେଇଥାଏ ଖାଲି
ମୁରୁକି ମୁରୁକି ହସି ।
ଭକତଟି ତାର ସଖା ସହୋଦର
ଅତିପ୍ରୀୟ ଆପଣାର
ଭକତ କାନ୍ଦିଲେ ଆଖିରୁ ତାହାର
ଝରେ ଲୋତକର ଧାର
ଭକତ ତା ଗଳାମାଳ
ଭକତିରେ ବୁଝେନା ସେ' ରାଜାରଙ୍କ
ଭାବେ ଚିର କାଳ
ଭାବ ଥିଲେ ମନେ ନଡ଼ିଆଟେ ଦେଲେ
ହାତ ବଢ଼ାଇ ସେ ନିଏ
ନିଜେ ଭୋକ ଆଉ ଉପାସରେ ରହି
ଭୋଗ ଥାଳି ଜାଡି ଦିଏ ।

+ ସୁନହଟ, ବାଲେଶ୍ୱର, ମନସ୍ୱିନୀ ମନ୍ଦିର
(ମୋ) ୮୯୮୪୬୦୩୯୬୪






## ଧାରାବାହିକ ପୌରାଣିକ ଉପନ୍ୟାସ

# ଦ୍ୱିତୀୟ ସୂର୍ଯ୍ୟ

ଡ. ସିନ୍ଧୁ ସେନ



**ମହାଭାରତର ବିଭିନ୍ନ ଚରିତ୍ରକୁ ଭିନ୍ନଭିନ୍ନ ନାମରେ ନାମିତ କରି କିଛି ଉପନ୍ୟାସ ରଚନା କରିବାର ସିଦ୍ଧାନ୍ତ ନେଇଥିବା ଔପନ୍ୟାସିକା ଡ. ସିନ୍ଧୁ ସେନଙ୍କ ଦ୍ୱାରା ଲିଖିତ ଉପନ୍ୟାସ "ଦ୍ୱିତୀୟ ସୂର୍ଯ୍ୟ" । ସୂର୍ଯ୍ୟ ସକଳ ଶକ୍ତିର ଉତ୍ସ । ଜଗତର ଆତ୍ମା । ଯାହାର ଆଲୋକରେ ଆଲୋକିତ ହୋଇଥାଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ । ସୃଷ୍ଟି, ସ୍ରଷ୍ଟା ସବୁକିଛିର ରହସ୍ୟ ରହିଛି ତାଙ୍କରି ଠାରେ । ଯୁଗଯୁଗ ଧରି ପୃଥିବୀବାସୀ କେବଳ ଗୋଟିଏ ସୂର୍ଯ୍ୟକୁ ଦେଖି ଆସିଛନ୍ତି, ଦେଖୁଥିବେ ମଧ୍ୟ । ହେଲେ ସୂର୍ଯ୍ୟର ପ୍ରତିରୂପ ଯେ ପୃଥିବୀରେ ଦିନେ ଉଦ୍‌ଭାସିତ ହୋଇଥିଲା । ତାଙ୍କୁ ନେଇ ରଚିତ ଏହି ଉପନ୍ୟାସଟି ଧ୍ୱନି ପ୍ରତିଧ୍ୱନିର ପାଠକମାନଙ୍କ ପାଇଁ...**

ଭାଗ-୨୪

ଏପର୍ଯ୍ୟନ୍ତ ସେ କେବଳ ଅଭିଶାପର ବଳୟ ମଧ୍ୟରେ ଘୂରିବୁଲୁଛି । ନୀଚକୁଳରେ ଜନ୍ମ, ଉଚ୍ଚବର୍ଣ୍ଣର ଲୋକମାନଙ୍କଠାରୁ ଅବହେଳା, ବିଦ୍ୟାୟତନରେ ଆଚାର୍ଯ୍ୟ ଦ୍ରୋଣ ଓ କୃପଙ୍କ ବାଛ ବିଚାରର ଅଭିଶାପ । ଅଜ୍ଞାତରେ ଗୋହତ୍ୟା କରିଥିବାରୁ ବ୍ରାହ୍ମଣଙ୍କଠାରୁ ଆଉ ଏକ ଅଭିଶାପ । ପୁଣି ନିଜକୁ ବ୍ରାହ୍ମଣ ଭାବରେ ପରିଚୟ ଦେଇଥିବାରୁ ଆଚାର୍ଯ୍ୟଙ୍କଠାରୁ ପାଇବାକୁ ଯାଉଛି ଆଉ ଏକ ଅଭିଶାପ । ଓଃ କି ଭୀଷଣ ଯନ୍ତ୍ରଣା । ରକ୍ତମାଂସର ଦେହ ଧରି ସତରେ କ'ଣ କର୍ଣ୍ଣ ପକ୍ଷରେ ଏସବୁ ସହ୍ୟ କରିବା ସମ୍ଭବ, ଭାବିଭାବି ଶିହରି ଉଠୁଥିଲି ।

ଶେଷରେ ବାଧ୍ୟ ହୋଇ ସବୁକଥା ଖୋଲି କହିବାକୁ ପଡ଼ିଲା । କେଉଁ ପରିସ୍ଥିତିରେ ପଡ଼ି କାହିଁକି ମୁଁ ବ୍ରାହ୍ମଣର ମିଥ୍ୟା ପରିଚୟ ଦେଇଥିଲି । ତାଙ୍କ ପାଦଧରି କ୍ଷମା ମାଗିଲି । ମୁଁ ସୂତପୁତ୍ର କର୍ଣ୍ଣ । ପିତା ଅଧିରଥ ଓ ମାତା ରାଧା । ଘର ଅଂଗଦେଶର ଚମ୍ପାପୁର । ଅର୍ଜୁନର ପ୍ରତିସ୍ପର୍ଦ୍ଧୀ କରି ନିଜକୁ ଗଢ଼ିବା ନିମିତ୍ତ ବ୍ରାହ୍ମଣର ମିଥ୍ୟା ପରିଚୟ ଦେଇ ଅସ୍ତ୍ରଶିକ୍ଷା କରିବାକୁ ଆସିଥିଲି ତାହା ମଧ୍ୟ ସ୍ୱୀକାର କଲି ।

କ୍ଷଣିକ ପାଇଁ ଆଚାର୍ଯ୍ୟ ନୀରବି ଗଲେ । ଧ୍ୟାନମଗ୍ନ ହେଲେ କିଛି ସମୟ । ସେ ତ୍ରିକାଳଦର୍ଶୀ । ଅତୀତ, ବର୍ତ୍ତମାନ, ଭବିଷ୍ୟତ ସବୁ କଥା ଦେଖିପାରିଲେ ବୋଧହୁଏ । ଶେଷରେ ମୋତେ ହିଁ ଆକ୍ଷେପ କରି କହିଲେ ଯୁବକ, ତୁମେ ଉଭୟ ଶୂଦ୍ର ଓ କ୍ଷତ୍ରିୟ । ସମୟ ଆସିଲେ ସବୁ ଜାଣିପାରିବ ? କ୍ଷଣିକ ମଧ୍ୟରେ ସବୁ ଓଲଟ ପାଲଟ ହୋଇଗଲା । ଆଚାର୍ଯ୍ୟଙ୍କ ମୁହଁରୁ ଅଭିଶାପ ବାଣୀ ବର୍ଷିଗଲା । ଆରେ ମୂର୍ଖ ! ଯେଉଁ ମିଥ୍ୟା ପରିଚୟ ଦେଇ ଦିବ୍ୟାସ୍ତ୍ର ଓ ବ୍ରହ୍ମାସ୍ତ୍ରର ବିଦ୍ୟା ମୋ ଠାରୁ ଶିଖିନେଇଛୁ ତାହା ଜୀବନର ସଂକଟ ସମୟରେ ବିସ୍ମୃତ ହୋଇଯିବ । ପାଟିରୁ ମୋର କଥା ବାହାରିଲା ନାହିଁ । ଏକ ଅବ୍ୟକ୍ତ ଯନ୍ତ୍ରଣାରେ ଛଟପଟ ହେଉଥିବାବେଳେ ତାଙ୍କର ପୁଣି ବଜ୍ରଗମ୍ଭୀର ସ୍ୱର ଶୁଣାଗଲା । ତୋ ପରି ଅଧମ ଶିଷ୍ୟର ମୁହଁ ମୁଁ ଆଉ ଦେଖିବାକୁ ଚାହେଁନାହିଁ । ଏଇ ମୁହୂର୍ତ୍ତରେ ଏଠାରୁ ଚାଲିଯା ।

ବିଷଣ୍ଣ ମନ ନେଇ ବିଦାୟ ନେଲି । ଆସିଲାବେଳେ ଭୂମିଷ୍ଠ ପ୍ରଣାମ କଲାବେଳେ ସେ କ୍ରୋଧରେ ତାଙ୍କ ପାଦସ୍ପର୍ଶ ସୁଦ୍ଧା କରିବାର ସୁଯୋଗ ଦେଇ ନଥିଲେ । ଓଃ କି କଷ୍ଟ, କି ଯନ୍ତ୍ରଣା । ଆମ ଦୁହିଁଙ୍କ ମଧ୍ୟରେ ଗଢ଼ି ଉଠିଥିବା ଏତେଦିନର ଘନିଷ୍ଠତା ପାଣିଫୋଟକା ପରି କୁଆଡ଼େ ମିଳାଇଗଲା । ଅଭିଶାପର ବୋଝ ମୁଣ୍ଡାଇ ମୋତେ ଫେରିବାକୁ ପଡ଼ିଲା । ନିତାନ୍ତ ଦୁଃଖର ବୋଝ । ସାରାଜୀବନ କାଳ ଏ ବୋଝକୁ ନିରବରେ ମୁଣ୍ଡାଇ ଚାଲିଥିଲି । ଗଲାବେଳେ କେତେ ଆଶା, ସ୍ୱପ୍ନ ନେଇ ଯାଇଥିଲି । ଆଉ ଫେରିଲି ଅଭିଶାପ ନେଇ ।

ବାସ୍ତବରେ କି କଠୋର ସେ ପରୀକ୍ଷାର ମୁହୂର୍ତ୍ତ । ଜୀବନଟା ଖାଲି ମୋର ପରୀକ୍ଷାରେ ହିଁ କଟିଗଲା । କୈଶୋରର କ୍ରୀଡ଼ାଚପଳ ଜୀବନଠାରୁ ଆରମ୍ଭ କରି ଆଚାର୍ଯ୍ୟ ପରଶୁରାମଙ୍କ ଆଶ୍ରମରେ ଦିବ୍ୟାସ୍ତ୍ର-ବ୍ରହ୍ମାସ୍ତ୍ରର ଶିକ୍ଷା ପର୍ଯ୍ୟନ୍ତ ଖାଲି ପରୀକ୍ଷା ହିଁ ଦେଇଆସିଥିଲି । ପରୀକ୍ଷା ଗୁଡ଼ିକରେ ସଫଳ ହୋଇଛି କି ବିଫଳ ହୋଇଛି ତା ବି ଜାଣେନା । ଏ ବିଚାର କରିବେ ମୋ ଉତ୍ତର ପୁରୁଷମାନେ । ପୁଣି ଆକଳନ କରିବେ ମୋ ଆତ୍ମଜୀବନୀ ପଢୁଥିବା ପାଠକମାନେ । ଜୀବନରେ ଅନେକ ଭୁଲ କରିଛି ଏକଥା ମୁଁ ଅସ୍ୱୀକାର କରୁନି । ଆଉ ସେଇଥିପାଇଁ ତ ବାକି କେତେଟା ମୁହୂର୍ତ୍ତକୁ ସାର୍ଥକ କରିବା ଲାଗି ମୋ ନିଜସ୍ୱ ଆତ୍ମକାହାଣୀ କହିଯାଉଛି । କାଳ ମୋ ପାଇଁ ଯେଉଁ ଅଭିଶପ୍ତ ଜୀବନ ଆଣିଦେଇଛି, ତାହାର ସଫଳ ପ୍ରତିରୋଧ ପାଇଁ ଆପ୍ରାଣ ଚେଷ୍ଟା କରିଛି । ଏବେ ମଧ୍ୟ ଜଳୁଛି ଅନୁତାପ ନିଆଁରେ । କିଏ ଜାଣେ, ଏମିତି ଜଳିଜଳି ହୁଏତ ମୁଁ ଶେଷ ନିଃଶ୍ୱାସ ଛାଡ଼ିବି । ତେବେ ଏତିକି କହିବି, ଭବିଷ୍ୟତ ବଂଶଧର ମାନେ ଯଦି କେବେ ମୋ ଆତ୍ମଲିପି ପଢ଼ି ମୋ ପାଇଁ ସମବେଦନାର ଟୋପାଏ ଲୁହ ଝରାଇ ପାରିଲେ ତେବେ ମୁଁ ହେବି କୃତାର୍ଥ । ସାରାଜୀବନ ମୋ ଭିତରେ ଯେଉଁ ଅନ୍ତର୍ବେଦନାର ତାତିଲା ନିଆଁ ବ୍ୟଥିତ କରିଛି ତାହା ହେବ ଶାନ୍ତ ।

- ବାଇଶି -

ଆଚାର୍ଯ୍ୟଙ୍କ ଦ୍ୱାରା ଅଭିଶପ୍ତ ହୋଇ ମୋତେ ତାଙ୍କ ଆଶ୍ରମରୁ ଫେରିଆସିବାକୁ ପଡ଼ିଲା । ବହୁତ ମନସ୍ତାପ ମଧ୍ୟରେ ମହେନ୍ଦ୍ରଗିରିରୁ ଓହ୍ଲାଇଲି ତଳକୁ । ମୋତେ ଏବେ ନିଷାଦ ଗ୍ରାମକୁ ଫେରିଯିବାକୁ ପଡ଼ିବ । ଯେଉଁଠି ମୁଁ ଛାଡ଼ି ଦେଇ ଆସିଥିଲି ମୋର ଅସ୍ତ୍ରଶସ୍ତ୍ର ଆଉ ଅଶ୍ୱ । ସେଠାରୁ ପୁଣି ନିଜସ୍ୱ ଅଶ୍ୱଟିକୁ ଧରି ହସ୍ତିନାପୁର ଫେରିଯିବି ।


ଅରଣ୍ୟ ମଧ୍ୟରେ ମୁଁ ଗତି କରୁଥାଏ । ମହେନ୍ଦ୍ରଗିରି ଘଞ୍ଚବନାନୀ । ପୁଣି ରାତି । ଅତି ଭୟଙ୍କର, ଚାରିଆଡ଼େ ବନ୍ୟଜନ୍ତୁଙ୍କ ଚିତ୍କାର, କୌଣସି ପ୍ରକାରେ ଗଛ ଉପରେ ଚଢ଼ି ରାତିଟା କଟାଇବାକୁ ପଡ଼ିବ । ମନରେ ଅସୁମାରୀ ଚିନ୍ତା । ମନେ ପଡ଼ିଯାଉଥିଲା ବନ୍ଧୁ ଅଶ୍ୱତ୍ଥାମାଙ୍କ କଥା । ଯିଏ ଅଧ୍ୟୟନ ବେଳେ ନାନା ଶାସ୍ତ୍ରରୁ ଉଦାହରଣ ଦେଇ ବୁଝାଉଥିଲେ । ଆମେ ସାଧାରଣ ଭାବେ ଯାହାକୁ ଜୀବନ ବୋଲି ଭାବି ତାରି ପଛେପଛେ ଧାଇଁଛୁ ତାହା ବାସ୍ତବରେ ଜୀବନ ନୁହେଁ ମୃତ୍ୟୁ । ବୀରତ୍ୱ, ଯଶଃ, କୀର୍ତ୍ତି, ଅଭିମାନ, ରାଜସମ୍ପତ୍ତି ଇତ୍ୟାଦି ସବୁ ତ ଭୌତିକ । ଅଥଚ ଆତ୍ମିକ ଆନନ୍ଦ ହିଁ ଅମୃତ । ଅଥଚ ଆମେ କରୁ କ'ଣ । ଆତ୍ମିକ ଆନନ୍ଦ ପାଇବା ପାଇଁ ଚିନ୍ତା କରୁନା ।

ଏସବୁ ମଧ୍ୟରେ ମୋତେ ଅର୍ଜୁନଙ୍କ କଥା ଭାବିଭାବି ଅନ୍ତସ୍ଥଳକୁ ଜାଳି ଦେଉଥିଲା ଯେମିତି । ମୁଁ ବେଶ୍ ବୁଝି ପାରୁଥିଲି ଏହି ଅସୂୟା ଭାବନା ହିଁ ମୋତେ ଜୀବନର ସ୍ୱଚ୍ଛତାଠାରୁ ଦୂରେଇ ନେଉଥିଲା । ଜାଣିଶୁଣି ବନ୍ଧୁ ଅଶ୍ୱତ୍ଥାମାଙ୍କ ଉପଦେଶ ବାଣୀଠାରୁ ନିଜକୁ ଦୂରେଇ ରଖୁଥିଲି । ମୋ ମନରେ କେବଳ ଉଙ୍କି ମାରୁଥିଲା, ରାତି ପାହିଲେ କେମିତି ହସ୍ତିନାପୁରକୁ ଯିବି । ଆଉ ଅନ୍ୟମାନଙ୍କୁ ଦେଖାଇଦେବି ନୀଚକୁଳରେ ଜନ୍ମହୋଇ ମଧ୍ୟ କର୍ଣ୍ଣ ନିଜ ପୌରୁଷ ବଳରେ ସିଦ୍ଧିର ମୁକୁଟ ପିନ୍ଧିପାରେ ।

ମୁଁ ଏବେ କିଶୋର ନୁହେଁ କି, କିଶୋର ସୁଲଭ ଚପଳତା ମୋ ନିକଟରେ ନାହିଁ । ମୁଁ ଏବେ କୈଶୋରକୁ ଅତିକ୍ରମ କରି ଯୌବନରେ ପଦାର୍ପଣ କରିସାରିଛି । ବେଶ୍ ବୁଝି ପାରୁଥିଲି ଯୌବନର ଏକ ଭିନ୍ନ ରୂପ ଅଛି, ଅଛି ବି ମନ ମତାଣିଆ ମହକ । ଯେଉଁଥିରେ ଭରି ରହିଛି ଏକ ତୀବ୍ର ଉଦ୍ଦାମତା ।

ସେଦିନ ବୋଧେ ଶରତର ଏକ ଅପରାହ୍ଣ ଆରଣ୍ୟକ ପରିବେଶ ଥିଲା ବେଶ୍ ଶୀତଳ, କୋମଳ । କେଉଁଠି କେମିତି ପତ୍ରଫାଙ୍କ ଦେଇ ସୂର୍ଯ୍ୟକିରଣ ପଡୁଥାଏ । ବେଶ୍ ଚମତ୍କାର ଲାଗୁଥାଏ । ଚାରିଆଡ଼େ ଛାଇ-ଆଲୁଅର ଖେଳ । ବେଶ୍ ମନୋମୁଗ୍ଧକର । ଦୀର୍ଘପଥ ଘୋଡ଼ା ପିଠିରେ ସବାର ହୋଇ ମୋତେ ବେଶ୍ କ୍ଳାନ୍ତ ଲାଗୁଥିଲା । ଘୋଡ଼ାକୁ ଗଛମୂଳେ ବାନ୍ଧିଦେଇ ଗଛମୂଳେ ବିଶ୍ରାମ ନେବାକୁ ସ୍ଥିର କଲି । ଆଗରେ କଳକଳ ନାଦରେ ବହି ଯାଉଥାଏ ଛୋଟ ଝରଣାଟିଏ । ଏମିତି ଏକ ପରିବେଶ ମଧ୍ୟରେ ନିରୋଳାରେ ବସିବା ମୁହୂର୍ତ୍ତରେ ମନରେ ଉଙ୍କି ମାରୁଥାଏ ଅନେକ ଭାବନା । ହସ୍ତିନାପୁରକୁ ତ ଫେରିଯିବି । ହେଲେ, ତା ପରର ଜୀବନ ମୋର କ'ଣ ହେବ । ଏବେ ମୋର ନିଜର ଭବିଷ୍ୟତ ଭାବିବାକୁ ପଡ଼ିବ ।

ଦୂରରୁ ଶୁଖିଲା ପତ୍ରର ଖସ୍‌ଖସ୍ ଶବ୍ଦରେ ଅନ୍ୟମନସ୍କ ହୋଇପଡ଼ିଲି । କିଏ ହୋଇପାରେ ? ବାଘ, ଭାଲୁ ପରି କିଛି ହିଂସ୍ରଜନ୍ତୁ ଅରଣ୍ୟ ଜାଗାରେ ଏସବୁ କିଛି ଅସମ୍ଭବ ନୁହେଁ । କାନ ଡେରି ଶୁଣିଲି । ନା ନା ଏ ତ ମଣିଷ ମାନଙ୍କର ଶବ୍ଦ । ପରସ୍ପର ମଧ୍ୟରେ କଥାବାର୍ତ୍ତା, ହାସ୍ୟର ଗୁଞ୍ଜରଣ । ଭାଷା ଠିକ୍ ବୁଝି ହେଉ ନଥିଲେ ମଧ୍ୟ ଅନୁମାନ କରିପାରୁଥିଲି । ଧୀରେଧୀରେ ମୋ ଆଗରେ ସବୁ ସ୍ପଷ୍ଟ ହୋଇଗଲା । ବୃକ୍ଷ ଅନ୍ତରାଳରୁ ଆସୁଛନ୍ତି ଯୁଗଳମୂର୍ତ୍ତି । ତରୁଣ ଓ ତରୁଣୀ ଦୁହେଁ । ଚାଲିଚଳଣରୁ ସେମାନେ ଯେ ଆର୍ଯ୍ୟ ନୁହଁନ୍ତି ଏହା ବେଶ୍ ବୁଝା ପଡୁଥିଲା । ହୋଇପାରେ କୌଣସି ନିଷାଦ ନିଶ୍ଚୟ । ଉଭୟଙ୍କର ଅଣ୍ଟାରୁ ଝୁଲିପଡ଼ିଛି ପତ୍ର ତିଆରି ବସ୍ତ୍ର । ଯାହା ଅଣ୍ଟାର ସାମାନ୍ୟ କିଛି



ତଳ ପର୍ଯ୍ୟନ୍ତ ଦେହକୁ ଘୋଡ଼ାଇ ରଖିଛି । କଣ୍ଠରେ ପୋହଳାର ମାଳ । ତରୁଣଟିର କାନ୍ଧରେ ଧନୁ ଓ ତୂଣୀର । ଦୁହେଁ ହସିହସି କଥାବାର୍ତ୍ତା ହେଉଥାନ୍ତି । ଭାଷା ଠିକ୍ ଭାବେ ବୁଝି ହେଉ ନଥିଲେ ମଧ୍ୟ ସେମାନଙ୍କ ଆଳାପ ଯେ ମଧୁର, ଅନ୍ତରଂଗ ବେଶ୍ ମନଛୁଆଁ । ଦୁହେଁ ଯେମିତି ଏକ ସ୍ୱତନ୍ତ୍ର ମାଦକତାରେ ଆତ୍ମବିଭୋର । ଦୂରରୁ ସେ ଦୁହିଁଙ୍କ ଆଳାପ ମୋ ମନରେ କମ୍ପନ ସୃଷ୍ଟି କରୁଥିଲା । ଅଦୂରରେ ଝରଣାର କଳକଳ ଶବ୍ଦ । ଆଉ ଗହଳ ଗଛର ଶାଖାରୁ ଶୁଭୁଥିଲା ସାଥୀହୀନ ପକ୍ଷୀଟିର ଉଦାସ କାକଳି । ମୋ ଆଖିରେ ଯେତେଯେତେ ସେ ଦୃଶ୍ୟ ଭାସି ଉଠୁଥାଏ ମୁଁ ସେତିକି ଅନ୍ୟମନସ୍କ ହୋଇପଡୁଥିଲି । ମୋତେ ଯେମିତି ଲାଗୁଥିଲା ମୋ ମନର ପକ୍ଷୀ ଉଦାସ କଣ୍ଠରେ ଝୁରିଝୁରି ବାହୁନି ଉଠୁଛି । ହଜିଲା ସାଥୀକୁ ଖୋଜୁଛି । ଅଥଚ କିଏ ସେହି ସାଥୀ । ହଜିଲା ଦିନର ସ୍ମୃତିଗୁଡ଼ିକ ମନ୍ଥନ କରି ମୁଁ ଯେମିତି ଖୋଜି ଚାଲିଥାଏ । ମୁଁ ଏବେ ଯୌବନରେ ପଦାର୍ପଣ କରିସାରିଛି । ତେଣୁ ଏଇ ମୁଗ୍ଧ ମଧୁର ଅନୁଭୂତିରେ ବିହ୍ୱଳିତ ହୋଇ ପଡ଼ିଥାଏ ।

ହଁ ଏବେ ମୁଁ ବେଶ୍ ସାମର୍ଥ୍ୟ ହୋଇପାରିଛି । ନିଜର ସିଦ୍ଧି ବଳରେ ଅନେକ ଅନେକ ଦିବ୍ୟାସ୍ତ୍ରର ଅଧିକାରୀ ହୋଇପାରିଛି, ଏବେ ମୁଁ ଆଉ ସମାଜ ଆଖିରେ ଛୋଟ ନୁହେଁ । ମୋର ନିଜସ୍ୱ ସ୍ୱାଭିମାନ ରହିଛି । ମୁଁ କେବଳ ସୂତପୁତ୍ର ନୁହେଁ, ଜଣେ ବୀର ମଧ୍ୟ । ଅନ୍ୟାନ୍ୟ କ୍ଷତ୍ରିୟ ବୀରମାନଙ୍କ ସହ ସମସ୍କନ୍ଧ ମଧ୍ୟ । ତଥାପି କେଉଁଠି ଯେମିତି କିଛି ଅଭାବବୋଧ ରହିଯାଉଛି ମୋ ଭିତରେ । ଜୀବନଟା ଏମିତି କାହିଁକି ଦୁର୍ବିସହ ମନେହେଉଛି । ଏତେ ପ୍ରାପ୍ତି ପରେ ବି ଅନେକ ଅପ୍ରାପ୍ତି ମଧ୍ୟରେ ମୁଁ ଘାରି ହେଉଛି କାହିଁକି ? ମନେମନେ ସେଇ ନିଷାଦ ଯୁବକ, ଯୁବତୀମାନଙ୍କ ସହ ତୁଳନା କରୁଥିଲି । ବାସ୍ତବରେ କି ସୁଖଶାନ୍ତି ଭରା ସ୍ୱଚ୍ଛନ୍ଦ ଜୀବନ । ସେମାନଙ୍କ ପାଖରେ ନା ଅଛି ବଡ଼ ହେବାର ଆଶା, ଅଥବା ତଳେ ପଡ଼ିଯିବାର ଭୟ । ପ୍ରକୃତିର ଶାନ୍ତିମୟ କୋଳରେ ବଢ଼ି ସତରେ ଯେମିତି ଶାନ୍ତିକୁ ସାଉଁଟି ନେଉଛନ୍ତି । ଖୋଲା ଆକାଶ ତଳେ ଖୋଲା ପ୍ରେମ । ଅରଣ୍ୟର ଗିରି କନ୍ଦରରେ, ନିର୍ଝରର କୁଳୁକୁଳୁ ନାଦରେ ଏମାନେ ବେଶ୍ ପ୍ରେମର ଦେବୀକୁ ପୂଜା କରୁଛନ୍ତି । ମନରେ ନା ଅଛି ଛନ୍ଦ, କପଟ, ଛଳ, ପ୍ରକୃତି ପରି ଏମାନେ ବେଶ୍ ମୁକ୍ତ ସ୍ୱଚ୍ଛନ୍ଦ । ମନରେ କାହାରି ସହ ପ୍ରତିଦ୍ୱନ୍ଦ୍ୱିତା କରିବାର ନାହିଁ କି ଈର୍ଷା, ଅସୂୟା ମଧ୍ୟ ନାହିଁ । ବାସ୍ତବରେ କେତେ ସୁଖୀ ଏମାନେ । ତା ତୁଳନାରେ କର୍ଣ୍ଣର ଏ ଅମାପ ଯଶ, କୀର୍ତ୍ତି କ'ଣ ତୁଚ୍ଛ ନୁହେଁ ?

ପ୍ରେମର ପରିଭାଷାକୁ ଏମାନେ ଠିକ୍ ବୁଝିଛନ୍ତି । ଜୀବନର ଅର୍ଥ କ'ଣ ? ପ୍ରେମ ହିଁ ତ ଜୀବନ । ମୋ ମନରେ ଭାବାନ୍ତର ଜାଗେ । ବିଧାତାଙ୍କ ସୃଷ୍ଟିରେ ବାସ୍ତବରେ କି ରମଣୀୟ ସୃଷ୍ଟି ଏଇ ପ୍ରେମ । ଯାହା ଅସରନ୍ତି । ଯେତେ ଦେଲେ ମଧ୍ୟ ସରେନି । ପ୍ରେମ ତ କେବଳ ଦେବାପାଇଁ । ସେ କେବେ ପ୍ରତିଦାନ ଆଶା ରଖେନା କି ଚାହେଁନା । ନା ଅଛି ତାର ଅଭିଯୋଗ ଅବା ପ୍ରତିବାଦ । ମଣିଷ ଜୀବନରେ ମଧ୍ୟ ଏକ ନିର୍ଦ୍ଦିଷ୍ଟ ସମୟ ଆସିଲେ ପ୍ରେମର ଉଦ୍‌ଗମ ହୁଏ । ମନେମନେ ଭାବୁଥିଲି, ମୁଁ ତ ଆଜି ସେହି ପର୍ଯ୍ୟାୟକୁ ଆସିଯାଇଛି । ଅଥଚ ଏବେବି ଜାଣେନି କିଏ ମୋର ସେଇ ପ୍ରେମାସ୍ପଦ । ବାସ୍ତବରେ ଏ ପର୍ଯ୍ୟନ୍ତ ମୁଁ କେବଳ ମୋ ବୀରତ୍ୱ ପାଇଁ ଚିନ୍ତା କରିଛି । କେବେ କୌଣସି ନାରୀକୁ ପ୍ରେମ ନିବେଦନ କରିନି, କି କାହାକୁ ନିଜର ବୋଲି ଭାବିନି । ତଥାପି ମୋ ମନରେ ଆଜି କାହିଁକି ପ୍ରେମକୁ ନେଇ ଏତେ ଉଦ୍‌ବେଳନ ।

ପରମୁହୂର୍ତ୍ତରେ ନିଜକୁ ସଂଯତ କରିନେଲି । ମୁଁ କର୍ଣ୍ଣ । ମୋ ପାଖରେ ଏମିତି ଦୁର୍ବଳତା ଶୋଭା ପାଏନା । ମୋ ଲକ୍ଷ୍ୟ ଭିନ୍ନ । ମୋତେ ମୋ ଯାତ୍ରାପଥରେ ଆଗେଇବାକୁ ପଡ଼ିବ । ମୋ ଆଗରେ ଦୀର୍ଘପଥର ଯାତ୍ରା । ଅଶ୍ୱ ମୋର ଛୁଟୁଥାଏ । ବିପଦସଂକୁଳ ଅରଣ୍ୟ ପଥ । ସବୁ ବାଧାବିଘ୍ନକୁ ଅତିକ୍ରମ କରି ମୁଁ ଚାଲୁଥାଏ । କେଉଁଠି କେତେବେଳେ ପାଦପ ଛାୟା ତଳେ ବିଶ୍ରାମ । ତା ପରେ ପୁଣି ଯାତ୍ରା । ମନ ଯେଉଁଆଡ଼େ ଚାହୁଁଛି, ସେଇ ଆଡ଼କୁ ମୁଁ ଆଗେଇ ଚାଲିଛି । ଉପରକୁ ଅନାଇଲି । ଅପରାହ୍ଣ ଗଡ଼ିଯାଇଛି । ସୂର୍ଯ୍ୟରଶ୍ମି ମଳିନ । ତେବେ ସୂର୍ଯ୍ୟାସ୍ତ ହେବାକୁ ଆହୁରି ଡେରି ଅଛି । ଆଗରେ ଏକ ଗାଁ ଦେଖାଯାଉଛି । ପୂର୍ବ ପରିଚିତ ପରି ଲାଗୁଥିଲା ଏ ଗାଁ ଟା । ପିଲାଦିନେ ବାପାଙ୍କ ସହ ଏ ଗାଁକୁ ଆସିଥିଲି । ଏଇଟା ମୋର ମାମୁଘର ଗାଁ । ଏ ଗାଁର ନାମ ବିଦେଘପ୍ରସ୍ଥ ହେବା ପଛରେ ଏକ କାହାଣୀ ରହିଛି । ରାଜ୍ୟଟିର ନାମ ବିଦେହ । ତେବେ ଚମ୍ପାପୁର ଭଳି ଏ ମଧ୍ୟ ଏକ ସୂତଗ୍ରାମ । ତେଣୁ ଚମ୍ପାପୁର ସହ ଏ ଗ୍ରାମର ସଂପର୍କ ବେଶ୍ ମଧୁର ।

(କ୍ରମଶଃ)


+ବାରବାଟୀ, ବାଲେଶ୍ୱର,
(ମୋ) ୯୯୩୭୪୬୮୪୩୨


# ଅପମାନକୁ ଭାବିହେବା ଛାଡନ୍ତୁ

## ସମ୍ପର୍କର ରଙ୍ଗ

ଶ୍ୱେତା ରାଉତ୍



କେହି ଆମ ସହିତ ଖରାପ ବ୍ୟବହାର କଲେ, ଅପମାନ କଲେ, ଭୁଲ୍ ବୁଝିଲେ, ମିଥ୍ୟା ଦୋଷାରୋପ କଲେ ଆମେ ଖୁବ୍ ଦୁଃଖୀ ହୋଇଥାନ୍ତି । ବାରମ୍ବାର ସେଇ କଥା ଭାବି ଭାବି ନିଜ ମନ ଖରାପ କରିବା ସହିତ ପରିବାରର ଅନ୍ୟମାନଙ୍କ ସହ ସହଜ ବ୍ୟବହାର କରିନଥାନ୍ତି । ଉଦାସପଣ ଆମକୁ ମାରିଦିଏ । କେହି ନିଜେ ଠିକ୍ ବୋଲି ବାରମ୍ବାର ସଫେଇ ଦେଇ ହାରିଯାଆନ୍ତି, କେହି ଅପମାନ ସହି ନପାରି ଲୁଚି ଲୁଚି କାନ୍ଦନ୍ତି ତ ଆଉ କେହି ଆତ୍ମହତ୍ୟା କରିଦିଅନ୍ତି । ଯେତେବେଳେ ଜୀବନରେ ଏମିତି ମୁହୂର୍ତ୍ତ ଆସେ ବିଚଳିତ ବା ଭାବପ୍ରବଣ ନହୋଇ ଥରେ ଭାବିବା ଉଚିତ୍ ସମସ୍ୟା, ଦୋଷାରୋପ, ଅପମାନ ଏସବୁ ସଂସାରୀ ମଣିଷ ଜୀବନର ଗୋଟେ ଗୋଟେ ସୋପାନ ।

ଆମେ କଳିଯୁଗରେ ବାସ କରନ୍ତି, ଯେଉଁଠି ଯୁଗର ନାମ 'କଳି' ସେଠି ସତ୍ୟ ଆସିବ କୋଉଠୁ ? ଏ ଯୁଗର, ମାହାତ୍ମ୍ୟ ହିଁ ମଣିଷ ନକରାତ୍ମକ ବିଚାର, ଧୋକା, ବେହିମାନୀ, ଚୋରି, ବ୍ୟଭିଚାରୀ, ଉଶୃଙ୍ଖଳିତ ସମାଜ ଓ ଅସତ୍ୟର ପଥରେ ଚାଲିବାକୁ ଚାହିଁବ । ଭଲ ଲୋକଙ୍କ ସହିତ ଭୁଲ୍ ହେବ, ନିରୀହ ଗାଈର ବାଛୁରି ମରିବ, ତେଲିଆ ମୁଣ୍ଡରେ ତେଲ ଦେଇ ଲୋକେ ଛଳନାକୁ ପ୍ରେମର ଭାବି ଖୁସିହେବେ, ପ୍ରେମକୁ ଛଳନା ଭାବି ପ୍ରତାରଣା କରିବେ, ମୁଖା ଆଉ ମୁଖର ପ୍ରଭେଦ ଜାଣି ପାରିବେ ନାହିଁ, ମିଛୁଆକୁ ମହାନ ଓ ସତିଆକୁ ଶତ୍ରୁ ଆଚରଣ କରିବେ । ଯିଏ ହାତ ଧରି ଗାତରୁ ଉଠାଇବ ତାକୁ ହିଁ ଗାତ ଭିତରକୁ ଠେଲିଦେବେ । ଯିଏ ଜୀବନରେ ଆଲୋକ ଆଣିଦେବ, ତା ଜୀବନକୁ ଅଂଧାର କରିଦେବେ । ଏହା ହିଁ ଏ କଳିଯୁଗର ମାହାତ୍ମ୍ୟ ।

ଏଠି ଆମକୁ କେବଳ ପଙ୍କ ଭିତରେ ପଦ୍ମ ପରି ନିଜର ସ୍ୱଭାବ, ଆଚରଣ, ଧର୍ଯ୍ୟ ଓ ଆତ୍ମବିଶ୍ୱାସକୁ ନେଇ ସଂଯମତା ରକ୍ଷାକରି ସଂସାରର ନାଆ ପାରି କରିବାର ଅଛି । କିଏ ଆମକୁ କଣ କହିଲେ, କେତେ ଦୁଃଖ ଦେଲେ ଯଦି ଆମେ ବସିବା ଆମ ବିଚାରରେ, ମସ୍ତିଷ୍କରେ କେବଳ ଅନ୍ୟ ପ୍ରତି ଘୃଣାଭାବ ରହିଯିବ । ନିଜ ପାଇଁ ସାତ୍ତ୍ୱିକ ବିଚାର ଆଣି ପାରିବା ନାହିଁ । ଅନ୍ୟମାନେ ଦେଇଥିବା ଅପମାନକୁ ମନେପକେଇ ନିଜ ପ୍ରତି ସମ୍ମାନ ହରେଇ ବସିବା । ମନ ଦୁଃଖ ରହିଲେ ଆପଣଙ୍କର କୌଣସି କାମରେ ମନ ଲାଗିବ ନାହିଁ । ଧିରେ ଧିରେ ଆପଣଙ୍କର ଶକ୍ତି, ସାମର୍ଥ୍ୟ ଦୁର୍ବଳ ହେବାକୁ ଲାଗିବ । ଜୀବନ ପ୍ରତି ବଞ୍ଚିବାର ମୋହ ବା ଆଗ୍ରହ କମିଯିବ ।

ଈଶ୍ୱର ଆପଣଙ୍କୁ ଏତେ ସୁନ୍ଦର ଜୀବନ ଦେଇଛନ୍ତି, କାହା କଥାକୁ କେନ୍ଦ୍ରକରି ଦୁଃଖୀ କିମ୍ବା ଦୁର୍ବଳ ହେବାକୁ ନୁହେଁ ବରଂ ନିଜ ସଂସ୍କାରରେ ନିଜ ଜୀବନକୁ ସୁନ୍ଦର କରିବା ସହିତ ଅନ୍ୟମାନଙ୍କୁ ବଞ୍ଚିବାର କଳା କୌଶଳ ଶିଖାଇଦେବାକୁ ଆପଣ ଦୁନିଆକୁ ଆସିଛନ୍ତି । ଆପଣଙ୍କୁ ଅପମାନ କରିଥିବା ଲୋକ ହସି ଖେଳି ବୁଲୁଥିବ ଅଥଚ ଆପଣ ତାର ପଦେ କଥା ବା ଅପମାନକୁ ଭାବି ଭାବି ଡିପ୍ରେସନ୍ (ମାନସିକ ବିଷାଦ)କୁ ଚାଲିଯିବେ । ଏ ଦୁନିଆକୁ ଈଶ୍ୱର ଆପଣଙ୍କୁ ଆଣିଛନ୍ତି, ଆପଣଙ୍କ ସହିତ କିଏ କେମିତି ବ୍ୟବହାର କଲା ଈଶ୍ୱରଙ୍କ ଉପରେ ଛାଡି ଦିଅନ୍ତୁ । ପରିବାର ପ୍ରତି, ସମାଜ ପ୍ରତି, ସମ୍ପର୍କ ପ୍ରତି, ଈଶ୍ୱରଙ୍କ ଏ ସର୍ଜନା ପ୍ରତି ଆପଣଙ୍କର କଣ ଦାୟିତ୍ୱ ବା କର୍ତ୍ତବ୍ୟ ରହିଛି ତାହା ହିଁ କରନ୍ତୁ । ଏ ମର୍ତ୍ତ୍ୟରେ ସମସ୍ତେ ନିଜର କର୍ମ ଅନୁସାରେ ଫଳ ଭୋଗ କରନ୍ତି । ଈଶ୍ୱର କେବେ ପକ୍ଷପାତ କରନ୍ତି ନାହିଁ । ତେଣୁ କିଏ ଆମ ପ୍ରତି କିଭଳି ବ୍ୟବହାର କଲା ଭାବିବା ଛାଡି କେବଳ ଆମ କର୍ମ କର୍ତ୍ତବ୍ୟ ପ୍ରତି ଯତ୍ନଶୀଳ ହୋଇ ସମ୍ପର୍କକୁ ସୁନ୍ଦର କରିବା ଓ ଜୀବନକୁ ବୁଝିବା ହିଁ ଆମର ଦାୟିତ୍ୱ ।


+ରାଉତ୍ କମ୍ପ୍ଲେକ୍ସ, କଟକ ରୋଡ୍,ଭୁବନେଶ୍ୱର-୬
(ମୋ) ୯୪୩୯୭୨୬୦୬୦


# ଆଜିର କବିତା

## ଅନୁଭବରେ ତୁମେ...

ଜୟଶ୍ରୀ ପଟ୍ଟନାୟକ



ତୁମ ଆଖି ସହ ମୋ ଆଖି ମିଶିଗଲାପରେ
ଆଉ କିଛି ବି ଦେଖିନି, ପାପ କି ପୁଣ୍ୟ
ଧର୍ମ କି ଅଧର୍ମ, ପର କି ଆପଣାର
ଗୋପରେ ଥାଅ ଅବା ବୃନ୍ଦାବନେ
ତମାଳ ଲତାରେ କି ଏରକା ବନରେ ।

ମୁଁ କେବଳ ଦେଖୁଛି ତୁମର ସେ
ସମ୍ମୋହିତ ତ୍ରିଭଙ୍ଗୀ ଠାଣିର
ସ୍ମିତହାସ୍ୟ ମଣ୍ଡିତ ନୀଳ ଶ୍ରୀମୁଖ
କିଏ କଳଙ୍କିନୀ କହିଲା
କିଏ ଦେଲା ଉଲୁଗୁଣା
କିଏ ପରାଧୀନ କରିଦେଲା
ଭାବନାର ତନ୍ତ୍ରୀମାନଙ୍କୁ
କେଉଁଠି ବାଲିଚର ମାଡିଗଲା ଭିଜା ଭିଜା
ସ୍ୱପ୍ନମାନଙ୍କୁ ତା ବି ଦେଖିନି ।

ବିଶ୍ୱାସର ବଳୟରେ ଛନ୍ଦିଦେଇଛି ମନ
ନବଧା ଭକ୍ତିରେ କରିଛି ପୂଜନ
ଶାଶ୍ୱତ ଆନନ୍ଦେ ବାନ୍ଧିଛି ଜୀବନ
ନବରସ ଛନ୍ଦରେ ଲେଖିଦେଇଛି ଜୀବନ ।
କୋଉ ଗୋପାଙ୍ଗନାକୁ ଦେଇଛ ମନ
ତାକୁ କରିନି ବି ଈର୍ଷା
ଯେଣୁ ମୋ ବିଶ୍ୱାସରେ ରଖିଛି ଭରସା ।

ସେଥିପାଇଁ ତ ମୋ ଶୟନେ, ସପନେ
ଅବା ଜାଗରଣେ ତୁମେ ଥାଅ
ମୋ ଅସ୍ତିତ୍ୱରେ
ଆତ୍ମାରେ, ପ୍ରେମ ପ୍ରଦୀପରେ ,
ନାମରସରେ
ହୃଦୟର ପ୍ରଶାନ୍ତିରେ,
ଭାବନାର ପ୍ରତି ମୁହୂର୍ତ୍ତରେ ।

ତେଣୁ ତ ପଚ୍ଛାଏନାହିଁ କହିବାକୁ
ତୁମେ ମୋର ପ୍ରଭୁ ଦାମୋଦର
ମୁଁ ରାଇ କିଶୋରୀ ଖାସ୍ ତୁମର
ଏ ମିଳନ ଆମର ଯୁଗଯୁଗର ।


+ଗଙ୍ଗନଗର, ଭୁବନେଶ୍ୱର
୭୯୭୮୧୧୦୪୭୪


## କେବେ ତୋ ଡୋରି ଲାଗିବ...

ଅଂଜଳି ପଣ୍ଡା



ତୋର ଶରଧା ବାଲିରୁ
ହାତେ କି ଚାଖଣ୍ଡେ
ମାଗିନାହିଁ ମୁହିଁ ଦିନେ
କି ପାଇଁ ଅଣଦେଖା
କରୁରେ କାଳିଆ
ଦୁଃଖ ଦେଉ ଅକାରଣେ ।

ଡାକି ଡାକି ଥକେ
ପତିତଙ୍କ କଣ୍ଠ
ହେଲୁ ତୁ କେତେ ବଧିର
ଦରଦୀ ଠାକୁର
ଭୁଲିଗଲୁ ସବୁ
ଦୁଃଖ ଲାଞ୍ଛନା ଦୁଃଖୀଙ୍କର ।

ଦ୍ରୌପଦୀ ଡାକିଲା
ଶୁଣିଲୁ ତା ଡାକ
ଦେଲୁ ବସ୍ତ୍ର ପଠିଆଇ
ଗଜ ବି ଡାକିଲା
ଗଭୀର ଜଳରେ
ଶୁଣିଲୁ ତା ଡାକ
ଯୋଜନ ଦୂରରେ ରହି ।

ସାଲବେଗ ଡାକେ
ଥିଲା ବି ଆତୁରତା
ନଚାଲିଲା ନନ୍ଦିଘୋଷ
ବଳରାମ ଦାସ ଭକତିରେ ବନ୍ଧା
ବାଲି ରଥେ ପରବେଶ ।

କରମା ବାଇର ନୁହଇ ସରି ମୁଁ
ରାନ୍ଧିନି ଖେଚୁଡ଼ି ଅନ୍ନ
ମାଲୁଣୀ ଝିଅ ଗୁନ୍ଥିଲା ହାର
ତୋ ଶ୍ରୀଅଙ୍ଗ ଲାଗି ଯତନ
ତା ଗୀତ ଗୋବିନ୍ଦେ ହୋଇଲୁ
ମୋହିତ, ଚରିଗଲା ତୋ ପିନ୍ଧା ପାଟ
କେତେ ଭକ୍ତଙ୍କ ସ୍ତୁତି କାଳିଆ ସାଆନ୍ତଙ୍କୁ
ତଥାପି ଦେଉଛୁ ଛାଟ ।

କେଉଁ ଦୋଷେ ପ୍ରଭୁ
ଏତେ ସରି ମୁହିଁ
କର ମୋତେ ବାରେ କ୍ଷମା
ପ୍ରାର୍ଥନା ତୋ ପାଦେ
ଆହେ ନୀଳଶୈଳ
ଉଡୁଥାଇ ତୋ ପତିତପାବନ ବାନା
ଯୁଗ ଯୁଗ ଧରି ମୋ ପରି ଦୁଃଖୀଙ୍କୁ
ପାରି କରିନେବା ପାଇଁ
କେବେ ତୋ ଡୋରି ଲାଗିବ କାଳିଆ
ଯିବି ମୁଁ ଶ୍ରୀକ୍ଷେତ୍ର ଧାଇଁ ।


+ ଚୌଧୁରୀ ସାହି, ବାଲେଶ୍ୱର


## ସନ୍ଧ୍ୟା...

ବିଜୟଲକ୍ଷ୍ମୀ ପାଣିଗ୍ରାହି



ସନ୍ଧ୍ୟା ତୁମେ ପରା ପୂର୍ଣ୍ୟମୟୀ ଜ୍ୟୋତି
ଦିବସର ଶେଷ ରାଗ
ତୁମ ହସ ଧାରେ ହସୁ ଥାଏ ମଲ୍ଲି
ମହାକାଇ ଚଉଦିଗ ।

ତୁମ ଆଗମନ କରେ ଆନ୍ଦୋଳନ
ଶୁଭୁଥାଏ ହୁଳହୁଳି
ଭକତି ଅରପି ଚଉରା ମୂଳରେ
ଜଳୁଥାଏ ଦୀପାବଳି ।

ତପତ ପରାଣ ଶୀତଳି ଯାଏଟି
ପାଇ ତୁମରି ପରଶ
ସ୍ୱସ୍ତି ପ୍ରଦାୟିନୀ ଶାନ୍ତି ପ୍ରଦାୟିନୀ
ଢାଳୁଥାଆ ଶୁଭାଶିଷ ।

ନିଡ଼କୁ ଫେରନ୍ତି କଲରବ କରି
ଗୋଧୂଳି ଲଗାନେ ପକ୍ଷୀ
ନିଶ୍ଚିନ୍ତେ ରଜନୀ ପାହିବ କହିଛି
ତୁମେ ରହିଅଛ ସାକ୍ଷୀ ।


+କୁନ୍ଦୁରା, ଜୟପୁର,କୋରାପୁଟ
ମୋ-୮୨୪୯୪୫୦୦୫୦

# କୃଷି ମନ୍ତ୍ରୀଙ୍କ ଦ୍ୱାରା 'ମୋ ବାଡ଼ି-ମୋ ବଗିଚା' କାର୍ଯ୍ୟକ୍ରମର ଶୁଭାରମ୍ଭ

ଭୁବନେଶ୍ୱର,୨୧/୭ (ନି.ପ୍ର): ଭୁବନେଶ୍ୱରକୁ ସବୁଜସୁନ୍ଦର କରିବା ସହ ତଟକା ଫଳ, ପନିପରିବା ଇତ୍ୟାଦି ନିଜ ବାରିରୁ ପାଇବା ଲକ୍ଷ୍ୟରେ ଓଡ଼ିଶା ସରକାରଙ୍କ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ପକ୍ଷରୁ 'ମୋ ବାଡ଼ି-ମୋ ବଗିଚା' କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ମଙ୍ଗଳବାର ଗଙ୍ଗନଗରସ୍ଥିତ କ୍ୱାଟର ନଂ ୨ଆର-୩୨ ପରିସରରେ ଫଳଗଛ ଚାରା ରୋପଣ କରି ଏହାର ଶୁଭାରମ୍ଭ କରିଛନ୍ତି । ଚଳିତ ବର୍ଷ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ପକ୍ଷରୁ ଭୁବନେଶ୍ୱର ସହରର ଏକ ହଜାର ସରକାରୀ ବାସଭବନରେ ୨ଟି ଆମ୍ବ, ୨ଟି ପଣସ ଓ ୨ଟି ବେଲ ଚାରା ସହ ପନିପରିବା ପୁଡ଼ିଆ ଓ ଖତସାର ଇତ୍ୟାଦି ବଂଟନ କରିବା କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ଭୁବନେଶ୍ୱରର ସରକାରୀ କ୍ୱାଟରଗୁଡ଼ିକରେ ଥିବା ଖାଲି ଜାଗାରେ ଫଳଗଛ ଲଗାଇବା ଦ୍ୱାରା ପରିବେଶ ସନ୍ତୁଳନ ସହିତ ଗଛର ଛାଇ ଓ ସୁସ୍ୱାଦୁ ଫଳ ପାଇହେବ । ରାଜ୍ୟ ସରକାରଙ୍କ ଏହି ଯୋଜନାରେ ଫଳଗଛ ଚାରା ଯଥା ଆମ୍ବ, ପଣସ ଓ ବେଲ ଚାରା ସହ ପନିପରିବା ମଂଜି କିଟ୍ ଏବଂ ଜୈବିକ ସାର ଓ ଔଷଧ ତଥା ରୋପଣ ବିଧିର ପୁସ୍ତିକା ବିନାମୂଲ୍ୟରେ ଯୋଗାଇଦେବାର ବ୍ୟବସ୍ଥା ରହିଛି । ତେଣୁ ସରକାରଙ୍କ ଏହି ପ୍ରୟାସରେ ସମସ୍ତଙ୍କୁ ଭାଗୀଦାର ହେବା ପାଇଁ ମନ୍ତ୍ରୀ ଡ. ସାହୁ ଆହ୍ୱାନ ଦେବା ସହିତ ଏହି କାର୍ଯ୍ୟକ୍ରମ ଭୁବନେଶ୍ୱରକୁ ସବୁଜସୁନ୍ଦର କରି ଗଢ଼ିତୋଳିବାରେ ସହାୟକ ହେବ ବୋଲି କହିଛନ୍ତି । ଏହି ଅବସରରେ ଜନସାଧାରଣଙ୍କ ମଧ୍ୟରେ ବୃକ୍ଷରୋପଣ ତଥା ଫଳଗଛ ଲଗାଇବା ଦିଗରେ ସଚେତନତା ବୃଦ୍ଧି କରିବା ପାଇଁ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟର ପ୍ରଚାରଗାଡ଼ିକୁ ମନ୍ତ୍ରୀ ଡ. ସାହୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମରେ ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା, ମୃର୍ତିକା ସଂରକ୍ଷଣ ଓ ଜଳଛାୟା ଉନ୍ନୟନ ନିର୍ଦ୍ଦେଶକ ହେମନ୍ତ କୁମାର ପଣ୍ଡାଙ୍କ ସମେତ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଧାନ ସଂଗ୍ରହରେ ବିଜେଡ଼ି ବିଜେପି ରାଜନୀତିଠାରୁ ଉର୍ଦ୍ଧ୍ୱରେ ରହି ଚାଷୀଙ୍କଠାରୁ ସବୁ ବଳକାଧାନ କିଣନ୍ତୁ: ପିସିସି କିଷାନ କଂଗ୍ରେସ

ଭୁବନେଶ୍ୱର,୨୧/୭ (ନି.ପ୍ର): ସରକାର କାହିଁକି ଧାନ କିଣାର ତ୍ରୁଟି ସଂଶୋଧନ କରୁନାହାନ୍ତି ? ରବି ଓ ଖରିଫର ୩ ଲକ୍ଷରୁ ଉର୍ଦ୍ଧ୍ୱ ଯୋଗ୍ୟ ପଞ୍ଜିକୃତ ବଳକା ଚାଷୀଙ୍କଠାରୁ ରାଜ୍ୟ ସରକାର କାହିଁକି ଧାନ କିଣିଲେ ନାହିଁ, ବିଭାଗୀୟ ମନ୍ତ୍ରୀ କିମ୍ବା ରାଜ୍ୟ ସରକାର ତା'ର ଉତର ଦେବା ଅତ୍ୟନ୍ତ ଜରୁରୀ। ଏହି ପ୍ରମୁଖ ସମସ୍ୟାର ସମାଧାନ ପାଇଁ କାହିଁକି ଯଥାର୍ଥ ଭାବରେ ବିଚାର ବିମର୍ଷ କରାଗଲା ନାହିଁ। ପ୍ରତିବର୍ଷ ରବି ଓ ଖରିଫ୍‌ରେ ଉତ୍ପାଦନ ଅନୁଯାୟୀ କେତେ ଧାନ କିଣାଯିବ ତାହା ଚାଷୀଙ୍କୁ ନିର୍ଣ୍ଣିତ କରିବା ଉଚିତ୍। ସରକାରଙ୍କ ତୃଟିପୂର୍ଣ୍ଣ ନିଷ୍ପତି ଯୋଗୁଁ ହଜାର ହଜାର ଟୋକନ ଲାପ୍ସ କରିଛି। ରେଜିଷ୍ଟ୍ରେସନ କରିଥିବା ଚାଷୀ ଟୋକନ ପାଇନାହିଁ। ଅଣ ପଞ୍ଜିକରଣ ଚାଷୀ ପାଉଛି ଟୋକନ। ୧୨ ରୁ ୧୫ ଦିନ ଟୋକନ ଅବଧି ନିର୍ଣ୍ଣୟ କରିଛି କିଏ ? ଠିକଣା ସମୟରେ ଆକଳନ ମୁତାବକ ମଣ୍ଡିକୁ ଟାର୍ଗେଟ ଦିଆ ଗଲା ନାହିଁ କାହିଁକି ? ଧାନ କିଣାବିକା ପ୍ରସଙ୍ଗରେ ବାରମ୍ବାର ଦେଖା ଯାଉଥିବା ବିଭିନ୍ନ ଜଟିଳ ସମସ୍ୟାର ସମାଧାନ ହେବା ପରିବର୍ତେ କେନ୍ଦ୍ର ରାଜ୍ୟକୁ ଦୋଷ ଲଦିଲା ବେଳେ ରାଜ୍ୟ କେନ୍ଦ୍ର ଉପରେ ଦୋଷ ଲଦୁଛି। ଶାସକ ଉଭୟ ବିଜେପି ଓ ବିଜେଡ଼ି ଦଳ ବାସ୍ତବ କ୍ଷେତ୍ରରେ ଧାନ କିଣା ପ୍ରସଙ୍ଗକୁ ଏଡ଼ାଇ ଦେଇ କେବଳ ଚାଷୀଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦିବା ସହ ନାଟକବାଜୀ ଚଳାଇଛନ୍ତି ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି କିଷାନ ସେଲ୍ ରାଜ୍ୟ ଅଧକ୍ଷ ଅମୀୟ କୁମାର ପଟ୍ଟନାୟକ ଉଭୟ ସରକାରଙ୍କୁ ଏଥିପାଇଁ ଦାୟି କରିଛନ୍ତି। ଯଦି ଛତିଶଗଡ଼ ସରକାର ତାଙ୍କ ଛୋଟ ରାଜ୍ୟଟିରୁ ୯୩ ଲକ୍ଷ ମେଟ୍ରିକ୍ ଟନ୍ ଧାନ କ୍ରୟ କରିପାରୁଛନ୍ତି, ତେବେ ଓଡ଼ିଶା କାହିଁକି ୭୭ ଲକ୍ଷ ମେଟ୍ରିକ୍ ଟନ୍ ଧାନ କ୍ରୟ କରି ବାହାପା ମାରୁଛି। ଅନ୍ୟ ରାଜ୍ୟ ଭଳି ଓଡ଼ିଶା ସରକାର କାହିଁକି ଚାଷୀଙ୍କୁ ବୋନସ୍ ଦେଉ ନାହାନ୍ତି। ଅନ୍ୟ ପକ୍ଷରେ ବିଜେପି ଦଳ ଭୋକ ବିକଳରେ କେବଳ ତାଟିଆ କାମୁଡୁଛି। ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶାନୁଯାୟୀ ଏଫ୍.ସି.ଆଇ ସିଧାସଳଖ ଚାଷୀଙ୍କଠାରୁ ଧାନ କ୍ରୟ କରିବା କଥା। ନିର୍ଦ୍ଧାରିତ ସମୟରେ କେନ୍ଦ୍ର କାହିଁକି ରାଜ୍ୟରୁ ଚାଉଳ ଲିଫ୍ଟିଂ କରୁନାହିଁ ଏବଂ ଓଡ଼ିଶାର ବକେୟା ପାଉଣା ପରିଶୋଧ କରିବାରେ ବିଳମ୍ବ କରୁଛି। ବିଜେଡ଼ିର ଅଭିଯୋଗ ଅନୁଯାୟୀ ଧାନ କ୍ରୟ ସମୟ ନିର୍ଦ୍ଧାରିତ କରୁଛି କେନ୍ଦ୍ର, ତାହା ହେଲେ ବିଜେପି ନେତାମାନେ କାହିଁକି ମଣ୍ଡି ଓ ସିଏସଓ ଅଫିସ୍ ସମ୍ମୁଖରେ ଚାଷୀଙ୍କ ପାଇଁ ବୃଥା ଅରଣ୍ୟ ରୋଦନ କରୁଛନ୍ତି ତାହାର ସ୍ପଷ୍ଟୀକରଣ କରିବା ଉଚିତ୍ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ବର୍ତମାନ ପରିସ୍ଥିତିରେ କେନ୍ଦ୍ର ହେଉ କି ରାଜ୍ୟ ହେଉ, ଉଭୟ ସରକାର ସଂଘୀୟ ବ୍ୟବସ୍ଥାରେ ଚାଷୀଙ୍କ ସବୁ ବଳକା ଧାନ କ୍ରୟ କରି ସେମାନଙ୍କୁ ନିର୍ଦ୍ଧାରିତ ସମୟରେ ତାଙ୍କର ହକ୍ ଏମଏସ୍‌ପି ଅର୍ଥ ପ୍ରଦାନ କରୁନାହାନ୍ତି କାହିଁକି ? ବାସ୍ତବତାକୁ ଉପଲବ୍ଧ କରି ଚାଷୀଙ୍କର ସବୁ ବଳକା ଧାନବିକ୍ରିର ଶେଷ ପର୍ଯ୍ୟନ୍ତ ସରକାର ନିରନ୍ତର ପ୍ରକ୍ରିୟାରେ ଧାନ କ୍ରୟ କରନ୍ତୁ। ଅନ୍ୟ ରାଜ୍ୟ ସରକାରଙ୍କ ଭଳି ଓଡ଼ିଶା ସରକାର ଚାଷୀଙ୍କୁ ଧାନରେ କ୍ୱିଂଟାଲ ପିଚ୍ଛା ୫୦୦ ଟଙ୍କା ବୋନସ୍ ଦେବା ସହ କେନ୍ଦ୍ର ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରତି କ୍ୱି ।ଲ ପିଚ୍ଛା ୨୯୩୦ ଟଙ୍କାକୁ ବୃଦ୍ଧି କରନ୍ତୁ ବୋଲି କଂଗ୍ରେସ ପକ୍ଷରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ଶ୍ରୀ ପଟ୍ଟନାୟକ ଦୃଢ଼ ଦାବୀ କରିଛନ୍ତି।

# ଗରିବ ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲ୍ଲାରେ ସିଲିଂ ବହିର୍ଭୁତ ଓ ସରକାରୀ ଜମି ବଣ୍ଟନ ଆଜି ବି ମୁଖ୍ୟ ପ୍ରସଙ୍ଗ ହୋଇ ରହିଛି

ଭୁବନେଶ୍ୱର,୨୧/୭ (ନି.ପ୍ର): ସାରା ଦେଶରେ ଓଡ଼ିଶା ଏକ ଆର୍ଥିକ ଅନଗ୍ରସର ପଛୁଆ ରାଜ୍ୟ। ପୁଣି ଆମ ରାଜ୍ୟ ଭିତରେ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାଗୁଡ଼ିକ ସବୁଠୁ ଗରିବ ଓ ଅବହେଳିତ। ରାୟଗଡ଼ା ଜିଲ୍ଲାରେ ତଫସିଲଭୁକ୍ତ ଜାତି (ଏସ୍.ସି.) ସେହି ଜିଲ୍ଲାର ଜନସଂଖ୍ୟାର ୧୪.୪୧% ଓ ତଫସିଲଭୁକ୍ତ ଜନଜାତି ସଂଖ୍ୟା ହେଉଛି ୫୫.୯୯ ଅର୍ଥାତ୍ ୫୬%। ମୋଟାମୋଟି ଭାବେ ଜିଲ୍ଲାର ୭୦% ଲୋକ ହେଉଛନ୍ତି ଏହି ଦୁଇ ସମ୍ପ୍ରଦାୟର। କିନ୍ତୁ ଏମାନଙ୍କ ପାଖରେ ଜମି ନାହିଁ ଓ ଏମାନଙ୍କର ଘରଡ଼ିହ ବି ନାହିଁ। ଏମାନେ ଭୂମିହୀନ ଓ ବାସହୀନ। ଆଜି ବି ବଞ୍ଚିବାର ଏକମାତ୍ର ରାହା ହେଉଛି ଜମି। ସବୁ ଜମି ଜମିଦାର, ସାହୁକାରଙ୍କ ପାଖରେ ଅଛି। ତେଣୁ ଜିଲ୍ଲାର ଦୁଇ ତୃତୀୟାଂଶ ଲୋକ ଜିଲ୍ଲାରେ ମଜୁରୀ ଲାଗି ପେଟ ପୋଷୁଛନ୍ତି। ସ୍ୱାଧୀନତା ପରେ ୪ମଷରୟଙ୍କଷରୟ ଇକ୍ସରବରେ ୧୯୬୦ ମସିହା ବେଳକୁ ଓଡ଼ିଶାରେ ଯେଉଁ ଜମିଜମା ବନ୍ଦୋବସ୍ତ (ଖବଭୟ ୪ରଷ୍ପଷ୍ପକ୍ଷରଙ୍କରଭଷ୍ପ) କରାଗଲା। ବହୁ କାଳ ଧରି ବସବାସ ଓ ଚ୍ଛଷ କରି ଆସୁଥିବା ଗରିବ ଆଦିବାସୀ, ଦଳିତ ଓ ଅନ୍ୟାନ୍ୟ ଜଙ୍ଗଲବାସୀମାନଙ୍କ ନାମରେ ଚଞ୍ଚକତା କରି ପଟ୍ଟା କରାଗଲା ନାହିଁ। ଅପର ପକ୍ଷରେ ସେଠାକାର ସାହୁକାର ଓ ଜମିଦାରମାନଙ୍କ ନାମରେ ଜମି ସେମାନେ କରାଇନେଲେ। ଓଡ଼ିଶାରେ ଶିକ୍ଷିତ ସଂଖ୍ୟା ଶତକଡ଼ା ୭୨ ଭାଗ ହୋଇଥିଲା ବେଳେ ରାୟଗଡ଼ା ଜିଲ୍ଲା ୫୦.୮୮ ଶତାଂଶ। ତେଣୁ କେବଳ ଆର୍ଥିକ ଦିଗରୁ ନୁହଁ, ଶିକ୍ଷା, ସ୍ୱାସ୍ଥ୍ୟ ସବୁ ଦିଗରୁ ଏମାନେ ପଛୁଆ। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିର୍ଣ୍ଣିତ କର୍ମନିଯୁକ୍ତି ଯୋଜନାର ଟଙ୍କା ଅଧିକାଂଶ ଲୋକଙ୍କ ପାଖକୁ ଯାଏ ନାହିଁ। ଲୋକେ କାମ ନକରି ମେସିନ କରେ। ଜବକାର୍ଡ଼ ବନ୍ଧା ପଡ଼ିଥାଏ ନଚେତ୍ ମିଛ ରେକର୍ଡ଼ ପାଇଁ ବ୍ୟବହାର କରାଯାଏ। ନନ୍ଦିନୀ ଦେବୀଙ୍କ ମୁଖ୍ୟମନ୍ତ୍ରୀତ୍ୱ ବେଳେ ଜନ ଆନ୍ଦୋଳନ ଚ୍ଛପରେ ହୋଇଥିବା ଭୂସଂସ୍କାର ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ବହୁଳ ପ୍ରଚ୍ଛରିତ ସିଲିଂ ବର୍ହିଭୁତ ଜମି ଗରୀବ ତଥା ଆଦିବାସୀଙ୍କ ମଧ୍ୟରେ ବଣ୍ଟା ଗଲାନାହିଁ। କେତେକ ଜାଗାରେ କେବଳ କାଗଜପତ୍ରରେ ବଣ୍ଟାଯାଇଛି ଓ କେତେକ ଜାଗାରେ ଆଦିବାସୀ ପଟ୍ଟା ପାଇଥିଲେ ବି ସରକାର ଦଖଲ ଦେଇନାହାଁନ୍ତି। ଫଳରେ ଜମି ସେହି ଜମିଦାର ନିଜ ଦଲାଲଙ୍କ ପାଖରେ ରଖି ଭୋଗ ଦଖଲ କରୁଛନ୍ତି। ପୁଣି ସରକାରଙ୍କ ସଲାସୁତୁରାରେ ପ୍ରଭାବଶାଳୀ ଜମିଦାର ସାହୁକାର କୋର୍ଟ କଚେରୀରୁ ସ୍ଥଗିତାଦେଶ ଆଣି ବର୍ଷ ବର୍ଷ ଧରି ସିଲିଂ ବଳକା ଜମିକୁ ଦଖଲ କରୁଛନ୍ତି। ଏହା ଆଇନକୁ ଆଖି ମିଟିକା ମାରିବା। ପ୍ରବଳ ପ୍ରତାପୀ ସାହୁକାରମାନେ ପୁରୁଣା ପଟ୍ଟାକୁ ପ୍ରଶାସନିକ ଅଧିକାରୀଙ୍କୁ ଦେଖାଇ ଗରିବ-ଆଦିବାସୀ ଭୂମିହୀନଙ୍କୁ ଧମକାଇବା, ମିଥ୍ୟା କେସ୍‌ରେ ଫସାଇବା, ଆନ୍ଦୋଳନକାରୀ ନେତୃତ୍ୱକୁ ମାଓବାଦୀ କହି ଜେଲ୍ ପଠାଇବା ଏକ ସାଧାରଣ କଥା। ଜମିଜମା ସମସ୍ୟା ହିଁ ଏହି ଜିଲ୍ଲାର ମୁଖ୍ୟ ସମସ୍ୟା ହୋଇଥିବାରୁ କୃଷି ସମ୍ପର୍କୀୟ ସମସ୍ତ ସରକାରୀ ଯୋଜନା ଏଠାରେ ମୂଲ୍ୟହୀନ ହୋଇଯାଉଛି।

# ପାରଦର୍ଶୀ ପୋର୍ଟାଲରେ ନାମଲେଖା ପାଇଁ ଛାତ୍ରଛାତ୍ରୀ ଚୟନ


ଭୁବନେଶ୍ୱର,୨୧/୭ (ନି.ପ୍ର): ଓଡ଼ିଶା ସରକାରଙ୍କ ୫-'ଟି' ଯୋଜନା ଆଧାରରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ସାମାଜିକ ଓ ଅର୍ଥନୈତିକ ଦୁର୍ବଳ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ନାମଲେଖା ପାଇଁ ପାରଦର୍ଶୀ ପୋର୍ଟାଲର ଶୁଭାରମ୍ଭ କରାଯାଇଛି। ଚଳିତ ବର୍ଷ ସାମାଜିକ ଓ ଅର୍ଥନୈତିକ ଦୁର୍ବଳ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ବେସରକାରୀ ବିଦ୍ୟାଳୟ ଗୁଡ଼ିକରେ ନାମଲେଖା ପାଇଁ ଏହି ପୋର୍ଟାଲ ମାଧ୍ୟମରେ ଆବେଦନ ଆହ୍ୱାନ କରାଯାଇଥିଲା। ସମୁଦାୟ ୫୯୭୦ ଆବେଦନଗୁଡ଼ିକୁ ବ୍ଲକ୍ ଶିକ୍ଷା ଅଧିକାରୀମାନେ ମୂଳ ପ୍ରମାଣପତ୍ର ସହ ଯାଂଚ କରିଥିଲେ ଓ ୩୮୩୯ ଛାତ୍ରଛାତ୍ରୀଙ୍କ ନାମକୁ ସଂପୃକ୍ତ ବ୍ଲକ୍ ଶିକ୍ଷା ଅଧିକାରୀମାନଙ୍କୁ ପ୍ରେରଣ କରାଯାଇଥିଲା। ଯୋଗ୍ୟ ଆବେଦନଗୁଡ଼ିକୁ ପାରଦର୍ଶୀ ପୋର୍ଟାଲ ମାଧ୍ୟମରେ କେନ୍ଦ୍ରୀୟ ଲଟେରୀ କରାଯାଇଥିଲା ଓ ୩୬୦୯ ଛାତ୍ରଛାତ୍ରୀଙ୍କ ନାମକୁ ସଂପୃକ୍ତ ବ୍ଲକ୍ ଶିକ୍ଷା ଅଧିକାରୀମାନଙ୍କୁ ପ୍ରେରଣ କରାଯାଇଥିଲା। ବର୍ତମାନ ବ୍ଲକ୍ ଶିକ୍ଷା ଅଧିକାରୀମାନେ ସଂପୃକ୍ତ ବେସରକାରୀ ବିଦ୍ୟାଳୟଗୁଡ଼ିକୁ ଚୟନ ହୋଇଥିବା ଛାତ୍ରଛାତ୍ରୀଙ୍କ ନାମ ପ୍ରେରଣ କରିବେ। ବେସରକାରୀ ବିଦ୍ୟାଳୟ ଗୁଡ଼ିକରେ ଆସନ୍ତା ୨୩ ତାରିଖରୁ ୩୧ ତାରିଖ ମଧ୍ୟରେ ନାମ ଲେଖାଯିବ। ଦ୍ୱିତୀୟ ଚୟନରେ ପୁଣି ବେସରକାରୀ ବିଦ୍ୟାଳୟ ଗୁଡ଼ିକରେ ଖାଲିଥିବା ସିଟ୍ ପାଇଁ ଅଗଷ୍ଟ ୧ ତାରିଖରୁ ୧୦ ତାରିଖ ମଧ୍ୟରେ ଆବେଦନ ଗ୍ରହଣ କରାଯିବ। ଦ୍ୱିତୀୟ ଚୟନ ଆବେଦନ ପାଇଁ ସମସ୍ତ ଛାତ୍ରଛାତ୍ରୀ ଓ ଅଭିଭାବକମାନେ www.rteparadarshi.odisha.gov.in ରେ ଆବେଦନ କରିପାରିବେ । ଫେବୃଆରୀ ମାସରୁ ଆରମ୍ଭ କରି ଜୁଲାଇ ମାସ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଏହି ପୋର୍ଟାଲ ମାଧ୍ୟମରେ ଆବେଦନ କରିଥିଲେ। ପ୍ରଥମଥର ପାଇଁ ପୋର୍ଟାଲ ମାଧ୍ୟମରେ ବେସରକାରୀ ବିଦ୍ୟାଳୟ ଗୁଡ଼ିକରେ ନାମଲେଖା କରାଯାଉଥିବା ଯୋଗୁଁ ଟେଲିଭିଜନ, ଖବରକାଗଜ, ସାମାଜିକ ଗଣମାଧ୍ୟମ ଓ ପୋଷ୍ଟର ମାଧ୍ୟମରେ ଅଭିଭାବକମାନଙ୍କ ଅବଗତି ନିମନ୍ତେ ସର୍ବସାଧାରଣ ସୂଚନା ଦିଆଯାଇଥିଲା।

# ଭାରତକୁ ଦୁର୍ବଳ କରିବାକୁ ଚାହୁଁଥିବା ବୈଦେଶିକ ଶକ୍ତି ସହ ହାତ ମିଶାଇଛି କଂଗ୍ରେସ: ସମୀର ମହାନ୍ତି



ଭୁବନେଶ୍ୱର,୨୧/୭ (ନି.ପ୍ର): ମୌସୁମୀ ଅଧିବେଶନ ଆରମ୍ଭ ପୂର୍ବରୁ ଯୋଜନାବଦ୍ଧ ଭାବେ ଏକ ମିଛ ଖବରକୁ ଆଧାର କରି ମୋଦି ସରକାରଙ୍କ ଯେଉଁ ଭଳି ଭାବରେ ବିରୋଧୀ ଦଳମାନେ ଉଦ୍ଦେଶ୍ୟମୂଳକ ଭାବେ ଗଣତନ୍ତ୍ରର ମନ୍ଦିର ବୋଲାଉଥିବା ସଂସଦରେ ହୋ ହାଲ୍ଲା କରି ଗୃହ କାର୍ଯ୍ୟରେ ବାଧା ପହଂଚାଇଲେ, ତାହା ଅତ୍ୟନ୍ତ ନିନ୍ଦନୀୟ ଘଟଣା । ଗଣତନ୍ତ୍ରର ଏହା ଏକ କଳା ଅଧ୍ୟାୟ ସୃଷ୍ଟି କରିଛି । କଂଗ୍ରେସ ଏବଂ କିଛି ବିରୋଧୀ ଦଳ ମୋଦି ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଏବଂ ବିକାଶମୂଳକ କାର୍ଯ୍ୟଗୁଡିକୁ ସାମ୍ନା କରିପାରୁନଥିବାରୁ ଭାରତକୁ ଦୁର୍ବଳ କରିବାକୁ ଚାହୁଁଥିବା କିଛି ବୈଦେଶିକ ତଥା ବାହ୍ୟ ଶକ୍ତିମାନଙ୍କ ସହ ହାତ ମିଶାଇଛନ୍ତି । ଭାରତବର୍ଷରେ ଦୀର୍ଘ ୫୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଶାସନ କ୍ଷମତାରେ ଥିବା କଂଗ୍ରେସ ଦଳର ଏହା ଏକ ନୂତନ ପ୍ରକାର ଏବଂ ନିମ୍ନସ୍ତରର ରାଜନୀତି ବୋଲି ବିଜେପି ରାଜ୍ୟ ରାଜ୍ୟ ସଭାପତି ସମୀର ମହାନ୍ତି ଅଭିଯୋଗ କରିଛନ୍ତି । ଶ୍ରୀ ମହାନ୍ତି କହିଛନ୍ତି ଯେ, ପେଗାସସ୍ ସ୍ପାଏୱେର ଘଟଣାରେ ଭାରତର ସଂପୃକ୍ତି ପ୍ରମାଣିତ ହୋଇନାହିଁ । ସେହି ରିପୋର୍ଟରେ ଦର୍ଶାଯାଇଥିବା ବ୍ୟକ୍ତିମାନଙ୍କର ଫୋନ୍ ହ୍ୟାକ୍ ହେଉଛି ବୋଲି କୌଣସି ପ୍ରମାଣ ସାମ୍ନାକୁ ଆସିନାହିଁ । ତଥ୍ୟ ପ୍ରମାଣ ନଥାଇ ଏକ ରିପୋର୍ଟକୁ ଆଧାର କରି ଫୋନ୍ ହ୍ୟାକ୍ ହେବା କଥା କହିବା ଅତ୍ୟନ୍ତ ଅଯୁକ୍ତିକର ଏବଂ ଅବାନ୍ତର । ରାଜ୍ୟ ବିଜେପି ଏହାକୁ ଘୋର ନିନ୍ଦା କରୁଛି । ୨୦୧୩ ମସିହାରେ ୟୁପିଏ ସରକାର ଆରଟିଆଇର ଏକ ଲିଖିତ ଉତରରେ କହିଥିଲେ କି , ୯୦୦୦ ଫୋନ୍ ଏବଂ ୫୦୦ ଇମେଲକୁ ଟ୍ୟାପିଂ କରାଯାଇଥିଲା । ଏହା ହିଁ କଂଗ୍ରେସ ସରକାରର ଅସଲ ଚରିତ୍ର । ମୋଦି ସରକାରରେ ଭାରତବର୍ଷର ବିକାଶ କାର୍ଯ୍ୟର ଧାରାକୁ ସହ୍ୟ କରି ପାରୁନଥିବା ବିରୋଧୀ ଦଳଗୁଡିକ ମିଳିତ ଭାବେ ବାହ୍ୟ ଶତୃଙ୍କ ମିଶି ଆନ୍ତର୍ଜାତୀକ ସ୍ତରରେ ଦେଶକୁ ଅପାମାନିତ ଓ ନିନ୍ଦିତ କରୁଛନ୍ତି । ମୋଦି ସରକାରକୁ ଯିଏ ଖରାପ ଭାବେ ଚିତ୍ରଣ କରିବ କଂଗ୍ରେସ ସେହି ବ୍ୟକ୍ତିଙ୍କୁ ସମର୍ଥନ କରିବ । ଭାରତର ବିକାଶ ଚାହୁଁନଥିବା କିଛି ବୈଦେଶିକ ଶକ୍ତି ଭାରତକୁ ଦୁର୍ବଳ କରିବା ପାଇଁ ଲାଗିଛନ୍ତି ବୋଲି ଶ୍ରୀ ମହାନ୍ତି ଅଭିଯୋଗ କରିଛନ୍ତି ।

# ସଂଗ୍ରହାଳୟ ଜ୍ଞାନର ଭଣ୍ଡାର: ସଂସ୍କୃତି ମନ୍ତ୍ରୀ



ଭୁବନେଶ୍ୱର,୨୧/୭ (ନି.ପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ସଂଗ୍ରହାଳୟକୁ ଜ୍ଞାନର ଭଣ୍ଡାର ଭାବରେ ଅଭିହିତ କରିଛନ୍ତି । ମଙ୍ଗଳବାର କୋଭିଡ୍ ମହାମାରୀଜନିତ ଭୟାବହ ପରିସ୍ଥିତିର ମୁକାବିଲା ପାଇଁ ୱେବିନାର ମାଧ୍ୟମରେ ଅନୁଷ୍ଠିତ ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ଅଭିନବ ପ୍ରୟାସ 'ଇନ୍ଦ୍ରଧନୁ-ଆଶାର କିରଣ' ଶୀର୍ଷକ ଧାରାବାହିକ ଆଲୋଚନା ଚକ୍ରର ଦ୍ୱିତୀୟ ଶୃଙ୍ଖଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଏହା ପ୍ରକାଶ କରିଛନ୍ତି । ଏଥି ସହିତ ରାଜ୍ୟ ସଂଗ୍ରହାଳୟକୁ ବିଶ୍ୱସ୍ତରୀୟ କରିବା ନିମନ୍ତେ ସରକାର ଏବଂ ବିଭାଗ ତରଫରୁ ସମସ୍ତ ପ୍ରକାରର ସହାୟତା ଯୋଗାଇଦେବା ନିମନ୍ତେ ସେ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି । 'କୋଭିଡ୍: ସଂଗ୍ରହାଳୟ ଏବଂ ଆହ୍ୱାନ' ଶୀର୍ଷକ ଏହି ଆଲୋଚନାଚକ୍ରରେ ବିଭାଗୀୟ କମିଶନର ତଥା ଶାସନ ସଚିବ ସୁରେଶ ଚନ୍ଦ୍ର ଦଳାଇ ଏହି କରୋନା ମହାମାରୀ ସମୟରେ ରାଜ୍ୟ ସଂଗ୍ରହାଳୟକୁ କିପରି ଡିଜିଟାଲ ମାଧ୍ୟମରେ ପ୍ରଚାର ଓ ପ୍ରସାର କରାଯାଇପାରିବ ସେଥିପ୍ରତି ଧ୍ୟାନ ଦେବା ପାଇଁ ବକ୍ତବ୍ୟ ରଖିଥିଲେ। ଏହା ମଧ ପ୍ରକାଶ କରିଥିଲେ ଯେ ମହାମାରୀର ପ୍ରକୋପ କମ୍ ହେବା ପରେ ପୁନର୍ବାର ସଂଗ୍ରହାଳୟ ଖୋଲିବା ସମୟରେ ରାଜ୍ୟ ସଂଗ୍ରହାଳୟକୁ ଏକ ନୂତନ ରୂପରେ ପରିବର୍ତନ କରିବା ପାଇଁ ଆଶା ବ୍ୟକ୍ତ କରିଥିଲେ, ଯେପରିକି ଦର୍ଶକମାନେ ଏହାକୁ ଦେଖି ଆତ୍ମବିଭୋର ହୋଇପଡ଼ିବେ । ଏହି ୱେବିନାର ଆଲୋଚନାଚକ୍ରରେ ସଭାପତି ବିଭାଗୀୟ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ରଞ୍ଜନ କୁମାର ଦାସ ତାଙ୍କର ରାଜ୍ୟ ସଂଗ୍ରହାଳୟର ବିଭିନ୍ନ ଉନ୍ନତିକରଣ ଉପରେ ଆଲୋକପାତ କରିବା ସହିତ ଖୁବ୍ ଶୀଘ୍ର ପାଂଚଟି ନୂତନ ଗ୍ୟାଲେରୀର ଉଦ୍‌ଘାଟନ ଉପରେ ଗୁରୁତ୍ୱ ଦେଇଥିଲେ। ଏଥି ସହିତ ସଂଗ୍ରହାଳୟଟି ଓଡ଼ିଶାର ଐତିହ୍ୟ ଏବଂ ପରମ୍ପରାର ପଦଚିହ୍ନ ବହନ କରେ ବୋଲି ବ୍ୟକ୍ତ କରିବା ସହିତ ଏହାକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ଆଶାପୋଷଣ କରିଥିଲେ । ସମଗ୍ର ବିଶ୍ୱରେ କରୋନା ମହାମାରୀଜନିତ ତାଲାବନ୍ଦ ଏବଂ ସଂପୂର୍ଣ୍ଣ ବନ୍ଦ ଯୋଗୁଁ ସ୍ୱାଭାବିକ ଜନଜୀବନରେ ବାଧା ସୃଷ୍ଟି ହୋଇଛି। ବିଶ୍ୱର ଅନ୍ୟାନ୍ୟ ସମସ୍ତ କ୍ଷେତ୍ର ସହିତ ସଂଗ୍ରହାଳୟଗୁଡ଼ିକ ମଧ ଏଥିରେ ଗଭୀର ଭାବରେ ପ୍ରଭାବିତ ହୋଇଛି । ପ୍ରାୟ ଏକ ବର୍ଷରୁ ଉର୍ଦ୍ଧ୍ୱକାଳ ଧରି କରୋନା ମହାମାରୀର ସଂକ୍ରମଣକୁ ରୋକିବା ନିମନ୍ତେ ସଂଗ୍ରହାଳୟଗୁଡ଼ିକ ଦର୍ଶକଙ୍କ ନିମନ୍ତେ ବନ୍ଦ ରହିଛି । ଏହି ପରିପ୍ରେକ୍ଷୀରେ ସଂଗ୍ରହାଳୟଗୁଡ଼ିକ ଚଳଚଞ୍ଚଳ ରହି ଦର୍ଶକମାନଙ୍କ ସହିତ ଯୋଡ଼ି ହୋଇରହିବା ପାଇଁ ରାଜ୍ୟ ସଂଗ୍ରହାଳୟର ଏହି ଅଭିନବ ପ୍ରୟାସ ମାଧ୍ୟମରେ ବିଶ୍ୱର ବିଭିନ୍ନ ସଂଗ୍ରହାଳୟର କର୍ମକର୍ତା, ଗବେଷକ ଏବଂ ବିଦ୍ୱାନମାନଙ୍କ ସହିତ ଧାରାବାହିକ ଭାବରେ ଏହି ଆଲୋଚନା ଚକ୍ରର ଆୟୋଜନ କରାଯାଇଛି । ଆଜିର ଅନ୍ତର୍ଜାତୀୟ ଆଲୋଚନାଚକ୍ରରେ ଜାଭା, ଇଣ୍ଡୋନେସିଆର ଉଲେନ୍ ସେନ୍ତାଲୁ ସଂଗ୍ରହାଳୟର ସଂଗ୍ରହାଧକ୍ଷ ତଥା ମ୍ୟୁଜିୟୋଲୋଜିଷ୍ଟ, ଜୋନାଥନ୍ ହାରିନୋ ସମଗ୍ର ବିଶ୍ୱରେ ଏହି ସଂକଟ ସମୟରେ ସଂଗ୍ରହାଳୟଗୁଡ଼ିକର ଦାୟିତ୍ୱ, କର୍ତବ୍ୟବୋଧ ଏବଂ ଏହାର ଅସ୍ତିତ୍ୱକୁ ବଜାୟ ରଖିବା ନିମନ୍ତେ ଗ୍ରହଣ କରାଯାଇଥିବା ବିଭିନ୍ନ ଡିଜିଟାଲ୍ ମାଧ୍ୟମର ଉପଯୋଗିତା ଉପରେ ଦୃଶ୍ୟଶ୍ରାବ୍ୟ ମାଧ୍ୟମରେ ଆଲୋଚନା କରିଥିଲେ ।

# ଚାଷୀ ଅସନ୍ତୋଷରୁ ମୁକ୍ତି ପାଇବା ପାଇଁ ପଳାୟନପନ୍ଥୀ ଭୂମିକାରେ ବିଜେଡି : ପ୍ରଦୀପ ପୁରୋହିତ

ଭୁବନେଶ୍ୱର,୨୧/୭ (ନି.ପ୍ର): ରାଜ୍ୟ ସରକାର ସବୁଠୁ ଚାଷୀଙ୍କୁ ଅଧିକ ଗୁରୁତ୍ୱ ଦେଉଥିବା କହି କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି । ରାଜ୍ୟ ସରକାରଙ୍କ ଟୋକନ ଓ ଟାର୍ଗେଟ ବ୍ୟବସ୍ଥା କାରଣରୁ ଚାଷୀଙ୍କ ମଧ୍ୟରେ ବ୍ୟାପକ ଅସନ୍ତୋଷ ଦେଖାଦେଇଛି । ରାଜ୍ୟର ବିଭିନ୍ନ ସ୍ଥାନରେ ମଣ୍ଡିରେ ହଜାର ହଜାର କ୍ୱିଂଟାଲ ଧାନ ପଡି ରହି ନଷ୍ଟ ହେଉଛି ।ରାଜ୍ୟ ସରକାର ଧାନ କିଣି ପାରୁ ନାହଁନ୍ତି । ଧାନର ସଂରକ୍ଷଣ ପାଇଁ ଭିତିଭୂମି ପ୍ରସ୍ତୁତ ନକରି ଭାରତୀୟ ଖାଦ୍ୟ ନିଗମ (ଏଫସିଆଇ) ଉପରେ ବାରମ୍ବାର ଦୋଷ ଲଦିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ କହିଛନ୍ତି । ବିଜେଡି ପଳାୟନ ପନ୍ଥୀ ଭୂମିକା ଗ୍ରହଣ କରିଛି । ରାଜ୍ୟ ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଚାଷୀକୁ ଦେଉ ନାହାଁନ୍ତି । ମଣ୍ଡିରେ କଟନି ଛଟନି ନାଁରେ ମିଲର୍ସମାନେ ଚାଷୀଙ୍କଠାରୁ ଲୁଟ୍ କରୁଛନ୍ତି । ମଣ୍ଡି ପରିଚାଳନା ପାଇଁ କେନ୍ଦ୍ର ସରକାର ପର୍ଯ୍ୟାପ୍ତ ଅର୍ଥ ପଠାଉଥିଲେ ରାଜ୍ୟ ସରକାର ତାକୁ ଠିକ୍ ଭାବେ ପରିଚାଳନା କରିପାରୁନାହାଁନ୍ତି । ଏହାକୁ ଘଂଟ ଘୋଡାଇବା ପାଇଁ ବିଜେଡି ଏଫସିଆଇ ଆଗରେ ଧାରଣା ଦେଉଛି । ଚାଷୀ ଅସନ୍ତୋଷରୁ ମୁକ୍ତି ପାଇବା ପାଇଁ ଘଂଟଘୋଡା ଅଭିଯାନ ବିଜେଡି ଚଳାଇଛି ବୋଲି ଶ୍ରୀ ପୁରୋହିତ ଅଭିଯୋଗ କରିଛନ୍ତି। ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ୧୭ ଜୁଲାଇ ୨୦୨୧ ମଧ୍ୟରେ ଏଫସିଆଇ ୧୩.୦୭ ଲକ୍ଷ ମେଟ୍ରିକ ଟନ୍ ଅଣବାସୁମତି ଚାଉଳ ଗ୍ରହଣ କରିଛି ଏବଂ ୧୨.୩୧ ଲକ୍ଷ ମେଟ୍ରିକ ଟନ୍ ଅଣବାସୁମତି ଚାଉଳ ଖାଲି କରାଯାଇଛି । ଭାରତ ସରକାର ରାଜ୍ୟ ସରକାରଙ୍କୁ ସିଧାସଳଖ ଖାଦ୍ୟ ସବସିଡି ପ୍ରଦାନ କରିଥାନ୍ତି । ରାଜ୍ୟ ସରକାରଙ୍କ ଏଜେନ୍ସି ୩ ହଜାର ୯୬ କୋଟି ଟଙ୍କାର ବିଲ୍ ଏଫସିଆଇ ପାଖରେ ପଇଠ କରିଛନ୍ତି । ସେଥିମଧ୍ୟରୁ ଏଫସିଆଇ ୧୪ ଜୁଲାଇ ୨୦୨୧ ସୁଦ୍ଧା ୨ ହଜାର ୯୫୭ କୋଟି ଟଙ୍କା ରାଜ୍ୟ ସରକାରଙ୍କୁ ଦେଇ ସାରିଛି । ବକେୟା ରାଶି ମଧ ଦିଆଯିବ। ଏହା ଏକ ନିରନ୍ତର ପ୍ରକ୍ରିୟା। ଚଳିତ ଖରିଫ ଋତୁରେ ୨୦୨୦-୨୧ ଆର୍ଥିକ ବର୍ଷରେ ଏଫସିଆଇ ରାଜ୍ୟ ଦ୍ୱାରା ଦିଆଯାଇଥିବା ବଳକା ଚାଉଳକୁ ଗ୍ରହଣ କରିଛି ଏବଂ ରାଜ୍ୟ ସରକାରଙ୍କ ପାଖରେ ବଳକା ୭ଲକ୍ଷ ମେଟ୍ରିକ ଟନ୍ ଚାଉଳକୁ ମଧ ନିର୍ଦ୍ଧାରିତ ସମୟ ମଧ୍ୟରେ ଖରିଫ ଋତୁରେ ଗ୍ରହଣ କରିବ । ଏଫସିଆଇ ପକ୍ଷରୁ ବଳକା ଚାଉଳ ଗ୍ରହଣ କରିବାରେ କୌଣସି ଅଙ୍କୁଶ ନାହିଁ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଅଣବାସୁମତି ଚାଉଳକୁ ମଧ ଗ୍ରହଣ କରି ଆସୁଛି ବୋଲି ଶ୍ରୀ ପୁରୋହିତ କହିଛନ୍ତି । ମଣ୍ଡିରୁ ଧାନ ଉଠାଇବା ପାଇଁ ଚାଷୀ ମାନଙ୍କୁ ଦିଆଯାଉଥିବା ଅର୍ଥ ମିଲର ମାନଙ୍କ ଦ୍ୱାରା ଜାରୀ କରାଯାଉଥିବା ଗ୍ରହଣୀୟ ପତ୍ର ସମ୍ପୂର୍ଣ୍ଣ ଭାବରେ ପୃଥକ ରହିବା ଦରକାର। ଚାଷୀମାନେ ମଣ୍ଡିରେ ସେମାନଙ୍କର ଉତ୍ପାଦନକୁ ମଣ୍ଡିରେ ଅନୁମତି ଦିଆଯିବା ପରେ ଶୀଘ୍ର ପଇସା ମିଳିଯିବା ଉଚିତ୍। ଏଥିପାଇଁ ମିଲର ମାନଙ୍କର ଅନୁମତିର ଆବଶ୍ୟକତା ନାହିଁ। ମଣ୍ଡିରେ ଶ୍ରମିକ ପାରଶ୍ରମିକ ମୂଲ୍ୟ ଟେଣ୍ଡର ପ୍ରକ୍ରିୟା ମାଧମୟମରେ ଚୂଡାନ୍ତ ହେବା ଉଚିତ୍ । କିନ୍ତୁ ରାଜ୍ୟ ସରକାର ଏହାକୁ ପାଳନ କରୁନାହାଁନ୍ତି । ମାର୍କେଟ ୟାଡର ଭିତିଭୂମି ତଥା ଅଧିକ ଧାନ ସଂଗ୍ର କରିବା ପାଇଁ ଉପଯୁକ୍ତ ବ୍ୟବସ୍ଥା ନାହିଁ । ଧାନ ରଖିବା ପାଇଁ ଗୋଦାମ ଘର ବ୍ୟବସ୍ଥା ରାଜ୍ୟ ସରକାର କରନ୍ତୁ। ରାଜ୍ୟ ସରକାର ଇ -ପ୍ରକ୍ରିୟା ମାଧ୍ୟମରେ ସ୍ୱତନ୍ତ୍ର ମଣ୍ଡି ଲେବର କଂଟ୍ରାକ୍ଟର ଏବଂ ମଣ୍ଡି ଟ୍ରାନ୍ସପୋର୍ଟ କଂଟ୍ରାକ୍ଟର ନିୟୋଜିତ କରନ୍ତୁ । ଟୋକନ ବ୍ୟବସ୍ଥାରେ ଧାନ ସଂଗ୍ରହ ବ୍ୟବସ୍ଥା ଅଧିକ ଏବଂ ନିରପକ୍ଷପାତିତା କରାଯାଉ । ରାଜ୍ୟ ସରକାର ଧାନର ସ୍ଥିତି ମିଲୱାରୀ ଏବଂ ଷ୍ଟୋରେଜ ପଂଏଟ ୱାରୀ ଲୋକଲୋଚନକୁ ଆଣନ୍ତୁ ଏବଂ ଏହାକୁ ଅଡିଟ କରନ୍ତୁ । ତଦନ୍ତକାରୀ ଦ୍ୱାରା ଚାଷୀଙ୍କ ସମସ୍ୟା ଦୂର କରିବା ପାଇଁ ଦିଆଯାଇଥିବା ପରାମର୍ଶକୁ ରାଜ୍ୟ ସରକାର ଗ୍ରହଣ କରି ଆବଶ୍ୟକ ପଦକ୍ଷେପ ନେବାକୁ ଶ୍ରୀ ପୁରୋହିତ ଦାବି କରିଛନ୍ତି । ଏହି ଅବସରରେ ରାଜ୍ୟ ମୁଖପାତ୍ର ଠାକୁର ରଂଜିତ ଦାସ, କୃଷକ ମୋର୍ଚ୍ଚା ସାଧାରଣ ସଂପାଦକ କାମାକ୍ଷା ପ୍ରସାଦ ପ୍ରଧାନ, କୋଷାଧକ୍ଷ ବିଶ୍ୱକେତନ ସ୍ୱାଇଁ, ମିଡିଆ ସଂଯୋଜକ ହିତେଶ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଓ ଏନ୍‌ଏଲ୍‌ୟୁରେ ଖୋଲିବ ଏନ୍‌ଏସ୍‌ଏସ୍

ଭୁବନେଶ୍ୱର,୨୧/୭ (ନି.ପ୍ର): କଟକସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ (ଏନ୍‌ଏଲ୍‌ୟୁ) ଓ କଳାହାଣ୍ଡି ବିଶ୍ୱବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ବ୍ୟୁରୋ ଖୋଲିବା ଲାଗି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଅନୁମତି ଦିଆଯାଇଛି। ୨୦୨୧-୨୨ ଶିକ୍ଷାବର୍ଷ ପାଇଁ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ପାଇଁ ୨୫୦୦ ଓ ଏନ୍‌ଏଲ୍‌ୟୁ ପାଇଁ ୩୦୦ ସ୍ୱେଚ୍ଛାସେବୀ ପଦ ପାଇଁ ଅନୁମତି ମିଳିଛି। ତେବେ ଖୋଲିବା ପୂର୍ବରୁ କେତେକ ଆବଶ୍ୟକତା ପୂରଣ କରିବାକୁ ପରାମର୍ଶ ଦିଆଯାଇଛି। ଯେପରିକି କ୍ୟାମ୍ପସରେ ସ୍ୱତନ୍ତ୍ର ଅଫିସ୍ ରୁମ୍, ୫୦ ବର୍ଷ ବୟସରୁ କମ୍ ପ୍ରଫେସରଙ୍କୁ ପୋଗ୍ରାମ କୋର୍ଡିନେଟର ଦାୟିତ୍ୱ, ୩ଟି ବ୍ୟାଙ୍କ ଆକାଉଣ୍ଟ ଖୋଲିବାକୁ କୁହାଯାଇଛି। ଏନ୍‌ଏଲ୍‌ୟୁ ଲାଗି ପ୍ରତି ୟୁନିଟ୍‌ରେ ୫୦ ଜଣ ଛାତ୍ର ନ ହେଲେ ଛାତ୍ରୀ ରହିବେ। ବିଶ୍ୱବିଦ୍ୟାଳୟକୁ ୩୦୦ ସ୍ୱେଚ୍ଛାସେବୀ ଦିଆଯାଇଥିବାରୁ ୬ଟି ଏନ୍‌ଏସ୍‌ଏସ୍ ୟୁନିଟ୍ ଗଠନ ହେବ। ପ୍ରତି ୟୁନିଟ୍ ପାଇଁ ଜଣେ ଲେଖାଏଁ ମୋଟ ୬ ଜଣ ପ୍ରୋଗ୍ରାମ ଅଫିସର ରହିବେ। ଏହି ସବୁ ଔପଚାରିକତା ପୂରଣ କରିବା ପରେ ତାହାର ଏକ ରିପୋର୍ଟ ଏନ୍‌ଏସ୍‌ଏସ୍ ଆଞ୍ଚଳିକ ନିର୍ଦ୍ଦେଶାଳୟରେ ଦାଖଲ କରିବାକୁ ବିଶ୍ୱବିଦ୍ୟାଳୟ କୁଳସଚିବଙ୍କୁ କୁହାଯାଇଛି। ଅନ୍ୟପକ୍ଷରେ ସମ୍ବଲପୁର ବିଶ୍ୱବିଦ୍ୟଳୟରୁ ଏନ୍‌ଏସ୍‌ଏସ୍ ସିଟ୍ ହ୍ରାସ କରାଯାଇଛି। ଉଚ୍ଚଶିକ୍ଷା ବିଭାଗ ଉପ ସଚିବ ତଥା ଏନ୍‌ଏସ୍‌ଏସ୍ ଦାୟିତ୍ୱରେ ଥିବା ରମେଶ ଚନ୍ଦ୍ର ବେହେରା ବିଶ୍ୱବିଦ୍ୟାଳୟ କୁଳସଚିବଙ୍କୁ କହିଛନ୍ତି ଯେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାରେ ୨୨୦୦ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ରହିଛନ୍ତି। ୨୦୨୦ ସେପ୍ଟେମ୍ବରରୁ କଳାହାଣ୍ଡି ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ଷମ ହୋଇଛି। ତେଣୁ ଉକ୍ତ ଏନ୍‌ଏସ୍‌ଏସ୍ ସିଟ୍‌କୁ କଳାହାଣ୍ଡି ବିଶ୍ୱବିଦ୍ୟାଳୟକୁ ଟ୍ରାନ୍ସଫର କରାଯାଉ। ଏହି ଟ୍ରାନ୍ସଫର ପରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ ୧୨,୧୦୦ ସ୍ୱେଚ୍ଛାସେବୀ ରହିବେ।

# ଲାଇନମ୍ୟାନ ଦୁର୍ଯ୍ୟୋଧନଙ୍କ ମୃତ୍ୟୁକୁ ନେଇ ନେସ୍କୋ ପାୱାର ଏମ୍ପ୍ଲୋଇଜ ୟୁନିୟନ ପକ୍ଷରୁ ଶୋକ

## ସ୍ତ୍ରୀଙ୍କୁ ରିହାବିଲଟେସନ ସ୍କିମରେ ଚାକିରୀ ଯୋଗାଇ ଦେବାକୁ ଦାବି



ବାରିପଦା,୨୧/୦୭ (ନି.ପ୍ର): ଟାଟା ପାୱାର ନର୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ କମ୍ପାନୀର ରାଇରଙ୍ଗପୁର ବିଦ୍ୟୁତ୍ ସେକ୍ସନରେ ଲାଇନ ମ୍ୟାନ ଭାବେ କାର୍ଯ୍ୟ କରୁଥିବା ଦୁର୍ଯ୍ୟୋଧନ ମହାନ୍ତ(୩୫)ଙ୍କ ମୃତ୍ୟୁକୁ ନେଇ ନେସ୍କୋ ପାୱାର ଏମ୍ପ୍ଲୋଇଜ ୟୁନିୟନ ପକ୍ଷରୁ ଗଭୀର ଶୋକ ବ୍ୟକ୍ତ କରାଯାଇଛି । ଏଥି ସହିତ ୟୁନିୟନର ସାଧାରଣ ସମ୍ପାଦକ ତାରାକାନ୍ତ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଡେପୁଟୀ ଜେନେରାଲ ସେକ୍ରେଟେରୀ ଜ୍ୟୋତିକୃଷ୍ଣ ବେହେରାଙ୍କ ଅଧ୍ୟକ୍ଷତାରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ଦିବଂଗତ ବିଦ୍ୟୁତ ବିଭାଗର କର୍ମଚାରୀ ଦୁର୍ଯ୍ୟୋଧନଙ୍କ ଅମର ଆତ୍ମାର ସଦଗତି କାମନା କରାଯାଇ ନୀରବ ପ୍ରାର୍ଥନା କରାଯାଇଥିଲା । ଏହାପରେ ୟୁନିୟନର ସଦସ୍ୟମାନେ ଦୁର୍ଯୋଧନଙ୍କ ସ୍ମୃତି ଚାରଣ କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ ଜଣାଇଥିଲେ । ଏଥି ସହିତ କମ୍ପାନୀରୁ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଦୁର୍ଯ୍ୟୋଧନଙ୍କ ପ୍ରାପ୍ୟ ତାଙ୍କର ଉତ୍ତରାଧିକାରୀ ମାନେ କିପରି ଯଥା ଶୀଘ୍ର ପାଇ ପାରିବେ ସେ ସମ୍ପର୍କରେ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ହରିଶ କୁମାର ପଣ୍ଡାଙ୍କ ସହ ଆଲୋଚନା କରିବା ସଂଗେ ସଂଗେ ତାଙ୍କର ବିଧବା ପତ୍ନୀଙ୍କୁ କମ୍ପାନୀରେ ଚାକିରୀ ଦେବା ନିମନ୍ତେ ଦାବୀ ଜଣାଇଥିଲେ । ଉକ୍ତ ଶୋକ ସଭାରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଭାପତି ସୁବ୍ରମଣ୍ୟମ ମହାନ୍ତି, ଉପସଭାପତି ଆର୍ତ୍ତବନ୍ଧୁ ବିଶ୍ୱାଳ, ରାଇରଙ୍ଗପୁର ଡ଼ିଭିଜନର ପର୍ଯ୍ୟବେକ୍ଷକ ଦେବାଶିଷ ବେହେରା, ବାରିପଦା ଡ଼ିଭିଜନର ଡ଼ିଭିଜନ ସେକ୍ରେଟେରୀ ଚନ୍ଦନ କୁମାର ମହାନ୍ତି, ସର୍କଲ ସମ୍ପାଦକ ଅଶ୍ୱନୀ ପଣ୍ଡା, ଡ଼ିଭିଜନ ସମ୍ପାଦକ ଦୁଲାଲ ରାୟ, ମାନସ ରଞ୍ଜନ ଦାସ, ମନୋଜ କୁମାର ବେହେରା, ଦୀନେଶ ଗୁପ୍ତା, ତାପସ ବେହେରା, ସଞ୍ଜୟ କୁମାର ଘୋଷ, ପ୍ରଦୀପ କୁମାର ନାଥ, ସୁମନ ସଞ୍ଜିତ ମହାନ୍ତ, ପ୍ରମୋଦ ପାତ୍ର, ବୀରସିଂ ମାର୍ଣ୍ଡି, ଗଙ୍ଗାଧର ହାଁସଦାଃ ଓ ସମାଜସେବୀ ଅମର ସେଠୀ ପ୍ରମୁଖ ଯୋଗ ଦେଇଥିଲେ । ତେବେ ବାରିପଦା ପିଆରଏମ ମେଡ଼ିକାଲରେ ଶବକୁ ବ୍ୟବଚ୍ଛେଦ କରାଯିବା ପରେ ପରିବାରର ସଦସ୍ୟଙ୍କୁ ହସ୍ତାନ୍ତର କରାଯାଇଥିଲା । ଶବ ବ୍ୟବଚ୍ଛେଦ ସମୟରେ କମ୍ପାନୀର ଅଧିକ୍ଷଣ ଯନ୍ତ୍ରୀ ଶ୍ରୀ ପଣ୍ଡାଙ୍କ ସହିତ କମ୍ପାନୀର ଅନ୍ୟ କେତେକ କର୍ମଚାରୀ ଓ ୟୁନିୟନର କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ରହିଥିଲେ ।

## ବିଜେପିର ପଛୁଆ ବର୍ଗ ବିରୋଧୀ ମନ୍ତବ୍ୟ ଦୁର୍ଭାଗ୍ୟଜନକ: ବିଜେଡି

ଭୁବନେଶ୍ୱର,୨୧/୦୭(ନି.ପ୍ର): ରାଜ୍ୟରେ ପଛୁଆବର୍ଗଙ୍କ ଗଣନା ପାଇଁ ବିଜେପି ଓଡ଼ିଶା ରାଜ୍ୟ ପଛୁଆ ବର୍ଗ (ସଂଶୋଧନ) ବିଲ୍ ପାରିତ କରିବା ଲାଗି ଫେବୃଆରୀ, ୨୦୨୦ ରେ ବିଧାନସଭାରେ ସମର୍ଥନ କରିଥିଲା ।ପୃଥୀରାଜ ହରିଚନ୍ଦନ ଓଡ଼ିଶା ବିଧାନସଭାର ସଦସ୍ୟ ହୋଇନଥିବାରୁ ସେ ଜାଣିନାହାନ୍ତି ବୋଲି କହିଛନ୍ତି ବିଜେଡି ପ୍ରବକ୍ତା ସୁଶ୍ରୀ ଇପ୍ସିତା ସାହୁ । ତାଙ୍କର ଏଭଳି ବିବୃତି ଆଜି ଓଡିଶା ବିଜେପି ଓ ଏହାର ପଛୁଆ ବର୍ଗ ବିରୋଧି ମନୋଭାବକୁ ପଦାରେ ପକାଇ ଦେଇଛି । ୨୦୨୦ ମସିହାରେ ପଛୁଆ ବର୍ଗଙ୍କ ଗଣନା ପାଇଁ ଓଡିଶା ବିଜେପି ଏହି ବିଲ୍ ପାରିତ ଜରିଆରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ପଦକ୍ଷେପକୁ ସମର୍ଥନ କରିଥିବାବେଳେ ଆଜି ପଛୁଆ ବର୍ଗଙ୍କ ସ୍ୱାର୍ଥ ବିରୁଦ୍ଧରେ ଓଡ଼ିଶା ବିଜେପିର ଏଭଳି ପରବର୍ତନ ଅତ୍ୟନ୍ତ ଦୁଃଖଦାୟକ ଏବଂ ଦୁର୍ଭାଗ୍ୟଜନକ ବୋଲି ସୁଶ୍ରୀ ସାହୁ କହିଛନ୍ତି ।

## ବର୍ଷା ଓ କରୋନା ପାଇଁ ଫିକା ପଡିଲା ଇଦ୍-ଉଲ-ଜୁହା

କେନ୍ଦ୍ରାପଡ଼ା,୨୧/୦୭ (ନି.ପ୍ର): ମୁସଲିମ୍ ସଂପ୍ରଦାୟର ଅନ୍ୟତମ ମୁଖ୍ୟ ପର୍ବ ଇଦୁଲ-ଜୁହା ବର୍ଷା ଓ କରୋନା କଟକଣା ମଧ୍ୟରେ ବୁଧବାର ପାଳନ କରାଯାଇଛି । କେନ୍ଦ୍ରାପଡା ସହର ତଥା ଜିଲ୍ଲାର ବିଭିନ୍ନ ବସ୍ତି ଅଂଚଳରେ ରହୁଥିବା ମୁସଲିମ୍ ସଂପ୍ରଦାୟର ଭାଇ ଭଉଣୀମାନେ ପରସ୍ପରକୁ ଇଦୁଲ-ଜୁହାର ଶୁଭେଚ୍ଛା ଜଣାଇବା ସହ ପର୍ବ ପାଳନ କରିଥିଲେ । ତେବେ କରୋନା କଟକଣା ବଳବତର ଥିବାବେଳେ ପ୍ରକାଶ୍ୟରେ ଗହଳିଚହଳି ଓ ସମାବେଶ ଦେଖିବାକୁ ମିଳି ନଥିଲା । କେନ୍ଦ୍ରାପଡା ସହରରେ ଥିବା ମସଜିଦ୍‌ମାନଙ୍କରେ ବହୁଳ ସମାବେଶ କରା ନଯାଇ ମାତ୍ର ଅଳ୍ପ ସଂଖ୍ୟକ କରୋନା ନିୟମ ଅନୁଯାୟୀ ନମାଜ ପାଠ କରାଯାଇ ଥିଲା । ଏହା ସହିତ ବୁଧବାର ସକାଳୁ ବର୍ଷା ଲାଗି ରହିଥିବା ବେଳେ ପର୍ବ ପାଳନ କରାଯାଇଛି । ସହରରେ ଶାନ୍ତି ଶୃଙ୍ଖଳା କରାଯାଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଓ ଗ୍ରାମରେ ପୋଲିସ ମୁତୟନ କରାଯାଇଛି ।

## ରାଜଧାନୀରେ ୨୪ ଘଂଟାରେ ୩୬୯ ପଜିଟିଭ୍

ଭୁବନେଶ୍ୱର,୨୧/୦୭ (ନି.ପ୍ର): ରାଜଧାନୀରେ ପୁଣି ଥରେ କରୋନା ସଂକ୍ରମଣ ବୃଦ୍ଧି ପାଉଛି । ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ବୁଧବାର ଦିନ ଆଉ ୩୬୯ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେଥିରୁ ୬୫ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୩୦୪ ଲୋକାଲ୍ କେସ୍ ରହିଛନ୍ତି । ଅପରପକ୍ଷରେ ୨୪ ଘଂଟାରେ ୨୩୫ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି । ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି । ବିଏମସିର ସୂଚନା ଅନୁସାରେ ଲୋକାଲ ଆକ୍ରାନ୍ତଙ୍କ ମଧ୍ୟରୁ ପଟିଆରୁ ସର୍ବାଧିକ ୩୦ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ନୟାପଲ୍ଲୀ ରୁ ୨୩ ଜଣ, ଓଲ୍ଡଟାଉନ୍ ଓ ଚନ୍ଦ୍ରଶେଖରପୁରରୁ ୧୭ ଜଣ ଲେଖାଏଁ, ଖଣ୍ଡଗିରିରୁ ୧୪ ଜଣ, ଝାରପଡାରୁ ୧୩ ଜଣ, ଲକ୍ଷ୍ମୀସାଗରରୁ ୧୦ ଜଣ , ବରମୁଣ୍ଡାରୁ ୯ ଜଣ,ରସୁଲଗଡରୁ ୮ ଜଣ, ସୁନ୍ଦରପଦା,ଆଇଆରସି ଭିଲେଜ,ଟଙ୍କପାଣି ରୋଡ୍ , ପୋଖରୀପୁଟ ଓ ଶୈଳଶ୍ରୀବିହାରରୁ ୭ ଜଣ ଲେଖାଏଁ, ମଂଚେଶ୍ୱର, ଶାସ୍ତ୍ରୀନଗର, ୟୁନିଟ୍ ୮ , କଳିଙ୍ଗ ବିହାର , ଜୟଦେବ ବିହାର ଓ ଏମସ୍ ନଗରରୁ ୬ ଜଣ ଲେଖାଏଁ, ପାତ୍ରପଡା ରୁ ୫ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି । ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୯୬୭୯୧ କୁ ବୃଦ୍ଧି ପାଇଛି । ସେହିପରି ସୁସ୍ଥଙ୍କ ସଂଖ୍ୟା ୯୪୬୭୬ କୁ ବୃଦ୍ଧି ପାଇଛି । ଭୁବନେଶ୍ୱରରେ ଏବେ ୧୬୧୧ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୬୮୩ କୁ ବୃଦ୍ଧି ପାଇଛି ।

# ତ୍ରୁଟିପୂର୍ଣ୍ଣ ଆବାସ ତାଲିକା ସଂପର୍କରେ ବିଡିଓ ଓ ତହସିଲଦାରଙ୍କ ସହିତ କଂଗ୍ରେସର ବୈଠକ



ଜଳେଶ୍ୱର,୨୧/୦୭ (ନି.ପ୍ର): ନିକଟରେ ପ୍ରକାଶ ପାଇଥିବା ଜଳେଶ୍ୱର ବ୍ଲକରେ ଆବାସ ଯୋଜନାର ତାଲିକା ବିରୋଧରେ ଗତ ୧୯ ତାରିଖରେ କଂଗ୍ରେସ ପକ୍ଷରୁ ବ୍ଲକ ସମ୍ମୁଖରେ ଶହ ଶହ ଯୋଗ୍ୟ ହିତାଧିକାରୀଙ୍କ ସହିତ କଂଗ୍ରେସ ବିକ୍ଷୋଭ ପ୍ରଦର୍ଶନ କରିଥିଲା । ଏ ସମ୍ପର୍କରେ ବିଡିଓ ଏକ କଂଗ୍ରେସ ପ୍ରତିନିଧି ଦଳଙ୍କ ସହିତ କଥା ହେବେ ବୋଲି ଘୋଷଣା କଲାପରେ ବିକ୍ଷୋଭ ବନ୍ଦ ହୋଇଥିଲା । ଏ ସମ୍ପର୍କରେ ବ୍ଲକ ସମ୍ମିଳନୀ କକ୍ଷରେ ବିଡିଓ ଦିପ୍ତିରଂଜନ ସେଠୀ ଓ ତହସିଲଦାର ଶଂକର ପଟ୍ଟନାୟକଙ୍କ ଉପସ୍ଥିତିରେ କଂଗ୍ରେସ ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସଙ୍କ ନେତୃତ୍ୱରେ ରାଜୀବ ପରିଡା, ଗିରିଜା ଦାସ, ସୁଦାମ ପାତ୍ର, ସତ୍ୟସୁନ୍ଦର ଦାସ, ଗୋପାଳକୃଷ୍ଣ ଜେନା, ସପନ ଜେନା, ଚିତ୍ତରଂଜନ ସାହୁ, ସୁଶାନ୍ତ ପ୍ରଧାନ, ଜଗଦୀଶ ନନ୍ଦୀ, ନୟନ ପାଠୀ, ବିରେନ୍ଦ୍ର ପ୍ରଧାନ, ରାଜୀବ ମହାନ୍ତି, ଉମା ମହାପାତ୍ର, ଅକ୍ଷୟ ଜେନା, ଶ୍ରୀକାନ୍ତ ସିଂ, ଦୀପକ ପାତ୍ର, ସୁରେଶ ମହାନ୍ତି ପ୍ରମୁଖ ଆଲୋଚନା କରିଥିଲେ । ଶେଷରେ ପ୍ରକାଶ ପାଇଥିବା ତାଲିକା ଚୂଡାନ୍ତି ନୁହେଁ ବରଂ ପରବର୍ତ୍ତୀ ସମୟରେ ଚୂଡାନ୍ତ ତାଲିକା ପ୍ରକାଶ ପାଇବ ବୋଲି ବିଡିଓ ଶ୍ରୀ ସେଠୀ ପ୍ରକାଶ କରିଥିବା ଶ୍ରୀ ଦାସ କହିଛନ୍ତି । ଏପରିକି ଚୂଡାନ୍ତ ତାଲିକାକୁ ସମସ୍ତଙ୍କ ଅବଗତି ନିମନ୍ତେ ସର୍ବସାଧାରଣ ସ୍ଥାନରେ ଟଙ୍ଗା ଯିବାକୁ ନିଷ୍ପତ୍ତି ହୋଇଥିଲା ।

# ନେହରୁ ଯୁବ କେନ୍ଦ୍ର ପକ୍ଷରୁ ବୃକ୍ଷ ରୋପଣ



ବାଲିଆପାଳ,୨୧/୦୭ (ନି.ପ୍ର): ନେହରୁ ଯୁବ କେନ୍ଦ୍ର ପକ୍ଷରୁ ବାଲିଆପାଳ ବ୍ଲକରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଉତ୍କଳ ସମାଜ,ଟ୍ରୁ ଫ୍ରେଣ୍ଡସ କ୍ଲବ,ପିସ ବେଲ ଅଲଓଡିଆ ସଂଗଠନ ଏବଂ ଇନ୍ଦିପଡା ଗ୍ରାମ କମିଟିର ମିଳିତ ସହଯୋଗରେ କୁଣ୍ଡୁଳୀ,ବୋଳଂ,ସାଉଡି, ବଣିଆଡିହା,କମାରଗଡିଆ ପ୍ରଭୃତି ବିଭିନ୍ନ ପଂଚାୟତରେ ୫ ହଜାରରୁ ଉର୍ଦ୍ଧ୍ୱ ଗଛ ଉଭୟ ବଂଟନ ଓ ରୋପଣ କରାଯାଇଛି । ଏହି ବିରାଟ ବୃକ୍ଷରୋପଣ କାର୍ଯ୍ୟକ୍ରମ ନେହରୁ ଯୁବ କେନ୍ଦ୍ର ବାଲିଆପାଳ ଶାଖାର ମୁଖ୍ୟ ସୁଶାନ୍ତ ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନିରଞ୍ଜନ କୁଅଁର, ପୁପୁ ରାଉଳ,ସୁଚିତ୍ରା ଜେନା,ସପନ ସେଠୀ,ମନୋଜ ଦାସ,ଜୟରାମ ଦଳାଇ,ଚାରୁଚନ୍ଦ୍ର ହଟାଇ,ଶରତ ନାୟକ,ମାନସ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ ।

# ନାବାର୍ଡର ୪୦ ତମ ପ୍ରତିଷ୍ଠା ଦିବସ ପାଳିତ



ବାରିପଦା,୨୧/୦୭ (ନି.ପ୍ର): ଆଜି ନାବାର୍ଡର ୪୦ ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ, ରାଜ ଭବନ ଠାରେ କୋଭିଡ ପ୍ରୋଟୋକଲ ଅନୁସରଣ କରି ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥ ଭାବରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ତଥା ଅନ୍ୟ ଅତିଥୀ ଭାବେ ଓଡିଶା ସରକାରଙ୍କ ବିକାଶ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଅର୍ଥ ବିଭାଗର ପ୍ରମୁଖ ସଚିବ ଏବଂ ନାବାର୍ଡ, ଓଡ଼ିଶାର ମୁଖ୍ୟ ମହା ପ୍ରବନ୍ଧକ ଯୋଗ ଦେଇଥିଲେ । ମୟୂରଭଞ୍ଜରୁ, ଭର୍ଚୁଆଲ୍ ମାଧ୍ୟମରେ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ମୟୂରଭଞ୍ଜ ଶ୍ରୀ ରୁଦ୍ର ନାରାୟଣ ମହାନ୍ତି, ଏଲଡିଏମ ଶ୍ରୀ ଦୁଲାରାମ ମାଝୀ, ଏବଂ ନାବାର୍ଡ ର ଡିଡିଏମ ସ୍ମୃତିରଞ୍ଜନ ପଟ୍ଟନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଓଡିଶା ର ପ୍ରତ୍ୟେକ ଟି ଜିଲ୍ଲାରୁ, ଗୋଟିଏ ଲେଖାଏଁ ପ୍ରଗତିଶୀଳ କୃଷକ ସ୍ୱୟଂ ସହାୟକ ଗୋଷ୍ଠୀ, ମାଇକ୍ରୋ ଉଦ୍ୟୋଗୀ ପି.ପି.ଓ. ସଦସ୍ୟଙ୍କୁ ନାବାର୍ଡ ର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ପାଇଁ ପୁରସ୍କାର ପ୍ରଦାନ କରାଯାଇଥିଲା । ଶ୍ରୀ ମହାନ୍ତି, ଓଡିଶାର ମାନ୍ୟବର ରାଜ୍ୟପାଳଙ୍କ ତରଫରୁ ସ୍ୱୟଂ ସହାୟକ ଗୋଷ୍ଠୀ ପଦୋନ୍ନତି, ବ୍ୟାଙ୍କ ଲିଂକେଜ୍ ଏବଂ ଜୀବିକା କାର୍ଯ୍ୟକଳାପର ପ୍ରୋତ୍ସାହନ ପାଇଁ ବଡଖଲାଡ଼ି ର ଶ୍ରୀମତୀ ହେମଲତା ଶଂଖୁଆଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ । ଶ୍ରୀମତୀ ଶଙ୍ଖୁଆ, କପ୍ତିପଦା ସ୍ୱୟଂ ସହାୟକ ଗୋଷ୍ଠୀ ଫେଡେରେଶନର ସଭାପତି ହୋଇ, ନାବାର୍ଡ ଏବଂ ମିଶନ୍ ଶକ୍ତି ସହଯୋଗରେ ୩୭୦ରୁ ଉର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀ କୁ ପ୍ରୋତ୍ସାହିତ କରିଛନ୍ତି । ବିଶେଷକରି, ମହିଳା ସଶକ୍ତିକରଣ ଏବଂ ଜୀବିକା କ୍ଷେତ୍ରରେ କାର୍ଯ୍ୟ କରିଥିବାରୁ ସେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କଲେକ୍ଟରଙ୍କ ଠାରୁ ଅନେକ ପୁରସ୍କାର ଗ୍ରହଣ କରିଛନ୍ତି । ତାଙ୍କ ତତ୍ତ୍ୱାବଧାନତାରେ, ୨୦୦ ରୁ ଅଧିକ ମହିଳା ଛତୁ ଚାଷ ଏବଂ ୪୦୦ ରୁ ଅଧିକ ପନିପରିବା ଚାଷରେ ନିୟୋଜିତ ଅଛନ୍ତି । ସେ ଗତ ଦୁଇ ଦଶନ୍ଧି ଧରି ସ୍ୱୟଂ ସହାୟକ ଗୋଷ୍ଠୀ ପରିଚାଳନା, ଫଳ, ପନି ପାରିବା, ଆଚାର, ଜିଆ ଖତ, କୋମ୍ପୋଷ୍ଟ ଇତ୍ୟାଦି ରେ ନିଜ୍ୱେତାଲିମ ପାଇଛନ୍ତି ଓ ଅନ୍ୟ ମାନଙ୍କୁ ବି ତାଲିମ ପ୍ରଦାନ କରିଛନ୍ତି । ନାବାର୍ଡ ତରଫରୁ ସେ ଓଡିଶା ର ବହୁ ଜାଗାରେ ଆୟୋଜିତ ମେଳା ଓ ବହୁ ଯାଗାରେ ଆଦିବାସୀ ମହିଳାଙ୍କୁ ଉପସ୍ଥିତ କରାଇ, ତାଙ୍କ ଜିନିଷ ବିକ୍ରିବଟା କରାଇ ତାଙ୍କୁ ଆୟର ପନ୍ଥା ଦେଖାଇଛନ୍ତି । ଏହି କାର୍ଯ୍ୟକ୍ରମରେ ଶ୍ରୀ ମହାନ୍ତି ଗ୍ରାମାଞ୍ଚଳର ଭିତ୍ତିଭୂମିକୁ ମଜବୁତ କରିବା, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କ ପାଇଁ ନିରନ୍ତର ଜୀବିକା ନିର୍ବାହ, ଜଳସେଚନ ପାଇଁ ଜଳ ଯୋଗାଇବା, କୃଷକ ଉତ୍ପାଦକ କମ୍ପାନୀଗୁଡିକର ପଦୋନ୍ନତି ଭଳି ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ ନିଆଯାଇଥିବା ନାବାର୍ଡର ପ୍ରୟାସକୁ ପ୍ରଶଂସା କରିଛନ୍ତି । ୪୦ବର୍ଷର ଏହି ଯାତ୍ରାରେ ସେ ନାବାର୍ଡକୁ ଶୁଭେଚ୍ଛା ଜଣାଇଛନ୍ତି ଏବଂ ଆଗାମୀ ବର୍ଷରେ ଆହୁରି ଅନେକ ମାଇଲଖୁଣ୍ଟ ହାସଲ ହେବ ବୋଲି ଆଶା କରିଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ପ୍ରିୟଙ୍କା ମୃତ୍ୟୁ ମାମଲାରେ ପୁଲିସ ପାଇଲା....

ଡିସିପିଙ୍କ ସୂଚନା ଅନୁସାରେ ଘଟଣାର ୩-୪ ଦିନ ଆଗରୁ ସୁଇସାଇଡ ନୋଟ ଲେଖି ହତ୍ୟା କରିବାକୁ ମନସ୍ଥ କରିଥିଲା ଜଗନ୍ନାଥ । ରାକେଶ ସାହୁ ଓ ପ୍ରିୟଙ୍କା ଭଡାରେ ରହୁଥିବା ଘରେ ପହଞ୍ଚି ଜଗନ୍ନାଥ ପ୍ରିୟଙ୍କାଙ୍କୁ ଫେରାର ହେବାକୁ କହିଥଲା । ପ୍ରିୟଙ୍କା ମନା କରିବାରୁ ଏହାକୁ ନେଇ ଦୁଇ ଜଣଙ୍କ ମଧ୍ୟରେ ଝଗଡା ହୋଇଥିଲା । ଏହି ସମୟରେ ଘର ମାଲିକ ଆସିଯିବାରୁ, ବାଥ ରୁମରେ ଲୁଚି ଯାଇଥିଲା ଜଗନ୍ନାଥ । ଦହିବରା ଖାଇବା ପାଇଁ ପ୍ରିୟଙ୍କାଙ୍କ ପୁଅକୁ ଘର ମାଲିକ ନେଇଯିବାରୁ ବର୍ତ୍ତିଯାଇଥିଲା କୁନି ପିଲାର ଜୀବନ । ଘର ମାଲିକ ଚାଲିଯିବା ପରେ ପ୍ରିୟଙ୍କା ଓ ଜଗନ୍ନାଥଙ୍କ ମଧ୍ୟରେ ଯୁକ୍ତିତର୍କ ଉଗ୍ରରୂପ ନେଇଥିଲା । ଏହାପରେ ପୂର୍ବ ଯୋଜନା ଅନୁସାରେ ପ୍ରିୟଙ୍କାଙ୍କୁ ବାହାର ଘରେ ଗଳାକାଟି ହତ୍ୟା କରି, ଭିତର ରୁମକ ଘୋଷାଡି ଘୋଷାଡି ନେଇଥିଲା । ସେଠାରେ କୋଲ୍ଡ ଡ୍ରିଙ୍କସରେ ବିଷ ମିଶାଇ ପିଇବା ପରେ ଫଟୋ ଉଠାଇ ପ୍ରିୟଙ୍କାଙ୍କ ସ୍ୱାମୀଙ୍କ ପାଖକୁ ଫଟୋ ପଠାଇଥିଲା ଜଗନ୍ନାଥ । ସୂଚନାଯୋଗ୍ୟ ଯେ, ଜୁଲାଇ ୫ ତାରିଖରେ ଭୀମଟାଙ୍ଗିର ଭଡାଘରୁ ପ୍ରିୟଙ୍କାଙ୍କ ମୃତଦେହ ପାଖରେ ଅଚେତ ହୋଇପଡିଥିଲା ଜଗନ୍ନାଥ । ଅଭିଯୁକ୍ତ ଗଳା କାଟିଥିବା ଛୁରୀ ମଧ ଘଟଣାସ୍ଥଳରୁ ଜବତ ହୋଇଛି । ସବୁ ପ୍ରମାଣ ଜଗନ୍ନାଥ ହତ୍ୟାକାରୀ ବୋଲି ପ୍ରମାଣ ଦେଉଥିବା ବେଳେ ଏବେ ଅଭିଯୁକ୍ତ ମଧ ହତ୍ୟା କରିଥିବା ସ୍ୱୀକାର କରିଛି ।

## ୨୬ରୁ ଖୋଲିବ....

ମେସ୍ ଓ ଶୌଚାଳୟ ବିଶୋଧନ ହେବ । ହଷ୍ଟେଲ୍ ରେ ଆଇସୋଲେସନ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମାର୍ଗଦର୍ଶିକା ମାନିବାକୁ ଏସ୍ଓପିରେ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ସଂସ୍ଥା ଛାତ୍ରଙ୍କ ସ୍ୱାସ୍ଥ୍ୟ ପ୍ରତି ସତର୍କ ରହିବାକୁ ପଡ଼ିବ । ହଷ୍ଟେଲରେ ଯୋଗଦେବା ପୂର୍ବରୁ ଛାତ୍ରଛାତ୍ରୀ ଅଭିଭାବକଙ୍କର ଅନୁମତି ନେବେ । ସ୍ଥାନୀୟ ସ୍ୱାସ୍ଥ୍ୟ ସଂସ୍ଥା ସହିତ ଶିକ୍ଷାପ୍ରତିଷ୍ଠାନର ମୁଖ୍ୟ ସଂପର୍କରେ ରହିବେ । ହଷ୍ଟେଲ ପରିସରରେ ଗହଳିକୁ ବାରଣ କରାଯାଇଛି । ଏଥି ପାଇଁ ହଷ୍ଟେଲ କର୍ତୃପକ୍ଷଙ୍କୁ ନଜର ରଖିବାକୁ ପରାମର୍ଶ ଦିଆଯାଇଛି ।

## ଐଶ୍ୱର୍ଯ୍ୟ ଓ ଦିବ୍ୟ ସୁନାବେଶ ଦେଖ....

ଭୋଗ ନୀତି ଆରମ୍ଭ ହୋଇ ୧୦ଟା୨୦ ରେ ସରିଥିଲା । ୧୦ଟା୪୦ ରେ ସକାଳଧୂପ ଛେକ ଉଠିଥିଲା । ମଧ୍ୟାହ୍ନ ୧୨ଟାରେ ମଇଲମ,୧୨ଟା୨୫ ରେ ମହାସ୍ନାନ,୧୨ଟା୩୫ ରେ ସର୍ବାଙ୍ଗ ଓ ୧ଟା୧୦ ରେ ବେଶ ଶେଷ ହୋଇଥିଲା । ଅପରାହ୍ନ ୨ଟା୩୦ ରେ ମଧ୍ୟାହ୍ନ ଧୂପ ହୋଇଥିଲା । ମଧ୍ୟାହ୍ନଧୂପ ପରେ ରଥଉପରେ ସୁନାବେଶ ଆରମ୍ଭ ହୋଇଥିଲା । ସୁନାବେଶ ର ସମସ୍ତ ସାମଗ୍ରୀ ଶ୍ରୀମନ୍ଦିର ଭଣ୍ଡାର ଘରୁ ପାଳିଆ ମେକାପ,ଖୁଂଟିଆ ସେବକ,ମ୍ୟାଜିଷ୍ଟ୍ରେଟ,ଶ୍ରୀମନ୍ଦିର ଅଧିକାରୀ,ଗାରଦ କର୍ମଚାରୀ ଓ ପୁଲିସ ଠୋସ ସହ ରଥଉପରକୁ ଅଣାଯାଇଥିଲା । ରଥଉପରେ ପାଳିଆ ପୁଷ୍ପାଳକ,ଦୈତାପତି,ଖୁଂଟିଆ ମେକାପ,ତଳୁଛ,ଭିତରଛ ସେବକମାନେ ଶାଢୀ ଲାଗି ପରେ ସୁନାବେଶ କରିଥିଲେ ।

## ୨୩ ଜିଲ୍ଲାକୁ ୟେଲୋ....

କନ୍ଧମାଳ, ବୌଦ୍ଧ ଓ ଅନୁଗୁଳ ଜିଲ୍ଲାରେ ବଜ୍ରପାତ ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ୨୨ ତାରିଖରୁ ୨୩ ତାରିଖ ମଧ୍ୟରେ ୧୬ ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି । ଏହି ଜିଲ୍ଲାଗୁଡିକ ହେଲା ସମ୍ବଲପୁର , ଦେବଗଡ, ସୁନ୍ଦରଗଡ, ଅନୁଗୁଳ ,କେନ୍ଦୁଝର, ଢେଙ୍କାନାଳ, ଯାଜପୁର, ଭଦ୍ରକ , ବାଲେଶ୍ୱର, କେନ୍ଦ୍ରାପଡା, କଟକ, ଜଗତସିଂହପୁର ପୁରୀ, ଖୋର୍ଦ୍ଧା , ମାଲକାନଗିରି ଓ କୋରାପୁଟ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ଏହିସବୁ ଜିଲ୍ଲାଗୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

# ରାଜ୍ୟରେ କରୋନାରେ ଆଉ ୬୯ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୨୧/୦୭(ନି.ପ୍ର): ରାଜ୍ୟରେ କରୋନାରେ ଆଉ ୬୯ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୫୨୪୧ ହୋଇ ଯାଇଛି । ଖୋର୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୨୨ ଜଣ ମୃତ୍ୟୁବରଣ କରିଛନ୍ତି । ଏମାନଙ୍କ ମଧ୍ୟରେ ଭୁବନେଶ୍ୱରରେ ୧୭ ଜଣ ଅଛନ୍ତି । ସୁନ୍ଦରଗଡ ଜିଲ୍ଲାରେ ୧୦ ଜଣ ମୃତ୍ୟୁବରଣ କରିଛନ୍ତି । ବରଗଡ ଜିଲ୍ଲାରେ ୭ ଜଣ, ଅନୁଗୁଳ ଜିଲ୍ଲାରେ ୬ ଜଣ ଓ କେନ୍ଦୁଝର ଜିଲ୍ଲାରେ ୫ ଜଣ ମୃତ୍ୟୁବରଣ-କରିଛନ୍ତି । କେନ୍ଦ୍ରାପଡା ଜିଲ୍ଲାରେ ୪ ଜଣ, ଝାଲେଶ୍ୱର ଜିଲ୍ଲାରେ ୩ ଜଣ, ଭଦ୍ରକ , ବୌଦ୍ଧ ଗଂଜାମ, ନୟାଗଡ ଓ ପୁରୀ ଜିଲ୍ଲାରେ ୨-୨ ଜଣ, କୋରାପୁଟ, ସୁବର୍ଣ୍ଣପୁର ଜିଲ୍ଲାରେ ଜଣେ ଲେଖାଏଁ ମୃତ୍ୟୁବରଣ କରିଛନ୍ତି । ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ଯେ ପ୍ରତ୍ୟେକ ଦିନ ଆସୁଥିବା ମୃତ୍ୟୁ ସଂଖ୍ୟା ସେହି ନିର୍ଦ୍ଦିଷ୍ଟ ଦିନର ନୁହେଁ । ବିଭିନ୍ନ ସ୍ତରରେ ଅଡିଟ କରା ଯାଇ ମୃତ୍ୟୁ ସଂଖ୍ୟା ଘୋଷଣା କରା ଯାଉଥିବା ବିଭାଗ ପକ୍ଷରୁ କୁହା ଯାଇଛି ।

# ମୁମ୍ବାଇରେ ଭୀଷଣ ବର୍ଷା, ଜନଜୀବନ ଅସ୍ତବ୍ୟସ୍ତ

ମୁମ୍ବାଇ,୨୧/୦୭ (ନି.ପ୍ର): ମୁମ୍ବାଇରେ ବୁଧବାର ସକାଳ ପ୍ରାୟ ୯ଟା ଠାରୁ ରହି ରହି ହେଉଥିବା ମୂଷଳ ଧାରାରେ ବର୍ଷା ଯୋଗୁଁ ଖାଲୁଆ ଅଂଚଳ ଗୁଡିକ ଜଳମଗ୍ନ ହୋଇଯାଇଛି । ଏପରିକି ବର୍ଷାର ପ୍ରଭାବ ମଧ ରାଜରାସ୍ତାରେ ଦେଖିବାକୁ ମିଳିଛି । ଯାହାଫଳରେ କେତେକ ସ୍ଥାନରେ ଟ୍ରାଫିକ୍ ଜାମ୍ ହୋଇଯାଇଛି । ଫଳରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ତେବେ ମୁମ୍ବାଇର ଲାଇଫ୍ ଲାଇନ୍ କୁହାଯାଉଥିବା ଲୋକାଲ୍ ଟ୍ରେନ୍ ସେବା ପୂର୍ବବତ୍ ଜାରୀ ରହିଛି । ପାଣିପାଗ ବିଭାଗର ସୂଚନା ମୁତାବକ, ମୁମ୍ବାଇ ସିଏସଏମଟି ଅଂଚଳରେ ୪୦.୮୯ ମି.ମି., ମାଟୁଙ୍ଗାରେ ୩୩.୦୪ ମି.ମି., ବିକ୍ରୋଲିରେ ୩୯.୮୭ ମି.ମି. ବର୍ଷା ରେକର୍ଡ଼ କରାଯାଇଛି । ଅନୁରୂପ ଭାବେ ଥାଣେ ଏବଂ ପାଲଘରର କେତେକ ଅଂଚଳ ପାଣିଘେରରେ ରହିଛି । ଏହା ବ୍ୟତୀତ ଦାଦର, ଲାଲବାଗ, ସାୟନ ସର୍କଲ, କିଙ୍ଗ ସର୍କଲ, ମିଲନ ସବୱେ, ମାଲାଡ଼ ଏବଂ ଅନ୍ଧେରୀର କେତେକ ଅଂଚଳ ଜଳମଗ୍ନ ହୋଇଛି । କିନ୍ତୁ, ରେଳ ଧାରଣାକୁ ପାଣି ଆସିନି । ତେଣୁ, ଲୋକାଲ୍ ଟ୍ରେନ୍ ସେବା ପୂର୍ବବତ୍ ଜାରୀ ରହିଛି । ମୁମ୍ବାଇ ମହାନଗର ନିଗମ କର୍ମଚାରୀ ଜଳ ନିଷ୍କାସନ କାର୍ଯ୍ୟରେ ଲାଗି ପଡିଛନ୍ତି । ତେବେ ଯଦି ବର୍ଷା ଏଭଳି ଲାଗି ରହେ ସ୍ଥିତି ଆଗକୁ ଆହୁରି ବିଗିଡ଼ିବାର ଆଶଙ୍କା କରାଯାଇଛି ।

# ଭାରତକୁ ଉଜ୍ଜ୍ୱଳ ଜ୍ଞାନ ସମାଜ ଏବଂ ବୈଶ୍ୱିକ ଜ୍ଞାନର ମହାଶକ୍ତି ଭାବେ ପରିଣତ କରିବା ଆମର ଲକ୍ଷ୍ୟ : ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର,୨୧/୦୭ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଅଣାଯାଇଥିବା ନୂଆ ଜାତୀୟ ଶିକ୍ଷା ନୀତି (ଏନଇପି-୨୦୨୦) ମାଧ୍ୟମରେ ଭାରତକୁ ଏକ ଉଜ୍ଜ୍ୱଳ ଜ୍ଞାନ ସମାଜ ଏବଂ ବୈଶ୍ୱିକ ଜ୍ଞାନ ମହାଶକ୍ତି ଭାବେ ପରିଣତ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ବୁଧବାର ଓପି ଜିନ୍ଦଲ ଗ୍ଲୋବାଲ ୟୁନିଭର୍ସିଟି ଦ୍ୱାରା ଭର୍ଚୁଆଲ ମୋଡରେ ଆୟୋଜିତ ତିନିଦିନିଆ ୱାର୍ଲଡ୍ ୟୁନିଭର୍ସିଟି ସମ୍ମିଟରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ମହାମହିମ ଉପରାଷ୍ଟ୍ରପତି ଏମ୍ ଭେଙ୍କୟା ନାଇଡୁଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଥିବା ଏହି ସମ୍ମିଳନୀର ଶୀର୍ଷକ ରହିଛି 'ଭବିଷ୍ୟତର ବିଶ୍ୱବିଦ୍ୟାଳୟ : ଶିକ୍ଷାନୁଷ୍ଠାନ ଗୁଡ଼ିକର ନିର୍ମାଣରେ ସ୍ଥିରତା, ସାମାଜିକ ଦାୟିତ୍ୱ ଏବଂ ସମାଜର ପ୍ରଭାବ' । ଏହା ଉପରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତୀୟ ଉଚ୍ଚ ଶିକ୍ଷା ବ୍ୟବସ୍ଥାରେ ସ୍ୱାଧୀନତା ପରବର୍ତୀ ସମୟରେ ପରିବର୍ତନ ଅଣାଯାଇଥିଲା । ତେବେ ଜଗତିକରଣ ଏବଂ ଉଦାରିକରଣ ସମୟରେ ଆମର ରହିଥିବା ଲକ୍ଷ୍ୟକୁ ହାସଲ କରିବା ତଥା ଦେଶର ସାମଗ୍ରିକ ବିକାଶ କରିବା ପାଇଁ ଶିକ୍ଷା କ୍ଷେତ୍ରରେ ନୂଆ ସଂସ୍କାର ଅଣାଯିବା ନିହାତି ଜରୁରୀ ହୋଇପଡ଼ିଥିଲା । ଏହି ପରିପ୍ରେକ୍ଷୀରେ ଶିକ୍ଷା କ୍ଷେତ୍ରରେ ପ୍ରଧାନ ମୋଦିଙ୍କ ନେତୃତ୍ୱରେ ନୂଆ ଶିକ୍ଷା ଭିତିଭୂମି ପ୍ରସ୍ତୁତ କରିବା ପାଇଁ ଏନଇପି-୨୦୨୦ ଅଣାଯାଇଛି । ନୂଆ ଶିକ୍ଷା ନୀତିର ୪ଟି ସ୍ତମ୍ଭ ହେଉଛି ଗୁଣାତ୍ମକ, ସମାନତା, ଉପଲବ୍ଧି ଏବଂ ସୁଲଭରେ ଶିକ୍ଷା ପ୍ରଦାନ କରିବା । ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରିକଳ୍ପିତ ଆତ୍ମନିର୍ଭର ଭାରତର ମୂଳଦୁଆକୁ ମଜବୁତ୍ କରିବାରେ ନୂଆ ଜାତୀୟ ଶିକ୍ଷା ନୀତି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଷ୍ଟଡ଼ି ଇନ୍ ଇଣ୍ଡିଆ – ଷ୍ଟଡ଼ି ଇନ୍ ଇଣ୍ଡିଆ ଦୂରଦୃଷ୍ଟିରେ ନୂଆ ଶିକ୍ଷା ନୀତି ଦକ୍ଷତା ସହିତ ଶିକ୍ଷାର ଏକୀକରଣକୁ ସହଜ କରିବ । ଏହି ନୀତି ଦେଶର ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଶିକ୍ଷାକୁ ଆହୁରି ସାମଗ୍ରିକ, ନମନୀୟ, ବହୁବିଷୟକ କରିବା ସହିତ ଏକବିଂଶ ଶତାବ୍ଦୀର ଆବଶ୍ୟକତାର ଆବଶ୍ୟକତା ପ୍ରତି ଧ୍ୟାନ ଦେବ । ଏହା ପ୍ରତ୍ୟେକ ବିଦ୍ୟାର୍ଥୀଙ୍କ ଅଭିନବ ସାମର୍ଥ୍ୟକୁ ଆହୁରି ବିକଶିତ କରିବ । ଦେଶର ଶିକ୍ଷା କ୍ଷେତ୍ରକୁ ପରିବର୍ତନ କରିବା ଉପରେ ଭାରତ ସରକାରଙ୍କ ପ୍ରତିବଦ୍ଧତା ଉପରେ ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଛନ୍ତି । ଭାରତର ଯୁବକମାନଙ୍କ ପାଇଁ ନୂତନ ସୁଯୋଗ ତିଆରି କରିବା ପାଇଁ ବହୁମୁଖୀ ଶିକ୍ଷା ଏବଂ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ (ଏମଇଆରୟୁ) କୁ ଲୋକପ୍ରିୟ କରିବା ପାଇଁ ପଦକ୍ଷେପ ନିଆଯାଉଛି । ଏଥିସହ ଶିକ୍ଷାକୁ ସାମଗ୍ରିକ, ଅଭିନବ, ବିବିଧ ଭାଷାଭିତିକ ଏବଂ ବହୁ-ଶୃଙ୍ଖଳିତ କରିବା ପାଇଁ ବିଭିନ୍ନ ପ୍ରୟାସ କରାଯାଉଛି । କୋଭିଡ୍ ସମୟରେ ଡିଜିଟାଲ ଶିକ୍ଷାକୁ ପ୍ରୋତ୍ସାହନ ଦିଆଯାଇଛି । ବିଶେଷ ଭାବରେ ଶିକ୍ଷାକୁ ବିଶ୍ୱମାନର କରିବା, ଗବେଷଣା ଏବଂ ନବସୃଜନକୁ ପ୍ରୋତ୍ସାହନ ଏବଂ ଦେଶ ସମେତ ବିଶ୍ୱର ନାଗରିକଙ୍କ ସାମଗ୍ରିକ ବିକାଶ କରିବା ଉପରେ ଭାରତ ସରକାର ପ୍ରତିବଦ୍ଧ ଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି । ବର୍ତମାନର ଶିକ୍ଷା, ଭବିଷ୍ୟତର କ୍ଲାସରୁମ ଏବଂ ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ପରିବର୍ତିତ ବିଷୟ ଏବଂ ବାସ୍ତବତା, ଭାରତକୁ ଏକ ବିଶ୍ୱମାନର ଅଧ୍ୟୟନ ସ୍ଥଳ ଭାବରେ ପ୍ରୋତ୍ସାହିତ କରିବା, ମାନବ ସମ୍ବଳକୁ ମାନବ ପୁଞ୍ଜିରେ ପରିଣତ କରିବା ଉପରେ ମଧ୍ୟ କେନ୍ଦ୍ରମନ୍ତ୍ରୀ ଆଲୋକପାତ କରିଛନ୍ତି ।

# ଗୋଟିଏ ଦିନରେ ୧୯୨୭ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୨୧/୦୭(ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୯୨୭ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୫୯୯୮୬ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୯୩୫୦୦୭ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୧୯୬୮୫ ରହିଛି । ଆଜି ଚିହ୍ନଟ ହୋଇଥିବା ୧୯୨୭ ଜଣଙ୍କ ମଧ୍ୟରୁ ୧୧୧୫ ଜଣ ସଂଗରୋଧରୁ ହୋଇଥିବା ବେଳେ ୮୧୨ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୪୯୮ ଜଣ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମ୍ନରେ ଅନୁଗୁଳ ଜିଲ୍ଲାରୁ ୫୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୧୧୧ ଜଣ, ବରଗଡ଼ରୁ ୨୭ ଜଣ, ଭଦ୍ରକରୁ ୧୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୧୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୦୭, କଟକରୁ ୨୪୮, ଦେବଗଡ ଜିଲ୍ଲାରୁ ୬ ଜଣ, ଢେଙ୍କାନାଳ ଜିଲ୍ଲାରୁ ୭୫ ଜଣ, ଗଜପତି ଜିଲ୍ଲାରୁ ୪ , ଗଞ୍ଜାମରୁ ୧୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୯୧ ଜଣ, ଯାଜପୁରରୁ ୧୨୩ ଜଣ, ଝାରସୁଗୁଡ଼ାରୁ ୦୮ ଜଣ, କଳାହାଣ୍ଡିରୁ ୭ ଜଣ, କନ୍ଧମାଳ ଜିଲ୍ଲାରୁ ୧୮ ଜଣ. କେନ୍ଦ୍ରାପଡ଼ାରୁ ୭୩ ଜଣ, କେନ୍ଦୁଝରରୁ ୩୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୪୯୮ ଜଣ, କୋରାପୁଟରୁ ୮ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୧୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

## ସୁନାବେଶରେ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୧/୦୭ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୁନାବେଶ ଅବସରରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ଶ୍ରୀଜୀଉଙ୍କ ସୁନାବେଶ ଉପଲକ୍ଷେ ସମସ୍ତଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା। ମହାପ୍ରଭୁ ସମସ୍ତଙ୍କୁ କୋଭିଡ ସଂକ୍ରମଣରୁ ସୁରକ୍ଷିତ ରଖନ୍ତୁ। ଏହି ପବିତ୍ର ଅବସରରେ ସମସ୍ତଙ୍କ ସୁଖ ଓ ସମୃଦ୍ଧିମୟ ଜୀବନ କାମନା କରୁଛି।

## ଲଦାଖ ଏବଂ ଲେହରେ ଭୂକମ୍ପର ମୃଦୁ ଭୂମିକମ୍ପ

ଲଦାଖ,୨୧/୦୭ (ନି.ପ୍ର): ଲଦାଖ ଏବଂ ଲେହରେ ବୁଧବାର ସକାଳେ ପୁଣିଥରେ ମୃଦୁ ଭୂମିକମ୍ପ ଅନୁଭୂତ ହୋଇଛି । ରିକ୍ଟର ସ୍କେଲରେ ଏହି ଭୂକମ୍ପର ତୀବ୍ରତା ୩.୬ ବୋଲି ମାପ କରାଯାଇଛି । ସେ ଯାହାବି ହେଉ ବର୍ତମାନ ପର୍ଯ୍ୟନ୍ତ କୌଣସି ଧନଜୀବନ ନଷ୍ଟ ହେବାର ସୂଚନା ମିଳିପାରି ନାହିଁ । ଭୂକମ୍ପର ଝଟକା ଅନୁଭୂତ ହେବାପରେ ଲୋକମାନେ ନିଜ ନିଜ ଘରୁ ବାହାରକୁ ବାହାରି ଆସିଛନ୍ତି । ଏହାପୂର୍ବରୁ ଜୁନ୍ ମାସରୁ ଏବେ ପର୍ଯ୍ୟନ୍ତ କେନ୍ଦ୍ରଶାସିତ ପ୍ରଦେଶ ଜାମ୍ମୁ-କାଶ୍ମୀର ଏବଂ ଲଦାଖରେ ଛଅଥର ଭୂକମ୍ପର ଝଟ୍‌କା ଅନୁଭୂତ ହୋଇଯାଇଛି ।

# ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବୈଠକ

## ଦିବଂଗତ ଚକ୍ଷୁ ଚିକିତ୍ସକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି



ବାଲେଶ୍ୱର,୨୧/୦୭ (ନି.ପ୍ର): ବାଲେଶ୍ୱର ଜିଲା ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ଦିବଂଗତ ସଦସ୍ୟ ବିଶିଷ୍ଟ ଚକ୍ଷୁ ଚିକିତ୍ସାବିତ ଦିବଂଗତ ଡା. ରମାକାନ୍ତ ନାୟକଙ୍କ ଉଦ୍ଦେଶ୍ୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ସଂଘ କାର୍ଯ୍ୟାଳୟର ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ଧୀରେନ୍ଦ୍ର ନାରାୟଣ ଦାସ ଅଧ୍ୟକ୍ଷତା ସହ ସ୍ୱର୍ଗତ ଡାକ୍ତର ନାୟକଙ୍କ ଜୀବନଧାରା ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ଡାକ୍ତର ନାୟକଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ ଓ ନିରବ ପ୍ରାର୍ଥନା ସହ ଉପସ୍ଥିତ ସଦସ୍ୟମାନେ ଦିବଂଗତ ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଶୋକସଭା ପରେ ସଂଘର ସାଧାରଣ ସମ୍ପାଦକ ଇଂ ବନମାଳି ନାୟକ ଗତ ବିବରଣୀ ଉପସ୍ଥାପନ ସହ ଅନ୍ୟାନ୍ୟ ବିଷୟ ଉପରେ ଆଲୋଚନା ଆରମ୍ଭ କରିଥିଲେ। ସଂଘର ୨୦୨୧ ମସିହା ବାର୍ଷିକ ସାଧାରଣ ସଭା ଅଦ୍ୟାବଧି ଅନୁଷ୍ଠିତ ହୋଇ ପାରିନଥିବା ବେଳେ ଆସନ୍ତା ୨୦୨୨ ଫେବୃଆରୀ ମାସର ଶେଷ ରବିବାର ତା ୨୭-୦୨-୨୦୨୨ରିଖରେ ଆୟୋଜନ ପାଇଁ ସିଦ୍ଧାନ୍ତ ଗ୍ରହଣ କରାଗଲା। ଏହି ବାର୍ଷିକ ସାଧାରଣ ସଭାରେ ୨୦୨୦ ଏବଂ ୨୦୨୧ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ଅଧିକ ନମ୍ବର ରଖି ସର୍ବୋଚ୍ଚ ସ୍ଥାନରେ ଥିବା ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା । ଏଥି ସହିତ ଆସନ୍ତା ଅଗଷ୍ଟ ମାସରେ ସଂଘର ବ୍ରହ୍ମପୁର ଶାଖା କାର୍ଯ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯିବାର ନିଷ୍ପତ୍ତି ଗ୍ରହଣ କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ବସନ୍ତ କୁମାର ନାୟକ, ଶଶାଙ୍କ ଶେଖର ଦତ୍ତ, ଡା. ତାରାକାନ୍ତ ନନ୍ଦ, ଶେଖ୍ ଆଲାଉଦ୍ଦିନ୍, ଭବେଶ ଚନ୍ଦ୍ର ପଣ୍ଡା, ଇଂ. କେଶବ ଚନ୍ଦ୍ର ମହାନ୍ତି, ବେଣୁଧର ପାଳ, ସୁଦର୍ଶନ ଦାସ ପ୍ରମୁଖ ଏହି ବୈଠକ ଉପସ୍ଥିତ ରହି ମତାମତ ଦେଇଥିଲେ । ସୀତାରାମ ପ୍ରଧାନ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ବାଲେଶ୍ୱରରେ ଇଦ-ଉଲ-ଜୁହା ପାଳିତ



ବାଲେଶ୍ୱର,୨୧/୦୭ (ନି.ପ୍ର): କରୋନା କଟକଣା ମଧ୍ୟରେ ସହର ସମେତ ସମଗ୍ର ବାଲେଶ୍ୱର ଜିଲାରେ ଶ୍ରଦ୍ଧାର ସହ ତ୍ୟାଗ ଓ ବଳିଦାନର ପର୍ବ ଇଦ-ଉଲ-ଜୁହା ବୁଧବାର ପାଳିତ ହୋଇଯାଇଛି । ବାଲେଶ୍ୱର ସହରର ଇସଲାମ ଧର୍ମାବଲମ୍ବୀ ସମ୍ପ୍ରଦାୟର ଲୋକେ ସକାଳେ ଘରେ ରହି ନମାଜ ପାଠ କରିଥିବା ବେଳେ କାଁ ଭାଁ ଲୋକେ ଦରଘା ମଇଦାନସ୍ଥିତ ରସୁଲ କଦମରେ ପହଞ୍ଚି ସାମାଜିକ ଦୂରତା ରକ୍ଷା ସହ ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ପୂର୍ବବର୍ଷ ଭଳି କରୋନା କଟକଣା ଯୋଗୁଁ ଚଳିତ ବର୍ଷ ସାମୂହିକ ନମାଜ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ପାରିନଥିଲା । ଏମିତିକି ପରସ୍ପରକୁ ଆଲିଙ୍ଗନ ସହ ଶୁଭେଚ୍ଛା ଜଣାଇବା ଇଦ ପର୍ବର ମୁଖ୍ୟ କାର୍ଯ୍ୟକ୍ରମ ହୋଇଥିଲେ ବି କରୋନା ସଂକମଣ ଯୋଗୁଁ ସମସ୍ତେ ସେଥିରୁ ନିବୃତ ହୋଇଥିଲେ। ପ୍ରଶାସନର ନିୟମ ପାଳନ ପୂର୍ବକ ପ୍ରତ୍ୟେକ ମସଜିଦ୍‌ରେ ମୌଲବୀଙ୍କ ସମେତ ୫ ଜଣ ଲେଖାଏଁ ନମାଜ ପାଠ କରିଥିବା ଦେଖିବାକୁ ମିଳିଥିଲା । ଧର୍ମ ଅପେକ୍ଷା ମାନବ ଜୀବନ ରକ୍ଷାକୁ ଗୁରୁତ୍ୱ ଦେଇ ବାଲେଶ୍ୱରର ମୁସଲମାନ ସମ୍ପ୍ରଦାୟ ଲୋକେ ସରକାରଙ୍କ କୋଭିଡ ନିୟମ ପାଳନ କରି ନିରାଡ଼ମ୍ବର ଭାବେ ଇଦ ପାଳନ କରିଥିବା ସେମାନେ କହିଛନ୍ତି । ତେବେ ଘରେ ରହି ମଧ୍ୟ ଆଲ୍ଲାଙ୍କ ନିର୍ଦ୍ଦେଶ ମାନି ଏହି ପର୍ବକୁ ଶ୍ରଦ୍ଧାର ସହ ପାଳନ କରିପାରିଛନ୍ତି ବୋଲି ସେମାନେ ସୂଚନା ଦେଇଛନ୍ତି । ଅନ୍ୟବର୍ଷ ମାନଙ୍କରେ ଇଦ ବେଳେ ଲୋକାରଣ୍ୟ ହୋଇଯାଉଥିବା ବାଲେଶ୍ୱରର ମସଜିଦଗୁଡ଼ିକ କରୋନା ସଂକ୍ରମଣ ଆଶଙ୍କା ଓ ସରକାରୀ କଟକଣା ପାଇଁ ଜନଶୂନ୍ୟ ଭଳି ଅନୁଭୂତ ହୋଇଛି ।

# ଐତିହାସିକ ରାଇବଣିଆ ଦୁର୍ଗରେ ଥିବା ଗଡଚଣ୍ଡୀ ମନ୍ଦିର ଉନ୍ନତି ନିମନ୍ତେ ବୈଠକ



ଜଳେଶ୍ୱର,୨୧/୦୭ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନସ୍ଥ ରାଇବଣିଆ ଦୁର୍ଗ ମଧ୍ୟରେ ଥିବା ଗଡଚଣ୍ଡୀ ମନ୍ଦିରର ପୁନଃରୁଦ୍ଧାର ଓ ଉନ୍ନତିକରଣ ଲାଗି ଏକ ବୈଠକ ଆଜି ବୁଧବାର ମଧ୍ୟାହ୍ନରେ ଅନୁଷ୍ଠିତ ହୋଇଛି । ଏଥିରେ ଗଡ ସୁରକ୍ଷା କମିଟିର ସଭାପତି ପ୍ରଫୁଲ୍ଲ ସୁର, ସଂପାଦକ ଡ. ଶ୍ରୀକାନ୍ତ ଚରଣ ପାତ୍ର, ସନ୍ଦିପ ଘୋଷ, ବସନ୍ତ ଘୋଷ, ବିଷ୍ଣୁପଦ ଆଚାର୍ଯ୍ୟ, ସନ୍ତୋଷ ଜେନା ପ୍ରମୁଖ ଉପସ୍ଥିତ ଥିଲେ । ବିଧାୟକଙ୍କ ପ୍ରଚେଷ୍ଟାରେ ଜାତୀୟ ରୁର୍ବାନ ମିଶନରୁ ୫୦ଲକ୍ଷ ଟଙ୍କା, ରାସ୍ତା ନିର୍ମାଣ ଲାଗି ୧୮ ଲକ୍ଷ ଟଙ୍କା, ଜଳଯୋଗାଣ ଓ ବିଦ୍ୟୁତ୍ ସଂଯୋଗଲାଗି ୧୭ଲକ୍ଷ ଟଙ୍କା ପ୍ରଦାନ ନିମନ୍ତେ ଅନୁମୋଦନ ଲାଭ କରିଥିବା ସଂପର୍କରେ ଆଲୋଚନା ହୋଇଥିଲା । ଆଜିର ବୈଠକରେ ଅନ୍ୟଏକ ନୂତନ ଡେଭ୍‌ଲପ୍‌ମେଣ୍ଟକମିଟିରେ ସଭାପତି ବ୍ରିଜେଶ ରଣା, ଉପସଭାପତି ଗଂଗାଧର ଦାସ, ସାଧାରଣ ସଂପାଦକ ସୁକୁମାର ପ୍ରଧାନ, ସଂପାଦକ ବସନ୍ତ ଘୋଷ, କୋଷାଧ୍ୟକ୍ଷ ଦିଲ୍ଲିପ ସାମଲ, ସହସଂପାଦକ ନୃସିଂହଚରଣ ଦାସମହାପାତ୍ର ପ୍ରମୁଖ ମନୋନୀତ ହୋଇଛନ୍ତି ।

## ସଫଳ ରଥଯାତ୍ରା ପାଇଁ ସାଧୁବାଦ ଜଣାଇଲେ ରାଜ୍ୟପାଳ

ଭୁବନେଶ୍ୱର,୨୧/୦୭ (ନି.ପ୍ର): ସୂଚାରୁ ରୂପେ ରଥଯାତ୍ରା ସମ୍ପନ୍ନ ହୋଇଥିବାରୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ସମସ୍ତଙ୍କୁ ସାଧୁବାଦ ଜଣାଇଛନ୍ତି । ରାଜ୍ୟପାଳ ଟୁଇଟ୍ କରିଛନ୍ତି ଯେ କୋଭିଡ଼୍ ଭଳି କଠିନ ସମୟରେ ଶ୍ରୀଜଗନ୍ନାଥଙ୍କ କରୁଣାରୁ ରଥଯାତ୍ରା ସୂଚାରୁ ରୂପେ ଆୟୋଜିତ ହୋଇଛି । ଏହି ସମୟରେ ସମସ୍ତଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ଏହି ଯାତ୍ରାକୁ ସଫଳ କରିଥିବା ଯୋଗୁ ରାଜ୍ୟପାଳ ଶ୍ରୀମନ୍ଦିର ପ୍ରଶାସନ,ସେବାୟତ,ପୋଲିସ୍, ପୁରୀ ଜିଲ୍ଲା ପ୍ରଶାସନ ଓ ନଗରପାଳିକା କର୍ମକର୍ତାଙ୍କୁ ସାଧୁବାଦ ଜଣାଇଛନ୍ତି ।

# ଚାନ୍ଦା ଆଦାୟ କରୁଥିବା ବେଳେ ଯୁବକ ଗିରଫ

ଜଳେଶ୍ୱର,୨୧/୦୭ (ନି.ପ୍ର): ଜାତୀୟ ରାଜପଥ ୬୦ର ଲକ୍ଷ୍ମଣନାଥ ଟୋଲ ପ୍ଲାଜାର ଉଭୟ ପାର୍ଶ୍ୱରେ ପ୍ରାୟ ୨ କି.ମି. ପରିଧି ମଧ୍ୟରେ ସ୍ଥାନୀୟ ଅଂଚଳର ବହୁ ଯୁବକମାନେ ବିଭିନ୍ନ ଗାଡି ମାନଙ୍କୁ ଯୋରଜବରଦସ୍ତ ଚାନ୍ଦା ଆଦୟ ଓ ରାହାଜାନୀ ଇତ୍ୟାଦି କରୁଥିବାରୁ ବିଭିନ୍ନ ସମୟରେ ଖବର ପ୍ରସାରଣ ପରେ ଜଳେଶ୍ୱର ପୁଲିସ୍ ଚେଇଁ ଉଠିଛି । ଆଜି ଦେଉଳା ଗ୍ରାମର ଆଶିଷ ଜେନା ଓରଫ କାଳିଆ (୨୨) ସହିତ ପ୍ରାୟ ୬/୭ଜଣ ଯୁବକ ଲକ୍ଷଣନାଥ ଷ୍ଟେସନ ପୋଲ ଉପରେ ଚାନ୍ଦା ଉଠାଉଥିବା ବେଳେ ପୁଲିସ୍ ପକ୍ଷରୁ ଅତର୍କିତ ଚଢାଉ କରାଯାଇଥିଲା । ଫଳରେ କାଳିଆକୁ ଗିରଫ କରାଯାଇଥିଲେ ମଧ୍ୟ ତାର ସହଯୋଗୀମାନେ ଦୌଡି ପଳାଇଥିଲେ । ଏଠାରେ ଥାନା ପକ୍ଷରୁ ବାରମ୍ବାର ଚଢାଉ କରାଯାଇ ଗିରଫ କରାଯାଉଥିଲେ ମଧ୍ୟ ସେମାନଙ୍କ ବିରୁଦ୍ଧରେ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ପୁଣିଥିରେ ଏପରି କାର୍ଯ୍ୟରେ ଲିପ୍ତ ରହୁଛନ୍ତି । ତେଣୁ କୋର୍ଟ ନିକଟରେ ଏକ ଫାଣ୍ଡି ପ୍ରତିଷ୍ଠା ହେଲେ ଏପରି ଚୋରୀ, ଛିନ୍‌ତାୟୀ ଓ ରାହାଜାନୀ ଭଳି କାର୍ଯ୍ୟ ବନ୍ଦ ହୋଇ ପାରନ୍ତି ବୋଲି ବୁଦ୍ଧିଜିବୀ ମହଲରେ ଆଲୋଚନା ହେଉଛି ।

# ଟ୍ରକ୍ଟର ଧକ୍କାରେ ଖବରକାଗଜ ବିକ୍ରେତାଙ୍କ ମୃତ୍ୟୁ



ବାଲେଶ୍ୱର,୨୧/୦୭ (ନି.ପ୍ର): ବାଲେଶ୍ୱରର ଖବର କାଗଜ ବିତରକ ରାଜେନ୍ଦ୍ର ନାୟକ(୪୫)ଙ୍କର ଏକ ସଡ଼କ ଦୁର୍ଘଟଣାରେ ବୁଧବାର ମୃତ୍ୟୁ ହୋଇଯାଇଛି । ସଦର ଥାନା ଅନ୍ତର୍ଗତ ଓଲନ୍ଦାସାରଗାଁ ପଞ୍ଚାୟତ ଦିଗିଦା ଅଞ୍ଚଳର ଜଳଧର ନାୟକଙ୍କ ପୁତ୍ର ରଜେନ୍ଦ ଦୀର୍ଘଦିନ ଧରି ବାଲେଶ୍ୱର ସହର ସମେତ ଗ୍ରାମାଞ୍ଚଳରେ ଖବରକାଗଜ ବାଣ୍ଟନ କାର୍ଯ୍ୟ କରିଆସୁଥିଲେ । ଅନ୍ୟଦିନ ପରି ଆଜି ସକାଳେ ସହର ପରେ ସେ ଗ୍ରାମାଞ୍ଚଳରେ ଖବରକାଗଜ ବାଣ୍ଟୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା । ପାଳସିଆ ଗ୍ରାମର କିଛି ଲୋକଙ୍କ ଘରେ ଖବରକାଗଜ ଦେବା ପରେ ସେ ଗୁଡୁଦାକୁ ସେ ଯାଉଥିଲେ । ବାଇକରେ ପାଳସିଆ ଛକ ଅତିକ୍ରମ କରୁଥିବା ବେଳେ ଟ୍ରାକ୍ଟର ଧକ୍କାରେ ସେ ଗୁରୁତର ହୋଇ ତଳେ ପଡ଼ି ଯାଇଥିଲେ । ତାଙ୍କୁ ସଙ୍ଗେ ସଙ୍ଗେ ଜିଲାମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲେ ବି ଡାକ୍ତର ଏଠାରେ ରାଜେନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ । ତେବେ ପରିବାର ପକ୍ଷରୁ ତାଙ୍କର ଚକ୍ଷୁ ଦାନ କରାଯାଇଛି । ରାଜେନ୍ଦ୍ରଙ୍କ ମୃତ୍ୟୁକୁ ନେଇ ଖବରକାଗଜ ବିତରକ ସଂଘ ପକ୍ଷରୁ ଗଭୀର ଶୋକ ପ୍ରକାଶ ପାଇଛି । ଖବରକାଗଜ ବିକ୍ରି କରି ସମୀତ ଅର୍ଥରେ ଗୁଜରାଣ ମେଣ୍ଟାଉଥିବା ରାଜେନ୍ଦ୍ରଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି ।

## ୨୪ ଘଂଟାରେ ୧୯୪୩ ଆକ୍ରାନ୍ତ ସୁସ୍ଥ

ଭୁବନେଶ୍ୱର,୨୧/୦୭ (ନି.ପ୍ର): ରାଜ୍ୟରେ ଆଜି କରୋନା ଭାଇରସ ସଂକ୍ରମଣରୁ ୧୯୪୩ ଜଣ ଲୋକ ସୁସ୍ଥ ହୋଇଛନ୍ତି । ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୯ ଲକ୍ଷ ୩୬ ହଜାର ୯୫୦ରେ ପହଂଚିଛି ।ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୩୫୬ ଜଣ ଓ କଟକ ଜିଲ୍ଲାରୁ ୨୬୩ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଯାଜପୁର ଜିଲ୍ଲାରୁ ୨୪୨, ବାଲେଶ୍ୱରରୁ ୧୪୩, ମୟୂରଭଂଜରୁ ୧୦୩, ଭଦ୍ରକରୁ ୯୪, ଜଗତସିଂହପୁରରୁ ୯୧, ସୁନ୍ଦରଗଡ଼ରୁ ୭୩, ନୟାଗଡରୁ ୭୦, ଅନୁଗୁଳରୁ ୬୫ ଓ ଢେଙ୍କାନାଳରୁ ୬୪ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । କେନ୍ଦ୍ରାପଡ଼ାରୁ ୫୪, କେନ୍ଦୁଝରରୁ ୩୫, ସମ୍ବଲପୁରରୁ ୩୦, ମାଲକାନଗିରିରୁ ୨୯, ପୁରୀରୁ ୨୫, କନ୍ଧମାଳ, କୋରାପୁଟ ଓ ରାୟଗଡ଼ାରୁ ୨୧ ଜଣ ଲେଖାଏଁ, ନବରଂଗପୁରରୁ ୧୪, ବରଗଡ଼ରୁ ୧୨, ବୌଦ୍ଧରୁ ୧୧, ସୁବର୍ଣ୍ଣପୁରରୁ ୯, ଗଂଜାମ, ଝାରସୁଗୁଡ଼ା, କଳାହାଣ୍ଡି ରୁ ୮ ଜଣ ଲେଖାଏଁ, ଗଜପତିରୁ ୬, ଦେବଗଡ଼ରୁ ୫, ନୂଆପଡ଼ାରୁ ୨, ବଲାଙ୍ଗୀରରୁ ଜଣେ ଏବଂ ରାଜ୍ୟପୁଲରୁ ୫୯ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ।


# ଜ୍ୟୋତିଶ୍ରୀଙ୍କ ଗୃହ ନିର୍ମାଣ ପାଇଁ ୧.୫ ଲକ୍ଷ ଟଙ୍କା ସହାୟତା ପ୍ରଦାନ କଲେ ଭୁବନେଶ୍ୱରର ଯୁବ ବ୍ୟବସାୟୀ



ବାଲିଆପାଳ,୨୧/୦୭ (ନି.ପ୍ର): ବାଲିଆପାଳ ବ୍ଲକ ନୟାବାଲି ଗ୍ରାମରେ ବାପ ମା ଛେଉଣ୍ଡ ନାବାଳିକା ଜ୍ୟୋତିଶ୍ରୀଙ୍କ ଦୁଃଖ କାହାଣୀ ଗଣ ମାଧମରେ ପ୍ରକାଶ ପାଇବା ପରେ ଦିନକୁ ଦିନ ସହାୟତାର ହାତ ବଢିବାରେ ଲାଗିଛି । ଆଜି ଭୁବନେଶ୍ୱରର ଜୈନିକ ଯୁବ ବ୍ୟବସାୟୀ ସୌଭାଗ୍ୟ ମଲ୍ଲିକ ଏହି ବାପା ମା ଛେଉଁଡ ଜ୍ୟୋତିଶ୍ରୀଙ୍କ ବିଷୟରେ ବିଭିନ୍ନ ଗଣ ମାଧ୍ୟମରୁ ଜାଣିବା ପରେ ଜ୍ୟୋତିଶ୍ରୀଙ୍କ ନୟାବାଲି ସ୍ଥିତ ବାସଭବନରେ ପହଁଚିଥିଲେ । ଅସହାୟ ଅବସ୍ଥାରେ ନିଜର ୮୦ ବର୍ଷୀୟା ବୃଦ୍ଧା ଆଇ ସହିତ ରହୁଥିବା ଜରାଜିନ୍ନ ଗୃହର ନିର୍ମାଣ ପାଇଁ ନଗଦ ୫୦ ହଜାର ଟଙ୍କା ଏବଂ ୧ ଲକ୍ଷ ଟଙ୍କାର ଚେକ ପ୍ରଦାନ କରିଛନ୍ତି । ଏଥି ସହିତ ଜ୍ୟୋତିଶ୍ରୀଙ୍କ ପାଠପଢାର ସମସ୍ତ ଖର୍ଚ୍ଚ ବହନ କରିବେ ବୋଲି ମଧ୍ୟ ପ୍ରତିଶୃତି ଦେଇଛନ୍ତି । ସୂଚନା ଯୋଗ୍ୟ ମାହାମାରୀ କରୋନା ଜ୍ୟୋତିଶ୍ରୀଙ୍କ ପାଖରୁ ଗତ ୧୦ ଦିନ ତଳେ ତାଙ୍କ ମାଙ୍କୁ ଛଡାଇ ନେଇଥିଲା । ମା ଗର୍ଭରେ ଥିବା ବେଳେ ତାଙ୍କର ବାପା କ୍ୟାନସରରେ ମୃତ୍ୟୁବରଣ କରିଥିଲେ ।

# ଭଦ୍ରକରେ ନିରାଡମ୍ବର ଭାବେ ଇଦ-ଉଲ-ଜୁହା ପାଳିତ

## ନିୟମ ମାନିଲେ, ମସଜିଦ୍‌ରେ ସମବେତ ହେଲେନି



ଭଦ୍ରକ,୨୧/୦୭ (ନି.ପ୍ର): ତ୍ୟାଗ ଓ ବଳିଦାନର ପର୍ବ ହେଉଛି ଇଦ-ଉଲ-ଯୋହା । ଇଦ୍‌ର ଅର୍ଥ ଖୁସୀ, ଇସଲାମ୍ ଧର୍ମର ଶେଷ ମାସରେ ପାଳନ ହୁଏ ଇଦ-ଉଲ-ଜୁହା ପର୍ବ । ସମାଜରେ ବାସ୍ତବିକ୍ ଖୁସୀ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ପ୍ରତିଷ୍ଠା ନିମନ୍ତେ ଆମ ସଭିଙ୍କୁ ତ୍ୟାଗ ଓ ବଳିଦାନ କରିବାର ଆବଶ୍ୟକତା ଅଛି । ଯଦି ପ୍ରତ୍ୟେକ ମଣିଷ ଉପରୋକ୍ତ ବଳିଦାନ ପାଇଁ ଆଗଭର ହୁଅନ୍ତି, ତେବେ ସମାଜରେ ଶାନ୍ତି ଓ ଭାତୃତ୍ୱ ଭାବ ପ୍ରତିଷ୍ଠା ହୋଇପାରିବ ବୋଲି ଏହି ପର୍ବ ବାର୍ତ୍ତା ପ୍ରଦାନ କରିଥାଏ । ପ୍ରତ୍ୟେକ ବର୍ଷ ଏହି ପର୍ବ ସମଗ୍ର ବିଶ୍ୱରେ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଉଥିବାବେଳେ, ଭଦ୍ରକରେ ମଧ ଅନୁରୂପ ଢ଼ଙ୍ଗରେ ପାଳନ ହୋଇଥାଏ । କିନ୍ତୁ ଗତ ବର୍ଷ ଠାରୁ କ୍ରମାଗତ ଦ୍ୱିତୀୟ ବର୍ଷରେ ଏହି ପବିତ୍ର ପର୍ବ କରୋନା ସଂକ୍ରମଣ ପାଇଁ ସମ୍ପୂର୍ଣ୍ଣ ଫିକା ପଡ଼ିଛି । ଭଦ୍ରକ ପୌରାଞ୍ଚଳ କଦମବେଢ଼ାସ୍ଥିତ ଇଦ୍‌ଘା ଓ ପୁରୁଣାବଜାରସ୍ଥିତ ଜାମା ମସଜିଦ୍ ସମେତ କୌଣସି ମସଜିଦରେ ସମବେତ ପ୍ରାର୍ଥନା ଦେଖିବାକୁ ମିଳି ନାହିଁ । ତେଣୁ ଯେଉଁ ଇଦଘା ପଡ଼ିଆରେ ହଜାର ହଜାର ସଂଖ୍ୟାରେ ଇସଲାମ ଧର୍ମାବଲମ୍ବୀ ଏକତ୍ରିତ ହୋଇ ନମାଜ ପାଠ କରିଥାନ୍ତି, ସେହି ଜାଗା ଆଜି ପୁରା ଫାଙ୍କା ପଡ଼ିଥିଲା । ଅନୁରୂପ ସହରର ସମସ୍ତ ମସଜିଦ୍ ମଧ ଶ୍ରଦ୍ଧାଳୁଶୂନ୍ୟ ରହିଥିଲା । ପ୍ରଶାସନିକ ନିଷ୍ପତ୍ତି ଅନୁଯାୟୀ ସମସ୍ତ ସ୍ଥାନରେ କୋଭିଡ କଟକଣା ନିୟମାନୁଯାୟୀ ସ୍ଥାନୀୟ ମୌଲବୀଙ୍କ ସମେତ ୫ଜଣ ବ୍ୟକ୍ତି ସେଠାରେ ପହଞ୍ଚି ନମାଜ ପାଠ କରିଥିଲେ । ଗତବର୍ଷ ପରି ଚଳିତ ବର୍ଷ ମଧ ପର୍ବ ଫିକା ପଡ଼ିଥିଲେ ମଧ କୌଣସି ବ୍ୟକ୍ତିବିଶେଷଙ୍କ ନିକଟରେ ଏଥି ନିମିତ୍ତ ସାମାନ୍ୟତମ ଅନୁଶୋଚନା ନାହିଁ ବୋଲି ସମାଜସେବୀ ତଥା ଜାମା ମସଜିଦ୍ କମିଟିର ସହ ସମ୍ପାଦକ ଶେଖ ଅନୱାର କହିଛନ୍ତି । ତେବେ ପୁରୁଣାବଜାର ଜାମା ମସଜିଦରେ ୮.୧୫ ଓ ଇଦଘା ମଇଦାନ ଠାରେ ୮.୩୦ରେ ନମାଜ ପାଠ ଅନୁଷ୍ଠିତ ହୋଇଥିଲା । ସେହିପରି ଛଡ଼ାକମହଲା, କାଜି ମହଲା, ବଡ଼ ଶଙ୍କରପୁର, ସାନଶଙ୍କରପୁର, ମିର୍ଜାପୁର, ଅଲାଲପୁର, ଦୁର୍ଗାପୁର, ଶେଖସାହି, ନଙ୍ଗାମହଲା, ହଜାରୀନଗର, ସାହାପୁର, ଏଲଖା, ଚରମ୍ପାସ୍ଥିତ ମସଜିଦରେ ମଧ ସେହି ଗୋଟିଏ ସମୟ ୮.୩୦ରେ ନମାଜ ପାଠ କରାଯାଇଥାଏ । କିନ୍ତୁ ପାରମ୍ପରିକ ରିତୀରେ ଏସମସ୍ତ ସ୍ଥାନରେ ନମାଜ ପାଠ କରାଯାଇଥିଲେ ମଧ କରୋନା ମହାମାରୀ ପାଇଁ ଶ୍ରଦ୍ଧାଳୁମାନେ ସେଠାକୁ ଯାଇନଥିଲେ ।

# କୁଳିଅଣା ବ୍ଲକ ସହକାରୀ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

## ଏକ ସଂଗରେ ପାଂଚଟି ଜାଗାରେ କରାଯାଇଛି ଚଢାଉ



ବାରିପଦା,୨୧/୦୭ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା କୁଳିଅଣା ବ୍ଲକର ସହକାରୀ ଯନ୍ତ୍ରୀ ଧରିଆ ମାଝୀଙ୍କ ଘରେ ଭିଜିଲାନ୍ସ ଚଢ଼ାଉ ହୋଇଥିବାର ଜଣା ଯାଇଛି । ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଏହି ଚଢାଉ ଏକ ସଂଗରେ ପାଂଚଟି ଜାଗାରେ କରା ଯାଇଥିବାର ଖବର ମିଳିଛି । ଚାନ୍ଦୁଆ ସ୍ଥିତ କୁଳିଅଣା ବ୍ଲକ ଅଫିସ, ବାରିପଦାର କାଳିକାପୁର ବାସଭବନ, କୋଷ୍ଠା ଠାରେ ଥିବା ମାର୍କେଟ କମ୍ପ୍ଲେକ୍ସ, ଶୁଳିଆପଦାର ବଡଶୁକୁଳିଆଖୋଲ ଠାରେ ଥିବା ପୈତୃକ ଘର ଏବଂ ବଡ଼ସାହିର ଧନଶୁଳା ଗ୍ରାମରେ ଥିବା ଶ୍ୱଶୁର ଘର ଉପରେ ଏକ ସଂଗରେ ଚଢାଉ କରିଛି ଭିଜିଲାନ୍ସ ଟିମ । ବାଲେଶ୍ୱର ଭିଜିଲାନ୍ସ ଏସପି ସନ୍ତୋଷ କୁମାର ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଏକ ସଂଗରେ ୪ ଟି ସ୍ୱତନ୍ତ୍ର ଟିମ ତଦନ୍ତ କରିଥିବା ବେଳେ ବରିପଦା ଟାଉନରେ ଗୋଟିଏ ତିନି ମହଲା କୋଠା, କୋଷ୍ଠା ଠାରେ ଗୋଟିଏ ଦୁଇମହଲା ମାର୍କେଟ କମ୍ପ୍ଲେକ୍ସ, ୨ଟି ପ୍ଲଟ୍ , ୪ଟି ଚାରି ଚକିଆ ଯାନ, ଟ୍ରାକ୍ଟର, ଦୁଇ ଚକିଆ ଯାନ, ୧୧ ଲକ୍ଷରୁ ଅଧିକ ମୂଲ୍ୟର ବ୍ୟାଙ୍କ ଜମା, ୧ଲକ୍ଷ ୪୧ ହଜାର ରୁ ଅଧିକ ନଗଦଅର୍ଥ ରାଶି ଏବଂ ଅନ୍ୟାନ୍ୟ ଚଳନ ଶୀଳ ଏବଂ ଅସ୍ଥାବର ସମ୍ପତ୍ତି ମିଳିଥିବାର ଜଣାଯାଇଛି । ବର୍ତ୍ତମାନ ପର୍ଯ୍ୟନ୍ତ ଘର ଖୋଜାଖୋଜି ସମୟରେ ସମୁଦାୟ ୧ କୋଟିରୁ ଅଧିକ ମୂଲ୍ୟର ସମ୍ପତ୍ତି ଜବଦ ହୋଇଥିବା ବେଳେ, ସମ୍ପୂର୍ଣ ଆକଳନ ପରେ ଜବଦ ସମ୍ପତ୍ତିର ମୂଲ୍ୟ ଜଣାପଡିବ ବୋଲି ଭିଜିଲାନ୍ସ ବିଭାଗ ପକ୍ଷରୁ କୁହା ଯାଇଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo